


ହକି ପ୍ରେମୀଙ୍କ ମନ ଜିଣିଛନ୍ତି ଯୁଗରାଜ — ପୃଷ୍ଠା ୪

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 324 | ଭାଗ ୩୨ | ସଂଖ୍ୟା ୩୨୪ — Bhubaneswar | Monday 17 February 2025 | Page 8 Rs. 4.00 — ● ଭୁବନେଶ୍ୱର ସୋମବାର ୧୭ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ୧୮ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ

### ଆଜି ହଟିବ ସସ୍‌ପେନ୍ସ




ନୂଆଦିଲ୍ଲୀ,୧୬।୨: ଦିଲ୍ଲୀରେ ଦୀର୍ଘ ୨୭ ବର୍ଷ ପରେ କ୍ଷମତାକୁ ଆସିଥିବା ବିଜେପି ଆଜି ପର୍ଯ୍ୟନ୍ତ ଯଦିଓ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିନାହିଁ, ତଥାପି ଆସନ୍ତା ୧୮ରେ ନୂତନ ମୁଖ୍ୟମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥପାଠ କରିବେ ବୋଲି ତାରିଖ ଧାର୍ଯ୍ୟ କରିଛି। ରାଜଧାନୀର ରାମଲୀଳା ମଇଦାନରେ ମଧ୍ୟାହ୍ନ ୧୨ଟା ସମୟରେ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ। ଏଥିସହ ଏହି ଶପଥପାଠ ଉତ୍ସବର ଦିନକ ପୂର୍ବରୁ ଅର୍ଥାତ୍ ଆସନ୍ତାକାଲି ବିଜେପି ବିଧାୟକ ଦଳର ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନାମ ଉପରେ ମୋହର ବାଜିବ। ଉକ୍ତ ବୈଠକରେ ସମସ୍ତ ବିଧାୟକ ଯୋଗଦେବା ସକାଶେ ବିଜେପି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ବୈଠକ ଦିଲ୍ଲୀ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ କେଶବ କୁଞ୍ଜରେ ନୂତନ କାର୍ଯ୍ୟାଳୟ ଆସନ୍ତା ୧୯ ତାରିଖରେ ଉଦଘାଟିତ ହେବ। ଏଥିସହ ନିର୍ବାଚନ ଫଳାଫଳ ଆସିବାର ୧୦ ଦିନ ପରେ ଶପଥ ଗ୍ରହଣ ଉତ୍ସବର ଆୟୋଜନ ସକାଶେ ନିଷ୍ପତ୍ତି ହୋଇଛି। ଦିଲ୍ଲୀରେ ଗତ ୫ ତାରିଖରେ ଗୋଟିଏ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଶେଷ ହୋଇଥିବା ବେଳେ ୮ ତାରିଖରେ ଫଳାଫଳ ଘୋଷଣା ହୋଇଥିଲା। କିନ୍ତୁ ନିର୍ବାଚନ ଫଳାଫଳ ଆସିବାର ଗୋଟିଏ ସପ୍ତାହ ବିତିଯାଇଥିଲେ ମଧ୍ୟ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯାଇନାହିଁ।

ବିଜେପି ପକ୍ଷରୁ କାହାକୁ ଦିଲ୍ଲୀ ସିଂହାସନରେ ଅଧିଷ୍ଠିତ କରାଯିବ, ସେନେଇ ଏବେ ବି କଳ୍ପନାଜଳ୍ପନା ଚାଲିଥିବା ବେଳେ ଏଥିପାଇଁ ପ୍ରବେଶ ବର୍ମାଙ୍କ ନାମ ଆଗେର ଥିବା ଚର୍ଚ୍ଚା ହେଉଛି। କାରଣ ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ୍ ସିଂହ ବର୍ମାଙ୍କ ପୁଅ ପ୍ରବେଶ ଦିଲ୍ଲୀ ବିଧାନସଭା ଆସନରେ ୩ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ତେବେ ସେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ପରାସ୍ତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବରୁ ସାଂସଦ ହୋଇସାରିଥିବା ଏହି ୪୭ ବର୍ଷୀୟ ଯୁବ ରାଜନେତାଙ୍କ ମୁଣ୍ଡରେ ଶିରିପା ବନ୍ଧା ହେଉଛି କି ନାହିଁ, ସେନେଇ ଜାରି ରହିଥିବା ସସ୍‌ପେନ୍ସ ଉପରୁ ଆସନ୍ତାକାଲି ପରଦା ହଟିବ।

# ଅସ୍ମିତାର ପ୍ରତୀକ ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ




ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ଓଡ଼ିଆ ନବଜାଗରଣର ପୀଠ ହେଉଛି ସତ୍ୟବାଦୀ ଓ ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ଓଡ଼ିଆ ଜାତୀୟ ଚେତନାର କେନ୍ଦ୍ର। ସତ୍ୟବାଦୀର ପଞ୍ଚସଖା ଥିଲେ ସମାଜର ଆଇନା ସଦୃଶ। ସେମାନେ ଶିକ୍ଷା ଦ୍ୱାରା ମାନବ ଜୀବନର ନୀତି ଆଦର୍ଶକୁ ପ୍ରତିଫଳନ କରାଇବା ସହ ଓଡ଼ିଶାର ବୌଦ୍ଧିକ ସ୍ୱତନ୍ତ୍ରତାର ବାର୍ତ୍ତାବହକ ଥିଲେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷୀଗୋପାଳଠାରେ ସତ୍ୟବାଦୀ ମହୋତ୍ସବ-୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମତ ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସତ୍ୟବାଦୀର ଅସ୍ମିତା ଓ ଗୌରବକୁ ଆଧାର କରି ସ୍ଥାନୀୟ ଅଞ୍ଚଳର ଆବଶ୍ୟକ ଭିତ୍ତିଭୂମି ଓ ସମସ୍ତପ୍ରକାର ମୌଳିକ ସୁବିଧାସୁଯୋଗର ବିକାଶ କରାଯିବ। ସମଗ୍ର ଓଡ଼ିଶାକୁ ଶିକ୍ଷା ଜ୍ୟୋତିରେ ଆଲୋକିତ କରୁଥିବା ଐତିହ୍ୟସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ବିଦ୍ୟାଳୟର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଏବର ପିଢ଼ିକୁ ଅବଗତ କରାଇବା ପାଇଁ ବକୁଳ ବନରେ ଏହାର ମୌଳିକ ଢାଞ୍ଚା ଅନୁରୂପ ଶିକ୍ଷା ପରିବେଶ ବିକଶିତ ହେବ। ବକୁଳ ବନ ଓ ସତ୍ୟବାଦୀ ବନ ବିଦ୍ୟାଳୟର ପୁନରୁଦ୍ଧାର ଓ ବିକାଶ କରାଯାଇ ଏହାକୁ ଏକ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ। ଏଥିସହିତ ସାକ୍ଷୀଗୋପାଳ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ମଧ୍ୟ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ସତ୍ୟବାଦୀ ମହୋତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**
- ଗୌରବ ଆଧାରରେ ଅଞ୍ଚଳର ଭିତ୍ତିଭୂମି, ମୌଳିକ ସୁବିଧାର ବିକାଶ କରାଯିବ
- ନବଜାଗରଣ ଓ ଜାତୀୟ ଚେତନାର କେନ୍ଦ୍ର ଥିଲା ସତ୍ୟବାଦୀ
- ପୁନରୁଦ୍ଧାର ପୂର୍ବକ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେବ

ସତ୍ୟବାଦୀର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ଏକ ମଣିଷ ତିଆରି କାରଖାନା। ପଣ୍ଡିତ ଗୋପବନ୍ଧୁଙ୍କ ତତ୍ତ୍ୱାବଧାନରେ ଗୁରୁମାନଙ୍କ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଫଳରେ ଏହି ବିଦ୍ୟାଳୟ ସମଗ୍ର ରାଜ୍ୟରେ ଆଦର୍ଶ ଶିକ୍ଷାକେନ୍ଦ୍ରର ସୁଖ୍ୟାତି ଅର୍ଜନ କରିଥିଲା। ଏହି ବିଦ୍ୟାଳୟ ଛାତ୍ରମାନଙ୍କୁ ଚରିତ୍ରବାନ୍, ସେବା ପରାୟଣ ଓ ସ୍ୱାର୍ଥତ୍ୟାଗୀ କରି ଗଢ଼ି ତୋଳୁଥିଲା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି। ମହୋତ୍ସବରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଏହାର ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିଶ୍ୱ ବିଦ୍ୟାଳୟର କୁଳପତି, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ମହୋତ୍ସବରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଉନ୍ନତି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସତ୍ୟବାଦୀଠାରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏହାକୁ ଓଡ଼ିଆ ଭାଷା ସାହିତ୍ୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ସତ୍ୟବାଦୀର ଇତିହାସକୁ ଅବତାରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାଧୀନତାର ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ପଞ୍ଚସଖା ସତ୍ୟବାଦୀ ବନ ବିଦ୍ୟାଳୟ ପରିଚାଳନା କରିବା ସହ ନିଜ ନିଜ ଲେଖନୀ ବଳରେ ସ୍ୱାଧୀନତା ସଂଗ୍ରାମକୁ ମଧ୍ୟ ଇନ୍ଧନ ଯୋଗାଉଥିଲେ। ପ୍ରାଚୀନ ଗୁରୁକୁଳ ଆଦର୍ଶରେ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ଆଭିମୁଖ୍ୟ ରଖିଥିବା ଏହି ବନ ବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁଙ୍କ ଅଟଳ ମନୋବୃତ୍ତି, ନୀଳକଣ୍ଠଙ୍କ ସାଙ୍ଗଠନିକ ଶକ୍ତି, ➪ପୃଷ୍ଠା-୬



## ସମ୍ବର୍ଦ୍ଧନା ସଭାକୁ ଯାଉଥିଲେ, ବାଟରେ ଛକିଥିଲା ଯମ

### ସଡ଼କ ଦୁର୍ଘଟଣାରେ ଡିଏସ୍‌ପିଙ୍କ ସମେତ ୨ ମୃତ



ଯାଜପୁର,୧୬।୨(ସଂଚାର ବ୍ୟୁରୋ): ପାଣିକୋଇଲି ଥାନା ଚାନ୍ଦପୁର ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଯାଜପୁର ଜିଲ୍ଲାର ଜଣେ ଡିଏସ୍‌ପି ପାହ୍ୟା ଅଧିକାରୀ ବଳରାମ ନାୟକ ମଧ୍ୟ ରହିଛନ୍ତି। ଏହାଛଡ଼ା ତାଙ୍କର ସମ୍ପର୍କୀୟ ପୂର୍ଣ୍ଣଚନ୍ଦ୍ର ନାୟକ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି। କିନ୍ତୁ ପୁଲିସ୍ ଉକ୍ତ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି। ତେବେ ଆଜି ଡିଏସ୍‌ପି ଭାବେ ଯାଜପୁର ଜିଲ୍ଲାରେ ତାଙ୍କର ଅନ୍ତିମ ଦିନ ଥିବାରୁ ଏଥିସକାଶେ ଆୟୋଜିତ ହେବାକୁ ଥିବା ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେବା ସକାଶେ ଯାଉଥିଲେ। କିନ୍ତୁ ବାଟରେ ଯମ ଜଗିଥିଲା ଓ ଆଉ ଯମଦୂତ ଭାବେ ଟ୍ରକ୍ ଆସି ଡିଏସ୍‌ପିଙ୍କ କାର୍‌କୁ ଧକ୍କା ➪ପୃଷ୍ଠା-୬





● ଶେୟାର ମାର୍କେଟ୍‌ରୁ ଲାଭ ଲୋଭ

## ଠକିନେଲେ ହଜାରେ କୋଟି

- ପ୍ରାୟ ୫ ଶହ ଲୋକ ଠକେଇର ଶିକାର
- ରାଜ୍ୟ ବାହାରର ଲୋକ ବି ଅଛନ୍ତି



ସମ୍ବଲପୁର,୧୬।୨ (ସଂଚାର ବ୍ୟୁରୋ): ଶେୟାର ମାର୍କେଟରେ ଭଲ ଲାଭର ଲୋଭ ଦେଖାଇ ସାଧାରଣ ଲୋକଙ୍କଠାରୁ ହଜାରେରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଛି। ଏଭଳି ଆଶ୍ଚର୍ଯ୍ୟଚକିତ କରିବା ଭଳି ଘଟଣା ସମ୍ବଲପୁରରେ ସାମ୍ନାକୁ ଆସିଛି। ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତି ଓ ତାଙ୍କ ସଂସ୍ଥା ଶେୟାର ମାର୍କେଟରେ ପୁଞ୍ଜି ନିବେଶ କଲେ ବେଶ୍ ମୋଟା ଅଙ୍କର ଲାଭ ଅର୍ଜନ କରିହେବ ବୋଲି ପ୍ରତିଶ୍ରୁତି ଦେଇ ଏହି ଠକେଇ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସମ୍ବଲପୁରର ସନ୍ତୋଷ କୁମାର ଆଚାର୍ଯ୍ୟ ଓ ତାଙ୍କ କମ୍ପାନି ଏମ୍‌ସିଏକ୍ସ ସିଟି ଶତାଧିକ ଲୋକଙ୍କୁ ଲକ୍ଷେ ଟଙ୍କାରେ ୫ ପ୍ରତିଶତ ଲାଭ ହେବ ବୋଲି କହି ଏ ବାବଦରେ ପାଖାପାଖି ହଜାରେ କୋଟି ଟଙ୍କା ଠକିନେଇଛି। ଜିଲ୍ଲାର ୫୦୦ ଊର୍ଦ୍ଧ୍ୱ ଲୋକ ଉକ୍ତ କମ୍ପାନୀରେ ଟଙ୍କା ଖଟାଇଥିଲେ। ତେବେ ସବୁଠାରୁ ବଡ଼ କଥା ହେଲା ଯେ ଟଙ୍କା ନେବା ସମୟରେ ➪ପୃଷ୍ଠା-୬

▶ଆଜି ପୂର୍ଣ୍ଣାଙ୍ଗ ବଜେଟ୍: ୩ ଲକ୍ଷ ଛୁଇଁପାରେ!

# ବିକଶିତ ଓଡ଼ିଶାର ନକ୍ସା ଦେବେ ମୋହନ

- ଫୋକସରେ ଯୁବକ, ମହିଳା ଓ ଚାଷୀ
- ଗ୍ରାମାଞ୍ଚଳ ଓ ଭିତ୍ତିଭୂମୀ ବିକାଶକୁ ମିଳିବ ଗୁରୁତ୍ୱ
- କୃଷି, ସହରାଞ୍ଚଳ, ସେବା କ୍ଷେତ୍ରରେ ନୂଆ ଯୋଜନା

ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ଗତ ୧୩ ତାରିଖଠାରୁ ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିବେ । କ୍ଷମତାକୁ ଆସିବାର ୮ ମାସ ପରେ ବିଜେପି ସରକାର ଏହି ବଜେଟ୍‌ରେ ଦେଖାଇବେ ବିକାଶର ସ୍ପଷ୍ଟ ନକ୍ସା। ଏଥରର ବଜେଟ୍ ପରିମାଣ ୩ ଲକ୍ଷ କୋଟି ପାଖାପାଖିରେ ପହଞ୍ଚିପାରେ ବୋଲି ଆକଳନ କରାଯାଉଛି।

୨୦୨୪ରେ କ୍ଷମତା ଆସିବା ପରେ ବିଜେପି ସରକାର ୨.୬୫ ଲକ୍ଷ କୋଟି



ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲା। ଏଥିସହିତ ଡିସେମ୍ବର ମାସରେ ମଧ୍ୟ ରାଜ୍ୟ ସରକାର ଏକ ଅତିରିକ୍ତ ବଜେଟ ଆଗତ କରିଥିଲେ। ଆସନ୍ତାକାଲି ମୋହନ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାକୁ ଯାଉଥିବା ବେଳେ ଏହା ଉପରେ ସମସ୍ତଙ୍କ ➪ପୃଷ୍ଠା-୬

## ଚିନ୍ତା ବଢ଼ାଉଛି ମୁଦ୍ରାସ୍ଫୀତି

- କମୁଛି ରାଜ୍ୟର ନିଜସ୍ୱ ରାଜସ୍ୱ ସଂଗ୍ରହ
- ବଢୁଛି କେନ୍ଦ୍ରୀୟ ଟିକସରୁ ଅଂଶ ଓ ଅନୁଦାନ

ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ନିୟନ୍ତ୍ରଣକୁ ଆସୁନି ରାଜ୍ୟର ମୁଦ୍ରାସ୍ଫୀତି। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ମୁଦ୍ରାସ୍ଫୀତି ୬.୫ ପ୍ରତିଶତ ରହିବ ବୋଲି ଆକଳନ କରିଛନ୍ତି ରାଜ୍ୟ ସରକାର। ବିଶ୍ୱ ସ୍ତରରେ ସପ୍ଲାଏ ଚେନ ପ୍ରଭାବିତ ହେବା ସାଙ୍ଗକୁ ପରିବର୍ତ୍ତିତ ପାଣିପାଗ ଏବଂ ଅନିୟମିତ ବର୍ଷା ମୁଦ୍ରାସ୍ଫୀତି ବଢ଼ିବାର ମୁଖ୍ୟ କାରଣ ବୋଲି ଗତକାଲି ପ୍ରକାଶିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ତେବେ କେବଳ ଅମଳ ସମୟରେ ଖାଦ୍ୟ ସାମଗ୍ରୀ ଦର ସାମାନ୍ୟ ହ୍ରାସ ପାଇବ।

ସେପଟେ ରିଜର୍ଭ ବ୍ୟାଙ୍କ ମଧ୍ୟ ସଧ ସର୍ବଭାରତୀୟ ସ୍ତରରେ ମୁଦ୍ରାସ୍ଫୀତିରେ ସାମାନ୍ୟ ସୁଧାର ଆସିବ ବୋଲି ଆକଳନ କରୁଛି। ୨୦୨୫-୨୬ରେ ଅନୁକୂଳ ବର୍ଷା ଆକଳନ କରି ମୁଦ୍ରାସ୍ଫୀତି ହ୍ରାସ ପାଇବ ବୋଲି ଆରବିଆଇ ପୂର୍ବାନୁମାନ କରିଛି। ୨୦୨୩-୨୪ରେ ମୁଦ୍ରାସ୍ଫୀତି ୫.୪ରୁ ୨୦୨୪-୨୫ରେ ୪.୮ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରିବା ସହ ୨୦୨୫-୨୬ରେ ମୁଦ୍ରାସ୍ଫୀତି ସାମାନ୍ୟ ହ୍ରାସ ପାଇ ୪.୨ ପ୍ରତିଶତରେ ପହଞ୍ଚିବ।

ଗୋଟିଏ ପଟେ ରାଜ୍ୟ ଅର୍ଥନୀତି ଉପରେ ମୁଦ୍ରାସ୍ଫୀତିର ଚାପ ରହୁଥିବା ବେଳେ ରାଜସ୍ୱ ସଂଗ୍ରହରେ ଗତ କିଛି ବର୍ଷ ଧରି ଏକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ୨୦୨୪-୨୫ରେ ରାଜ୍ୟ ସରକାର ୨ ଲକ୍ଷ ୬୫ ➪ପୃଷ୍ଠା-୬

## ଦୁର୍ନୀତି ଅଭିଯୋଗରେ ମରିସସର ପୂର୍ବତନ ପ୍ରଧାନମନ୍ତ୍ରୀ ଗିରଫ

ପୋର୍ଟ ଲୁଇସ୍,୧୬।୨: ଦୁର୍ନୀତି ଅଭିଯୋଗରେ ମରିସସର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ ଗିରଫ ହୋଇଛନ୍ତି। ଅର୍ଥ ହେରଫେର ମାମଲାରେ ପ୍ରବିନ୍ଦଙ୍କୁ ଗିରଫ କରାଯାଇଛି। ଗତ ସରକାର ଅମଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଗଠିତ ଆର୍ଥିକ ଅପରାଧ କମିଶନଙ୍କ ନିର୍ଦ୍ଦେଶ କ୍ରମେ ସେ ଗିରଫ ହୋଇଛନ୍ତି। ତେବେ ତାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗକୁ ପ୍ରବିନ୍ଦ ଭିତ୍ତିହୀନ ବୋଲି କହିଛନ୍ତି। ମରିସସ ପ୍ରଧାନମନ୍ତ୍ରୀ ଭାବେ ନବୀନଚନ୍ଦ୍ର ରାମଗୁଲାମ ନିର୍ବାଚିତ ହେବା ପରଠାରୁ ପୂର୍ବ ସରକାରରେ ହୋଇଥିବା ଦୁର୍ନୀତିବିରୋଧୀ ଅଭିଯାନକୁ ଜୋରଦାର କରିଛନ୍ତି ।


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ବଦଳି ମୋହ ତୁଟାଇପାରୁନାହାନ୍ତି ବିଦ୍ୟାଳୟ ବାବୁ


- ବଦଳି ପରେ ବି ବିଭାଗରେ ମାମଲତି
- ନିରବ ଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ ସଚିବ
- ବିଭାଗରେ ଶ୍ରଦ୍ଧା ନାଁ ବୁମ୍‌ରା ବାବୁ




ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ଶିକ୍ଷକମାନଙ୍କୁ ବଦଳି କରିବାର ମୋହକୁ ଛାଡ଼ିପାରୁ ନାହାନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜଣେ ବାବୁ। ଗୃହ ବିଭାଗକୁ ବଦଳି ହୋଇଥିଲେ ବି ସେଠାରେ ତାଙ୍କର ମନ ଲାଗୁନାହିଁ। ବିଭାଗରେ ଯାଇ ଶିକ୍ଷକ ବଦଳିରେ ମୁଣ୍ଡ ପୂରାଉଛନ୍ତି। ବିଭାଗୀୟ ସଚିବଙ୍କ ପାଇଁ ବାବୁଙ୍କର ନାଟ ବୋଲି ଏବେ ଚର୍ଚ୍ଚା ଚାଲିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ବାବୁଙ୍କ କାରନାମାର କାହାଣୀ ଏବେ ସଚିବାଳୟରେ ଘୂରି ବୁଲୁଛି। ବାବୁ ବିଭାଗରେ ବଦଳି ଚଉକିରେ ବସିଥିଲେ। କେଉଁ ଶିକ୍ଷକଙ୍କୁ ବାଁ ହାତରେ ତ ଆଉ କେଉଁ ଶିକ୍ଷକଙ୍କୁ ଡାହାଣ ହାତରେ ବଦଳି କରୁଥିଲେ। ବାବୁ ବିଭାଗରେ ୯ ବର୍ଷ ଧରି ଗୋଟିଏ ଚଉକିରେ ବସିବା ପରେ ବଦଳିର ନାଁ ଧରୁନଥିଲେ। ହେଲେ ନିକଟରେ ସଚିବାଳୟରେ ହୋଇଥିବା ଗଣବଦଳିରେ ବାବୁଙ୍କ ନାଁ ଥିଲା। କିନ୍ତୁ ବଦଳି ପରେ ବି ବାବୁ ଚଉକି ଛାଡୁନଥିଲେ। କହୁଥିଲେ, ମୁଁ ଗଲେ ବିଭାଗରେ କାମ ହୋଇପାରିବ ନାହିଁ। ବିଭାଗ ଉପରେ ୩୫ ହଜାର ମାମଲା ବୋଝ ଥିବା ଦର୍ଶାଇ ବାବୁଙ୍କ ବଦଳି ବାତିଲ ପାଇଁ ବି ବିଭାଗୀୟ ସଚିବ ଇଣ୍ଡାଇ ନୋଟ୍ ଦେଇଥିଲେ। ହେଲେ ଗୃହ ବିଭାଗ ଏଥିପ୍ରତି କର୍ଣ୍ଣପାତ କଲାନାହିଁ।

ତୁରନ୍ତ ସେମାନଙ୍କୁ ବଦଳି ହୋଇଥିବା ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲା ଗୃହ ବିଭାଗ। ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ବିଭାଗ ଚରମବାଣୀ ଶୁଣାଇଥିଲା। ଏହାପରେ ବାବୁ ବାଧହୋଇ ଗୃହ ବିଭାଗରେ ଯୋଗଦେଇଛନ୍ତି। ହେଲେ ପୁରୁଣା ଚଉକି ମୋହ ଛାଡ଼ି ନଥିବାରୁ ବାବୁ ଗୃହ ବିଭାଗରେ ବସି କାର୍ଯ୍ୟ କରିବା ବଦଳରେ ନିଇତି ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ହାକିମାତି କରୁଛନ୍ତି।

ବିଭାଗରେ କିଛି କର୍ମଚାରୀ ବାବୁଙ୍କ ବଦଳି ଖେଳ ପାଇଁ ତାଙ୍କୁ ➪ପୃଷ୍ଠା-୬



## ଅବୁଝା ପ୍ରିୟଙ୍କୁ ବୁଝେଇବ କିଏ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ସବୁଠାରୁ ଆଗେ ଗୁଣୀ ବ୍ୟକ୍ତିଟିଏ
ସୁନ୍ଦର ପ୍ରିୟ ମୋର
ବୁଝିବାର ଶକ୍ତି ରହିଛି ଯଥେଷ୍ଟ
ସ୍ୱଭାବରେ ଶାନ୍ତ ସୁଧୀର...
ପ୍ରିୟ ମଣିଷଟି ଅବୁଝା ହୋଇଲେ
ବୁଝିବ କିଏ ମୋ କଥା
କାହାକୁ କହିବି ମରମ ବେଦନା
କିଏ ନେବ ମୋ ବ୍ୟଥା...
ଜୀବନରୁ ବେଶୀ ଭଲ ପାଇ ସିଏ
ଦେଲେ ସ୍ଥାନ ହୃଦୟର
ସୁଖରେ ଦୁଃଖରେ ସାଥୀ ସବୁଠାରେ
ପ୍ରାଣଠାରୁ ସେ ମୋ ପ୍ରିୟ...
ପ୍ରୀତି ଝରା ତାଙ୍କ ହୃଦୟ ଭିତରେ
କହିଛନ୍ତି ମୋତେ ବେଶ
ଟିକେ ଅବହେଳା ସହି ମୁଁ ପାରୁନି
ହୃଦୟ ଯାଉଛି କାନ୍ଦି...
ସେ ମୋ ପାଇଁ ବିଶାଳ ଆକାଶ
ମୁଁ ତାଙ୍କ ଶରଦ ଶଶୀ
ସବୁ କଥା ଖୋଲି କହିଦିଏ ବୋଲି
ମୋତେ କହୁଛନ୍ତି ତୋଷି...
ତାଙ୍କ ନୀରବତା କଷ୍ଟ ଦିଏ ବେଶୀ
ଆଖି ଲୁହ ମୋର ଝରେ
ଖାଇପାରେନି କି ଶୋଇ ବି ପାରେନି
ଭାବୁନାହାନ୍ତି ସେ ଥରେ...
ତଥାପି ତାଙ୍କୁ ମୁଁ ଭଲ ପାଉଅଛି
ପାଉଥିବି ନିରନ୍ତର
ତାଙ୍କର ପ୍ରତିଟି କଥା ତ ମୋ ପାଇଁ
ଅମୂଲ୍ୟ ଅମୃତ ଗାର...
ସେ ମୋ ଆରାଧ୍ୟ ପ୍ରାଣର ଦେବତା
ପୂଜୁଥିବି ଦିନରାତି
ଜୀବନ ଦୀପ ମୋ ଲିଭି ଯିବ ଯେବେ
ପାଉଥିବି ତାଙ୍କଠୁ ମୁକ୍ତି ।।
**ବାଲେଶ୍ୱର**
**ମୋବାଇଲ: ୯୩୩୭୩୦୪୨୯୫**



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**



# ମର୍ଣ୍ଣିଂୱାକ୍



ପ୍ରୀତି ଭାଉଜଙ୍କୁ ଅନେକ ଦିନ ପରେ ଦେଖି ହଠାତ୍ ଚିହ୍ନି ପାରିଲିନି। ଭାଉଜ ତ ସବୁବେଳେ ସ୍ଲିମ୍, ସୁନ୍ଦରୀ। ଚେହେରେ ସବୁବେଳେ ଗହଣା। ମୁହଁରେ ମେକ୍-ଅପ୍। ଟିଭି ସିରିଏଲର ଅଭିନେତ୍ରୀ ପରି ଲାଗନ୍ତି ପ୍ରୀତି ଭାଉଜ। ମୋଟା ହେବାର ଭୟରେ ସବୁବେଳେ ନିୟନ୍ତ୍ରିତ ଡାଏଟ୍, ମର୍ଣ୍ଣିଂୱାକ୍, ଭଇଁଚ ଢ଼ାକ୍। ଭାରି ଖୁସିଲାଗେ ତାଙ୍କୁ ଦେଖିଲେ। ତାଙ୍କ ଇଂଜିନିୟର ସ୍ୱାମୀ ବି ତାଙ୍କ ମନଲାଖି ଶାଢ଼ୀ, ଗହଣା, ଡ୍ରେସ୍ କିଣି ଦେବାରେ ଆଗେଇ ହେଲା କରନ୍ତିନି। ବୟସ ପଇଁଚାଳିଶ ଧରିଲେ ବି ଜୋଟିଏ ବାଇଶ ବର୍ଷର ଯୁବତୀ ଲାଗନ୍ତି ପ୍ରୀତି ଭାଉଜ।ତେବେ,ସେ ସବୁ ପ୍ରାୟ ବର୍ଷେ ତଳର କଥା। ମୋ ପୁନେରେ ରହିବା ପୂର୍ବର ସ୍ମୃତି।

ପ୍ରୀତି ଭାଉଜ ମୋ ନିଜର କେହି ସଂପର୍କୀୟା ନୁହନ୍ତି। ମୁଁ ଆଗେ ଯେଉଁ ଅଫିସରେ ଚାକିରି କରିଥିଲି, ସେଇ ଅଫିସରେ ମୋର କଲିଗ୍ ଥିଲା ଅନୁପ୍ରାସ। ଅନୁପ୍ରାସଙ୍କ ଭାଉଜ ହେଲେ ପ୍ରୀତି। ବେଳେବେଳେ ଅନୁପ୍ରାସର ଘରେ କିଛି ପାର୍ଟି ହେଲେ ଭାଉଜଙ୍କ ସହ ଭେଟ ହୁଏ। ସେ ଭାରି ପାର୍ଟି ପିକନିକ ପ୍ରିୟ।ମେଳାପୀ ମଧ। ପୁଅ, ଝିଅଙ୍କ ବ'ଡେ ହେଉ କି ନିଜର ମ୍ୟାରେଜ ଆନିଭର୍ସାରୀ, ପାଖି, ପଡ଼ୋଶୀ, ଅଫିସ ଷ୍ଟାଫ୍, ସମସ୍ତଙ୍କୁ ଡାକି ଆପାୟିତ କରିବାରେ ତାଙ୍କର ଆନନ୍ଦ। ତାଛଡ଼ା, ଟଙ୍କାପଇସାର କୋଉ ଅଭାବ ଅଛି ଯେ! ମୋର ବର୍ଷେ ଖଣ୍ଡ ତାଙ୍କଘରକୁ ଯିବା ଆସିବା ଥିଲା। କେବେ କେବେ ବାହାରେ ସପିଂ ବେଳେ ବି ଦେଖା ହେଇଯାଏ। ମୁରୁକି ହସି ହାତ ହଲେଇ ସମ୍ଭାଷଣ କରନ୍ତି। ହେଲେ, ଆଜି ମତେ ଦେଖି ଆଡ଼େଇ ଦେଇଗଲେ। ନ ଚିହ୍ନିବା ପରିକା।

ମୁଁ ପୁନେ ଅଫିସ ଜଏନ୍ କରିବା ପରେ ପରେ ଅନୁପ୍ରାସ ବି ଜର୍ମାନୀ ପଳେଇଲା। କିଛି ଯୋଗାଯୋଗ ନାହିଁ। ମୋ ବାହାଘରପାଇଁ ଜୋରସୋର ପୁଅ ଦେଖା ଚାଲିବାରୁ ମତେ ବାଧ ହୋଇ ଘରକୁ ଆସିବାକୁ ହେଲା। ମାର୍କେଟିଂରୁ ଫେରିବା ବେଳେ ବାଟରେ ଦେଖିଲି ଭାଉଜଙ୍କୁ।ସେ ତାଙ୍କ କାରର ପଛସିଟରେ ବସିଥିଲେ।ଡ୍ରାଇଭର ଚଳଉଥିଲା। ଟ୍ରାଫିକ ପୋଷ୍ଟରେ ବହୁତ ସ୍ଲୋ ଥିଲା ଗାଡ଼ି। ଚିହ୍ନିବାରେ କିଛି ଭୁଲ ହେବାର ନାହିଁ। ହେଲେ ଏ କ'ଣ। କୁଆଡ଼େ ଗଲା ତାଙ୍କର ସୁନ୍ଦରତା? ସେ ବହୁତ ମୋଟୀହେଇ ଯାଇଥିଲେ। ମୁହଁକୁ ଷ୍ଟଲରେ ଅଧା ଢ଼ାଙ୍କିଥିଲେ ହେଁ ଚିହ୍ନି ହେଉଥିଲା। ତାଙ୍କ ଖଣ୍ଡାଧାର ପରି ସୁନ୍ଦର ନାକ କେମିତି ଗୋଟେ ଅଲଗା ଦେଖା ଯାଉଥିଲା। ସେ ମତେ ଦେଖି ଚିହ୍ନିଲେନାହିଁ, ହାତ ହଲେଇଲେ ନାହିଁ କି ହସିଲେ ନାହିଁ। ବଡ଼ ଆଶ୍ଚର୍ଯ୍ୟ କଥା। ମୁଁ ବି ଚୁପ୍ ରହିଗଲି। ହେଲେ ମନଟା ଭଲ ଲାଗୁନଥାଏ ଜମା।

ପୁରୁଣା ଅଫିସ ସାଙ୍ଗମାନଙ୍କ ପାଖରେ ଖବର ଥିବ ଭାବି ଦୁଇ ତିନି ଜଣଙ୍କୁ ଫୋନ୍ ଲଗେଇଲି। ଯାହା ଶୁଣିଲି, ସେଥିରେ ହସିବି କି କାନ୍ଦିବି ବୁଝିପାରୁନି। କଥା ହେଲା, ଭାଉଜଙ୍କ ସହ ଗୋଟିଏ ଦୁର୍ଘଟଣା ଘଟିଯାଇଛି। ଯାହା ତାଙ୍କର ସଂପୂର୍ଣ୍ଣ ଜୀବନଧାରାକୁ ବଦଳେଇ ଦେଇଛି। ନିଜ ଭିତରେ ନିଜେ ସେ ଏମିତି ସାଙ୍କୁଡ଼ି ପଡ଼ିଛନ୍ତି ଯେ ସ୍ୱାଭାବିକ ଜୀବନଧାରାକୁ ଫେରିପାରୁ ନାହାନ୍ତି।

ପ୍ରାୟ ଛଅ ମାସ ତଳର କଥା। ଭାଉଜ ତ ସବୁଦିନ ମର୍ଣ୍ଣିଂୱାକ୍‌କୁ ଯାଆନ୍ତି। ଦିନେ ସେ ଅନୁଭବ କଲେ ଯେ କେହି ଜଣେ ତାଙ୍କୁ ଫଲୋ କରୁଛି। ଏପରିକି ସେ ପାର୍କରେ ଦଉଡ଼ିଲା ବେଳେ ବି ଅନୁଭବ କଲେ ସେଇ ଏକା କଥା । ଏମିତି ଦୁଇ ତିନି ଦିନପରେ ସେ ତାଙ୍କ ସ୍ୱାମୀଙ୍କୁ କହିଲେ। ସ୍ୱାମୀ ସୁବ୍ରତ କହିଲେ,ତୁମେ ଏତେ ସୁନ୍ଦରୀ, ତା ଉପରକୁ ଦାମିକା ଚେନଟା ବେକରେ ପକେଇଚ, କେହି ଚୋର ତମ ପଛରେ ପଡ଼ିଯାଇଚି। ସେ ସିନା ହସି ହସି ଏକଥା କହିଲେ, ହେଲେ ପ୍ରୀତିଙ୍କ ମନରେ ଡର ପଶିଗଲା। ସେ ସେଇଠୁ କଅଣ କଲେ ନା, ଏକାଭଳି ଇମିଟେସନ ଗହଣାଟିଏ ବେକରେ ପକାଇ ଚାଲିବାକୁ ଗଲେ।ଦୁଇ ଦିନ ପରେ ସତକୁ ସତ ସେ ଦୁର୍ବୃତ୍ତ ଟା ଚେନଟାକୁ ଛଡ଼େଇ ନେଇ ଦଉଡ଼ି ଚାଲିଗଲା। ଭାଉଜ ପାଟିକଲେ। ଲୋକ କାଁଭାଁ ରାସ୍ତାରେ ଥିଲେ । ସେମାନେ ବା କଣ ଗୋଡ଼େଇକି ଚୋରକୁ ଧରି ପାରିବେ? ଚିହ୍ନାଜଣା ଲୋକ ଜାଣିଲେ ଯେ ପ୍ରୀତି ଭାଉଜଙ୍କର ଚେନ ଚୋରି ହେଇଛି। ହେଲେ, ଭାଉଜ ଜାଣନ୍ତି, ସେଇଟା ନକଲି। ଚୋର ନିରାଶ ହେବ। ତେଣୁ ଏଫଆଇଆର୍ ଦେଲେ ନାହିଁ। ସେଇଟା ହେଲା ତାଙ୍କର ମସ୍ତବଡ଼ ଭୁଲ।

ଦୁଇ ଦିନ ପରେ ସେ ଦୁର୍ବୃତ୍ତ ଆଉ ଥରେ ଆସିଲା। ଏଥର ଚୋରି କରିବାକୁ ନୁହେଁ ବରଂ ଭାଉଜଙ୍କୁ ଆକ୍ରମଣ କରିବାକୁ। ତାଙ୍କୁ ରାସ୍ତାରେ ଅଟକାଇ ଚାପୁଡ଼ା ପରେ ଚାପୁଡ଼ା କଷି ଦେଇଗଲା ଲୋକଟା। ଘୃଣା ଏବଂ ଅସହାୟତାରେ ଥରିଉଠୁଥାଏ ତାର ସର୍ବାଙ୍ଗ। ଗର୍ଜନ କରି କହିଲା, 'ଶଳା ଠକ!ଏତେ ଟଙ୍କା ର ଦରମା ପାଉଚ, ବେକରେ ନକଲି ଗହଣା ପିନ୍ଧି ଲୋକଙ୍କୁ ଭଣ୍ଡଉଚ? ଯେମିତି ଚେନ୍ ଗୋଟାକ ନେଇଗଲେ ତୁ କାଙ୍ଗାଳ ହେଇ ଯାଆଥାଆନ୍ତୁ। ଆହୁରି ଅନେକ ଅଶ୍ରାବ୍ୟ ଗାଳି କରି ଲୋକଟା ଭାଉଜଙ୍କୁ ରାଗରେ ଠେଲିଦେଲା। ରାସ୍ତାକଡ଼ ଖୁଂଟରେ ମାଡ଼ ହେଇ ଭାଉଜଙ୍କ ନାକ ଫାଟିଗଲା। ସେ ଚେତା ହରେଇ ପଡ଼ିଗଲେ। ଲୋକମାନେ ତାଙ୍କୁ ଘରକୁ ଆଣିବା ପରେ ତାଙ୍କୁ ମେଡିକାଲ ନିଆଗଲା। ନାକରେ ଷ୍ଟିଚ୍ ପଡ଼ିବାପରେ ଅସୁନ୍ଦର ହେଇଗଲା ତାଙ୍କ ନାକ। ପରେ ସେ ତାକୁ ପ୍ଲାଷ୍ଟିକ୍ ସର୍ଜରୀ କଲେ ସତ, ହେଲେ ପର୍ବପରି ଆଉ ସେ ସୁନ୍ଦରତା ରହିଲା ନାହିଁ।

ଏ ଘଟଣାରେ ସଂପୂର୍ଣ୍ଣ ମର୍ମାହତ ତାଙ୍କ ସ୍ୱାମୀ ଏଥର ଥାନାରେ ଏତାଲା ଦେବାରେ ହେଳା କଲେ ନାହିଁ। ଦିନକରେ ଚୋର ଧରା ପଡ଼ିଲା ମଧ। ହେଲେ ସେ ଚୋରର କାହାଣୀ ଶୁଣିବା ପରେ ଭାଉଜ ଗୋଟେ ଅଜବ ମାନସିକ ଅଶାନ୍ତି ଭୋଗୁଛନ୍ତି। ପୁଲିସର ମାଡ଼ ଖାଇ ଲୋକଟା କାନ୍ଦି କାନ୍ଦି କହିଲା,ମୁଁ ଆଜ୍ଞା ଚୋର ନୁହେଁ। ପରିସ୍ଥିତିରେ ପଡ଼ି ଚୋରି କରିଛି।ଆଠ ଦିନ ହେଲା ସ୍ତ୍ରୀ ବେମାର। କି ଜର କେଜାଣି ଜମା ବି ଛାଡ଼ିଲାନି। ଡାକ୍ତର କହିଲେ କଅଣ ଫ୍ଲୁ ଜର ବୋଲି। ହେଲେ ଔଷଧ କିଣିବାକୁ ବି ପଇସା ନଥିଲା। ଡାକ୍ତର କହିଲେ ମେଡିକାଲରେ ଭର୍ତ୍ତି ନକଲେ ସିଏ ଆଉ ବଂଚିବନି। ଘରେ ଆଜ୍ଞା ସାନ ସାନ ଛୁଆ ଦି'ଟା । ମୋର ରୋଜଗାର ନାହିଁ।ଏଠି ସେଠି ମୂଲ ଲାଗେ। ଏ ମେଡିକାଲ ଖର୍ଚ୍ଚ ତୁଲେଇବାକୁ ପଇସାଟିଏ ନଥିଲା। ସେଥିପାଇଁ ଏ ଚୋରି କଲି। ହେଲେ ଶେଷରେ ଧୋକା ଖାଇଗଲି।

ଆରେ ? ଧୋକା ଖାଇଗଲ ମାନେ? ଏ ମାଡାମ କଣ ତମ ପାଇଁ ସୁନା ଚେନଟା ପକେଇକି ଆସିଥାଆନ୍ତେ ନା କଣ?ଆଉ ତା ଛଡ଼ା, ତୁମେ ତାଙ୍କୁ ଆକ୍ରମଣ କଲ, ମାଡ଼ ମାରି ତାଙ୍କ ନାକ ଫଟେଇ ଦେଲ। ଜାଣିଚ ଏବେ କେତେ ଦିନ ଜେଲ ହବ? ପୁଲିସ ପଚାରିଥିଲା।

'ହଉ ଆଜ୍ଞା ଯାହା ହବ। ମୋର ତ ଆଜ୍ଞା ସଂସାର ଉଜୁଡ଼ିଗଲା। ସ୍ତ୍ରୀକୁ ମେଡିକାଲରେ ଭଲ କରିଦେବି ବୋଲି କଥା ଦେଇ ଆସିଥିଲି। ମେଡିକାଲ ବାରଣ୍ଡାରେ ବସେଇ ଦେଇ ଚେନଟା ବଣିଆ ପାଖକୁ ନେଇକି ଗଲା ବେଳକୁ ବଣିଆ କହିଲା ଏଇଟା ନକଲି। ମନ ଦୁଃଖରେ ଏଣେତେଣେ ବୁଲି ବହୁତ ଲୋକଙ୍କୁ ପଇସା ପାଇଁ ନେହୁରା ହେଲି। କେହି ଟଙ୍କାଟିଏ ଦେଲେନି। ଦି ଚାରି ଘଂଟା ପରେ ଗଲା ବେଳକୁ ଡାକ୍ତର କହିଲେ ସ୍ତ୍ରୀ ମରିଯାଇଚି। ତା ଲାସକୁ ସେଠୁ ଜଲଦି ହଟେଇବାକୁ ତାଗିଦ କଲେ। ଏକୁଟିଆ ଲୋକ ଆଜ୍ଞା, ଭାରି କଷ୍ଟରେ ଶବସତ୍କାର କରି ଫେରିଲି। ଘରେ ପହଞ୍ଚିଲା ବେଳକୁ ଛୁଆଗୁଡ଼ା ନଖାଇ ନ ପିଇ କତରାଲଗା ହେଇ ପଡ଼ିଛନ୍ତି। ସାନ ଛୁଆଟା ବି ଜରରେ କମ୍ପୁଚି ଆଜ୍ଞା। ମରିଯିବ ସେଇଟା ବି। ମୋ ଭାଗ୍ୟ ଉପରେ ମୋ ରାଗ ହେଲା। ଚେନଟା ସୁନା ହେଇଥିଲେ ସ୍ତ୍ରୀଟା ବଂଚି ଯାଇଥାଆନ୍ତା, ସେ କଥାକୁ ଦୁଃଖ ନାହିଁ ଆଜ୍ଞା। ହେଲେ,ଏ ସୁନା ଚେନଟା ଦେଇ ତାକୁ ବଂଚେଇ ପାରିବି ବୋଲି ଯୋଉ ଆଶା ଟିକକ ରଖିଥିଲି, ସେଇଟା ଭାଂଗିଯିବାରୁ ଭାରି ବାଧିଲା।ଅଭାବୀ ଭାଗ୍ୟରେ ସପନ ଦେଖଇବା ବି ନାହିଁ। ସେଥି ପାଇଁ ଏମାନଙ୍କ ଉପରେ ରାଗ ହେଲା। ସେ ଚେନଟା ପିନ୍ଧି ଯାଉଥିଲେ ବୋଲି ସିନା ମୁଁ ଏ ଆଶା ଟିକକ କଲି। ତାକୁ ବଂଚେଇବି ବୋଲି କଥା ଦେଇଥିଲି। ସେ ମୋ ବାଟକୁ ଚାହିଁ ଚାହିଁ କେତେ କଷ୍ଟରେ ମରିଥିବ। ତା ପାଖରେ ମୁଁ ଦୋଷୀ ହେଇ ରହିଗଲି ଆଜ୍ଞା, ଦୋଷୀ ହେଇ ରହିଗଲି।

ଏତେସବୁ କଥା ଶୁଣି ଇଂଜିନିୟର ବାବୁ ଓ ତାଙ୍କ ସ୍ତ୍ରୀ କାଠ ହେଇଗଲେ। ସେ ଲୋକଟା ପ୍ରୀତି ଭାଉଜଙ୍କ ଗୋଡ଼ ତଳେପଡ଼ି ଭୁଲ ମାଗିଲା। ତା ଛୋଟ ଛୁଆଙ୍କ ମୁହଁକୁ ଚାହିଁ ତାକୁ ଛାଡ଼ି ଦେବା ପାଇଁ ନେହୁରା ହେଲା। ସେମାନେ ସେ ଏତାଲା ଉଠେଇ ଆଣିଲେ। ସେଇ ଦିନରୁ ପ୍ରୀତି ଭାଉଜଙ୍କ ଜୀବନ ପୁରା ବଦଳି ଯାଇଚି। ସେ ଆଉ ତାଙ୍କ ଖିଆପିଆର ଧ୍ୟାନ ରଖୁନାହାନ୍ତି କି ପାର୍ଟି ପିକନିକ୍ ଯାଉନାହାନ୍ତି। ୱାକରେ ବି ଯାଉ ନାହାନ୍ତି। ଗୋଟେ ଛୋଟିଆ ଏନଜିଓ ଗଢ଼ି ସେଥିରେ ଗରିବ , ଅନାଥ ପିଲାମାନଙ୍କ ପାଇଁ କାମ କରୁଛନ୍ତି । ସେ ଲୋକର ଛୁଆକୁ ବି ସେ ଚିକିତ୍ସା କରେଇ ଭଲ କରିଛନ୍ତି। ତା ଛୁଆଙ୍କର ପଢ଼ାଶୁଣା କଥା ବୁଝୁଛନ୍ତି। ମଣିଷ ଜୀବନରେ ସୁଖ ସ୍ୱାଚ୍ଛନ୍ଦ ଠାରୁ ମୂଲ୍ୟବୋଧର ଢ଼େର ଆବଶ୍ୟକତା ରହିଚି ବୋଲି ତାଙ୍କର ଅନୁଭବ ହେଉଛି। ନିଜର ସୁନ୍ଦରତାକୁ ପଛରେ ପକେଇ ସେ ଏବେ ସମାଜ ମଙ୍ଗଳରେ ଲାଗି ପଡ଼ିଛନ୍ତି।ତେବେ କୋଉଠି ନା କୋଉଠି ତାଙ୍କ ମନରେ ଗ୍ଲାନି ଭାବ ରହିଯାଇଚି। ସେ ଲୋକର ସ୍ତ୍ରୀ ମରିଯିବା ପାଇଁ ସେ ପରୋକ୍ଷରେ ଦାୟୀ ବୋଲି ଅନେକ ଦିନ ସେ ଭାବି ହେଇଛନ୍ତି। ଭିତରେ ଭିତରେ ସନ୍ତୁଳି ହେଇଛନ୍ତି। ଶେଷରେ ସେ ମାଆଛେଉଣ୍ଡ ପିଲାମାନଙ୍କର ସାହା ହେଇ ଗ୍ଲାନିବୋଧରୁ ମୁକ୍ତି ପାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କର ବଦଳି ଯାଇଥିବା ଚେହେରାକୁ ଦେଖି ଚିହ୍ନାପରିଚିତ ଲୋକ ବିଭିନ୍ନ କଥା ପଚାରନ୍ତି, ଥଟ୍ଟା କରନ୍ତି।ସେଥିପାଇଁ ସେ ଚିହ୍ନା ଲୋକଙ୍କୁ ଆଡ଼େଇ ଦେଇଯାଆନ୍ତି। ଯେମିତି ଆଜି ମତେ ଆଡ଼େଇ ଦେଇଗଲେ। ମୁଁ ବା ଆଉ କଣ ସାନ୍ତ୍ୱନା ଦେବି ଯେ ସେ ମତେ ସଂଖୋଳି ଥିଲେ ମୁଁ ଖୁସି ଦେଇଥାନ୍ତି।ଭଲ ହେଇଚି ଆଡ଼େଇ ଦେଇଗଲେ। ଜୀବନ ସତରେ କେଡ଼େ ବିଚିତ୍ର । ଆଜି ମୁଁ ଅନୁଭବ କରୁଚି ଗୋଟେ ମର୍ଣ୍ଣିଂୱାକ୍ ବି ବଦଳେଇ ଦେଇପାରେ ଜୀବନର ଢ଼ାଞ୍ଚା।

**ଅଧ୍ୟାପିକା (ଇଂରାଜୀ) ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ଼, ଯାଜପୁର**



## ରିବନ ଫିତା

**ଅନୁପମା ବିଶ୍ୱାଳ**


ଗଠନେ ସୁନ୍ଦର
ମନ ମୁଗ୍ଧକର
ନାନା ରଙ୍ଗେ ରଙ୍ଗିଥାଏ
ସରଳ ତା' ଠାଣି
ମନଦିଏ କିଣି
ଦେଖି ଆଖି ଲାଖିଯାଏ
ସ୍ୱଭାବେ ଝଟକୁଥାଏ
କୁଣ୍ଡଳୀ ପରାଏ
ରୂପ ପାଇ ପୁଣି
କୁଣ୍ଡଳି ଆକାରେ ଥାଏ।
କେଶରାଜି ଶୋଭେ
ଜନମନ ଲୋଭେ
ରିବନ ଥିଲେ ମସ୍ତକେ
ବାଳିକା ରତନ
ମନ ଛନ ଛନ
ବାନ୍ଧେ ବେଣୀରେ ସଉକେ
ଫୁଲେ ସଜାଇ ମହକେ
ମଥାରେ ଟିକିଲି
ବାସ ଝିଲିମିଲି
ଦାଣ୍ଡେ ବୁଲେ କେଡେ ସକେ।
ଏକତାର ସୂତ୍ରେ
ବାନ୍ଧେ ଭାବ ମିତ୍ରେ
ବିଦ୍ୟାଳୟ ପରିସରେ
ନୁହେଁ ସାଧାରଣ
କରେ ଏକ ମନ
ବନ୍ଧା ହୋଇ ବିଧାନରେ
ବିକଶି ପୁଷ୍ପ କେଶରେ
ଚିତ୍ତ ଚୋରା ରୂପ
ଦିଶେ ଅପରୂପ
ଦେଖିଲେ ନୟନ ହରେ।
ସମୟ ସ୍ରୋତରେ
ଯାଏ ଧୀରେ ଧୀରେ
ବଦଳାଇ ନିଜ ଠାଣି
ଉପହାର ବେଳେ
ଲୋଡନ୍ତି ସକଳେ
ମୂଲ୍ୟ ବଢେ ତା'ର ପୁଣି
ସାଦରେ ତାହାକୁ ଆଣି
ଦିଅନ୍ତି ସଜେଇ
ଉଲ୍ଲସିତ ହୋଇ
କି ସୁନ୍ଦର ସେ କରଣୀ।
ନେତାଙ୍କ ହାତରେ
ମଧୁର ସ୍ପର୍ଶରେ
ବଢେ ମୂଲ୍ୟ ଶତ ଗୁଣ
ନୟନେ ନୟନ
ମିଶି ଗଲେ ପୁଣ
ହୋଇଥାଏ ଉନ୍ମୋଚନ
ସୃଜଇ ରୂପ ଲାବଣ୍ୟ
କରେ ଆକର୍ଷଣ
ନିୟମ ବିଧାନ
ସମ୍ମାନ ଆଦର୍ଶପଣ।
ନାଲି ରିବନଟି
ସୂଚିତ କରେଟି
ଏଡ଼ସ ଆକ୍ରାନ୍ତ ରୋଗୀଙ୍କୁ
ଜନ ସଚେତନ
ବାରତା ଜ୍ଞାପନ
ଦିଏ ସଭ୍ୟ ସମାଜକୁ
ଶୁଦ୍ଧ କରେ ଚେତନାକୁ
ସାରା ଜଗତରେ
ବିଶେଷ ଭାବରେ
ରଖେ ନିଜ ମହତ୍ତ୍ୱକୁ।
ଅତୀତର ସ୍ମୃତି
ଦିଏ ଭରି ପ୍ରୀତି
ଶୋଭନ ରିବନ ଏହି
ଆଧୁନିକତାର
ରହିଛି ଆଦରେ
ନିଜର କୀର୍ତ୍ତିକୁ ବାହି
ଯାଏ ଗୁଣୁ ଗୁଣୁ କହି
ସଂସ୍କାର ସଂସ୍କୃତି
ପରମ୍ପରା ପ୍ରାପ୍ତି
ଦିଏ କେବେ ମନ ମୋହି।
**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**



## ଘରକୁ କରିବା ସରଗପୁର

**ସନ୍ତୋଷ କୁମାର ସାହୁ**

ପରସ୍ପର ମଧ୍ୟେ ରଖି ସ୍ନେହ ଶ୍ରଦ୍ଧା
ସୁଶୀଳତା ବ୍ୟବହାର
ଥାଉ ପଛେ ଘରେ ଶାଗ କି ପଖାଳ
ଭୁଞ୍ଜ ସୁଖେ ପରିବାର...
ଅତିଥିଙ୍କୁ ଘରେ ଦେବା ସନମାନ
କହିଣ ବିନୟ ବାଣୀ
ଗୃହଟି ଲାଗିବ ସରଗ ପୁର ଯେ
ଏକଥା ରଖିବ ଜାଣି...
ସ୍ୱାମୀଙ୍କୁ ସର୍ବଦା ପ୍ରୀତିର ବଚନେ
ପତ୍ନୀ ଦେଲେ ମନ ତୋଷି
ସଂସାରେ ନିଶ୍ଚୟ ଦୁଃଖ ବଦଳରେ
ମିଳିବ ଆନନ୍ଦ ଖୁସି....
ଭାଇ ଭଗ୍ନୀ ବୋହୂ ଅସମୟ ବେଳେ
ପିତାମାତା ସେବା କର
ସେଭଳି ଗୃହରେ ଆଶିଷର ସୁଧା
ଝରୁଥିବ ନିରନ୍ତର....
ଶାଶୁ ଓ ଶ୍ୱଶୁର ବୋହୂଙ୍କୁ ଭାବିବ
ନିଜର ଝିଅଟି ପରି
ନିଳୟେ ନିଶ୍ଚୟ ସ୍ୱର୍ଗୀୟ ଆନନ୍ଦ
ମମତା ରହିବ ଭରି....
ସ୍ନେହ ମୈତ୍ରୀ ଭାବେ ନଣନ୍ଦ ଭାଉଜ
ରହିଥିବ ମିଳିମିଶି
ବୈକୁଣ୍ଠ ସମାନ ଅପାର ସରାଗେ
ଗୃହରେ ମିଳିବ ଖୁସି....
ଗୃହେ ରଖି ସଦା ସଂସ୍କାର ଶୃଙ୍ଖଳା
ସୁଖ ଶାନ୍ତି ସ୍ନେହାଦର
ଥିଲେ ଥାଉ ପଛେ ଚାଳ ଘରଟିଏ
ଲାଗିବ ସରଗ ପୁର....
**ଗାନ୍ଧୀ ନଗର, କୋରାପୁଟ**





## ଆକାଶବାଣୀ

**ଡ. ଶୁଭେନ୍ଦୁ ମେହେର**



ସେ' ପ୍ରତ୍ୟହ ନିଦରୁ ଉଠାଏ
ବନ୍ଦେ ମାତରମ ଧ୍ୱନିରେ,
ହୃଦୟ କିଣେ,
ବିବିଧତା ମଧ୍ୟରେ ଏକତା ଆଣି ଅଭିମନ୍ତ୍ରିତ କରେ
ଦେଶପ୍ରେମର ମଧୁର ମୂର୍ଚ୍ଛନାରେ ।
ବାଣୀକଣ୍ଠ ହୁଅନ୍ତୁ କି ଭିକାରୀ ବଳ,
ଅରବିନ୍ଦ ମୁଦୁଲି ହୁଅନ୍ତୁ କି'
ପ୍ରଫୁଲ୍ଲ କରଙ୍କ ମଧୁର ସ୍ୱର
ମନ୍ତ୍ରମୁଗ୍ଧ କରେ ମୋ' ହୃଦୟ ଦେଉଳ ।
ସେ'
ଦେଶ ବିଦେଶର ଖବର କୁହେ
ଉପେନ୍ଦ୍ର କୁମାର ପାହାଡ଼ସିଂଙ୍କ
ନିଆରା କଣ୍ଠରେ,
ଅନୁଚିନ୍ତା କୁହେ
ଶଙ୍କର୍ଷଣ ମଙ୍ଗରାଜଙ୍କ
ଥରିଲା ଓଠରେ।
କେବଳ ମୋତେ ନୁହେଁ.....
ସଭିଙ୍କୁ ସେ' ଆଦର କରେ,
ବହୁଜନ ହିତାୟ ବହୁଜନ ସୁଖାୟର
ସମ୍ୟବାଦ ସ୍ୱରରେ ।
ପାର ଅପା ହେଉ କି' ସନା ଭାଇ,
ଚାଷୀଭାଇର ଦିନସାରା
ଅକ୍ଳାନ୍ତ ପରିଶ୍ରମକୁ
ସହଜେ ଦିଅନ୍ତି ଦୂରେଇ ।
ଚିତ୍ତ ମୋହେ ଚିତ୍ତ ଜେନା
ମଧୁର ବଂଶୀସ୍ୱନରେ କୁହୁକ ଭରେ
ହରପ୍ରସାଦ ଚୌରାସିଆ
ଭଜନ ଗାଏ ଶ୍ୟାମସୁନ୍ଦର କର,
ଓଡିଶୀ ସଂଗୀତରେ
ଅକ୍ଷୟ ଆଉ ସିକନ୍ଦର ।
ତା' ପାଇଁ....
ରଙ୍ଗବତୀର ବାସ ଦିଗବିଦିଗ ଛୁଟିଲା
ଜିତେନ୍ଦ୍ର ଜଗତ ଜିତିଲା ।
ଐତିହ୍ୟ, ସଂସ୍କୃତି, ପରମ୍ପରା ହେଉ
କି' ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଧାରା
ସବୁଠୁ ତା' ଉପସ୍ଥାପନା
ସ୍ୱତନ୍ତ୍ର ନିଆରା ।
ଘରବଇଦ ଠୁ ଡାକ୍ତରୀ ଚିକିତ୍ସା
ସବୁଠି ତାହାର ନାଁ,
ଆଇ ମା'ର କାହାଣୀ ପରି
କିଛି ଅବୁଝା ରହେନା ।
ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ
ସଭିଙ୍କୁ ମୋହେ ସ୍ୱତନ୍ତ୍ର ଭଙ୍ଗୀରେ,
ଆକାଶ ଛାତିରୁ ଶବ୍ଦ ଦିଅନ୍ତି ଦେବତା
ତେଣୁ ସେ ,
ଶୁଦ୍ଧ ସଙ୍ଗୀତରେ,
ପବିତ୍ର ଭାବନାରେ ।
ଭାଇଚାରାର ଭାବ ଭିତରେ ଛନ୍ଦା ସେ ,
ସତ୍ୟ, ଧର୍ମ, ନ୍ୟାୟ ପଥରେ
ନୀରବି ଯାଇ ନଥିବା
କର୍ମଠ ବାଟୋଇ,
ତାକୁ ଛାତିରେ ନ ଧରିଲେ
ନିଦ ଜମା ହୁଏନାହିଁ
ବିଛଣାରେ ପାରେନା ମୁଁ ଶୋଇ ।।
**ଯାଲୋଏ, ସୁବର୍ଣ୍ଣପୁର**



**ପୁଷ୍ପଲତା ମିଶ୍ର**

# ଅଟୋବାଲା



ଦାଣ୍ଡ ପିଣ୍ଡା ରେ ନିରବ ହେଇ ବସିଛନ୍ତି ରମେଶ ବାବୁ ,ପୁଅଟି ବେକାର କୋଉଠି କିଛି ନ କରି ବୁଲୁଛି ତାକୁ କଣ ଭଲ ଲାଗୁ ଥିବ ଯେ ସେ ତ ବୁଝିଲା ଶୁଝିଲା ପିଲା ତାକୁ ମୁଁ ଆଉ କଣ କହିବି ଯେ? ଏହା ଭାବୁ ଭାବୁ ବିରକ୍ତ ହୋଇ କହିଲେ ସରଳା ,ରାଜୁ କୁଆଡେ ଗଲା କି ? ଘର ଭିତରୁ ରହି ସାରଳା କହିଲେ - କୁଆଡେ ଆଉ ଯିବ ,ପଖାଳ ଗଣ୍ଡେ ଖାଇ ଦେଇ ସେଇ ଛକ ରେ ବସି ବେକାରୀ ପିଲା ମାନଙ୍କ ସାଙ୍ଗ ରେ ତାସ ଖୁଲୁ ଥିବ , ରମେଶ ବାବୁ କହିଲେ -ସେ କୋଉ କାର ଯେ ବେକାରୀ ମାନଙ୍କ ସହ ଖେଳିଲା। ତୁମେ ସବୁବେଳେ ତା ଉପରେ କାହିଁକି ଗାରୁ ଗାରୁ ହେଉଛ କହିଲ ?ବି. ଟେକ ପାଶ କରି ବେକାର ଚାକିରି ବାକିରି କିଛି ନାହିଁ କରିବ ବା କଣ ? ଆମେ ତ ଭୁଲ କରି ଦେଇଛେ ଭଲ ପାଠ ପଢିଲେ ଭଲ ଚାକିରୀ କରିବ। ସାଧା ପାଠ ପଢ଼ି ଥିଲେ ମାଷ୍ଟର ଖଣ୍ଡେ ହେଇ ପାରି ଥାଆନ୍ତା।ଯେଉଁଠି ତ ଚାକିରି ବୁଝିଲା ମୋଟା ଅଙ୍କ ର ଲାଞ୍ଚ ଖୋଜୁଛନ୍ତି।ଦୁଇ ଓଳି ଟିଉସନ କରି ଯାହା ପାଇଲା ତୁମର ଔଷଧ
ଘର ସଉଦା ଟିକକ ବି ରେ ଅଣ୍ଟୁନି ସେଥିରେ ତାର ନିଜର ଖର୍ଚ୍ଚ ଅଛି।ବେପାର କରିବ ବୋଲି କହୁଥିଲା ଯେ ତୁମ ପାଖରେ ତ କିଛି ନାହି ବୋଲି ମନା କରି ଦେଲ। ମୁଁ ଆଉ କଣ କରିବି କହ !ଯାହା ଜମି ବାଡି ଥିଲା ବିକି ପାଞ୍ଚ ପାଞ୍ଚ ଟି ଝିଅ ର ବାହାଘର ସାରି ଦେଲି , ସାନ ଝିଅ ତନୁ ର ଯୌତୁକ ଟଙ୍କା ବାକି ଅଛି ବୋଲି ତା ଶାଶୁ ଶଶୁର ଆମ ଘର କୁ ଛାଡୁ ନାହାନ୍ତି। ବିଚରା ଝିଅଟି ମନ ମାରି ଶାଶୁ ଘରେ ପଡ଼ି ରହିଛି।

ଅଛି କେବଳ ଏଇ ଡିଅ ଖଣ୍ଡକ !! ପିତୃ ପୁରୁଷ ର ଡିଅ ଖଣ୍ଡକ କଣ ବିକି ପାରିବି ?ବିକି ଦେଲେ ମୁଣ୍ଡ ଗୁଞ୍ଜିବା କୋଉଠି ? ଧରି ବସି ଥାଅ ତୁମ ଡିଅ କୁ......। ସରଳା। କହିଲା ମୁଁ କଣ କହୁଥିଲି କି? ମୁଁ କଣ କହିବି ଯେ ଏ ଆମ ରାଜୁ କହୁଥିଲା କଣ କହୁଥିଲା ରାଜୁ ?ବାପା ଯଦି ରାଜି ହୁଅନ୍ତେ ଘର ଡିଅ କୁ ବିକି କିଛି ଟଙ୍କା ଦେଲେ..... ଗର୍ଜି ଉଠିଲେ ରମେଶ ବାବୁ ତୁମେ ପାଟି ଚୁପ୍ କର ଘର ଡିଅ ରେ ଆଖି ପକେଇବା କୁ ଦେବିନି। ସେ ଯାହା କରୁଛି କରୁ। କିଛିଦିନ ପରେ କାହାକୁ କିଛି ନ କହି ରାଜୁ ପଳେଇଛି ଭୁବନେଶ୍ୱର,ଅଚିହ୍ନା ଜଗା ରେ କୁଲି କାମ କରି ଯଥା କଥା ଚଳି ଯାଉଛି ରାଜୁ। ଗୋଟେ ଦିନ କାମ ରୁ ଫେରି ଫୁଟ ପାଥ ର ଗୋଟେ କୋଣ ରେ ଶୋଇ ପଡ଼ିଛି ରାଜୁ ମନେ ମନେ ଭାବୁଛି ମୁଁ ଥିଲି କୋଉଠି ଆଜି ମୁଁ କୋଉ ଜାଗା ରେ .... ଭାବୁ ଭାବୁ ଆଖି ଲାଗି ଯାଇଛି ହଠାତ୍ କିଛି ପାଟି ଗୋଳ ଶୁଣି ଉଠି ଆସିଲା ରାଜୁ ଦେଖିଲା ଗୋଟେ ଝିଅ କୁ ଚାରି ପାଞ୍ଚ ଜଣ ପିଲା ଟଣା ଘୋଷଡା କରୁଛନ୍ତି। ସହି ପାରିଲା ନାହିଁ ରାଜୁ ,ପଖାଳ ଖିଆ ହାତ ର କରା ମତି ଆଜି ଦେଖିବେ ସହରି ପିଲା। ବଳାତ୍କର କରିବା ପୂର୍ବ ରୁ ଉଦ୍ଧାର କରି ଆଣିଲା ସେ ଝିଅକୁ ସେଇ ଅସାମାଜିକ ଯୁବକଙ୍କ ଆକ୍ରମଣ ରୁ ନେଇ ତାଙ୍କ ଘରେ ଛାଡି ଫେରି ଆସିଲା ବେଳକୁ ସେ ଝିଅ ର ବାପା ପ୍ରତ୍ୟୁଷ ବାବୁ ପଛରୁ ହାତ କୁ ଧରି କହିଲେ ତୁମେ କିଏ ବାବା ଏ କଳୁଷିତ ଦୁନିଆଁ ରେ ଦେବତା ଭଳି ଲୋକ ପାଖ ରେ ମୋ ମଥା ନଇଁ ଯାଉଛି ବାବା।ମୋ ଝିଅ ର ଜୀବନ ରକ୍ଷା କରିଥିବାରୁ ତୁମକୁ ଗୋଟେ ଉପହାର ଦେବି ତୁମେ ମନା କରିବିନି ପୁଅ। କାଲି ଆସି ମତେ ଦେଖ କର।

ପରଦିନ ପ୍ରତ୍ୟୁଷ ବାବୁ ଅପେକ୍ଷା କରି କରି ସନ୍ଧ୍ୟା ହେଲା ଆସିଲା ନାହିଁ ରାଜୁ। ଭଲ ମଣିଷ ଦେଖି ପ୍ରତ୍ୟୁଷ ବାବୁ ବହୁତ ଲୋକ ଙ୍କୁ ସାହାଯ୍ୟ କରିଛନ୍ତି। ଆଜି ସେଥିରୁ ଦୂରେଇ ଯିବେ କେମିତି ? ଯାଇ ପହଁଚି ଗଲେ ଷ୍ଟେସନ ପାଖରେ, ସେଇଠି ବସିଥିଲା ରାଜୁ !ପ୍ରତ୍ୟୁଷ ବାବୁ କହିଲେ ଆସ ରାଜୁ ଆଜି ଠାରୁ ତୁମେ କୁଲି ନୁହଁ ,ଆସ ତୁମକୁ ଗୋଟେ ଅଟୋ କିଣି ଦେବି ଅଟୋ

ଚଲେଇ ନିଜେ ସ୍ୱାଧୀନ ଭାବେ ଚଳି ପାରିବୁ ଆଉ ତା ସହିତ ମୋ ଝିଅର ଦାୟିତ୍ୱ ନେବା ସହ ସବୁ ଝିଅ ମାନଂକ ରେ ରକ୍ଷା କବଚ ସାଜିବୁ।ସେବେଠାରୁ ରାଜୁ ବନି ଗଲା ଅଟୋ ବାଲା ,ରାଜୁ ଅଟୋ ବୋଲି ସାରା ଭୁବନେଶ୍ୱର ଜଣାଶୁଣା ଏହା ଭିତରେ ଦୀର୍ଘ ପାଞ୍ଚ ବର୍ଷ ବିତି ଯାଇଛି। ଘର କଥା ବାପା ମା ଙ୍କ କଥା ମନେ ପଡ଼ିଛି , ମନେ ପଡ଼ିଛି ମାନି କଥା। କଣ କରୁଥିବ ମୋ ମାନି !ଆଉ ଅପେକ୍ଷା ନ କରି ରାଜୁ ଚାଲିଲା ଗାଁକୁ ........। ଘରେ ପହଁଚି ମା ବାପା ଙ୍କ କଥା ବୁଝି ବାହାରିଲା ମାନି ଘରକୁ କହିଲା ତୁ କୋଉଠି ଥିଲୁ ଧନ ତୁ କୋଉଠି ରହିଲୁ କଣ କଲୁ ଆମେ କିଛି ଜାଣି ନ ପାରି ଅନ୍ଧ ଭଳି ରହି ଥିଲୁ।ନା ମାଆ ମୁଁ ଚାକିରୀ କରିନି ମୁଁ ଭୁବନେଶ୍ୱର ରେ ଅଟୋ ଚଲେଇ ରାଜୁ ଅଟୋ ବାଲା ହେଇଯାଇଛି।ମୋ ଅଟୋ ମୋ ମା ଲକ୍ଷ୍ମୀ ସମାନ ମତେ ଦାନା ଦେଇଛି ମତେ ବଞ୍ଚିବା ଶିଖେଇ ଦେଇଛି ମା !।ଆଜି ମୁଁ ମୋ ପରିଶ୍ରମ ବଳ ରେ ଦୁଇ ଓଳି ଖାଇ ମୋ ପରିବାର ଗୁଜୁରାଣ ମେଣ୍ଟାଇ ପାରିଛି। ତୁ ଥା ମା ମୁଁ ଯାଉଛି ମାନି ଘରକୁ ,ହଉ ରେ ଧନ ବେଗି ପଳେଇ ଆସିବୁ।ବାଟରେ ବହୁତ କଥା ଭାବି ଭାବି ଅଟୋ ଚଲେଇ ଯାଉଥାଏ ରାଜୁ। ଆର ସନ କୁ ଯେମିତି ହେଉ ବାହାଘର ସାରି ଦବ ରାଜୁ ! ମାନି ଘର ଗାଁ ରେ ପହଁଚିଯାଇଛି ,କାହାକୁ ପଚାରିବ ମାନି ଘର କୋଉଟା। ଜାଣି ବି ପାରୁନି ରାସ୍ତା, ସେଇ ବାଟ ରେ ଯାଉଥିବା ଜଣେ ଲୋକ କୁ ପଚାରିଲା ରାଜୁ, ମଉସା ,କୃପାସିନ୍ଧୁ ଦାସ ଙ୍କ ଘର କୋଉଟା କହିବେ କି ?ଆଗରେ ସ୍କୁଲ ପାଖରେ ତାଙ୍କ ଘର ହେଲେ କାହିଁକି ଖୋଜୁ ଛନ୍ତି ପୁଅ ସେ ତ ଦୁଇ ବର୍ଷ ହେଲା ଚାଲି ଗଲେଣି ,ତାଙ୍କ ପାଖରେ କିଛି କାମ ଥିଲା କି ? ନାଇଁ ମଉସା ତାଙ୍କ ପାଖରେ କିଛି କାମ ନାହିଁ ଯେ ତାଙ୍କ ଝିଅ ମାନି ପାଖକୁ ଆସିଥିଲି।ହେ,ସେ ତ ହତଭାଗିନୀ ଟେ ସେ.....କଣ ହେଲା ମାନି ର ମଉସା ,ଆସିଛ ତ ଯାଇ ଦେଖି ଆସ,ହଉ ମଉସା। ବୁଢ଼ା ମଉସା ବତେଇ ଥିବା ଘର ପାଖରେ ପହଁଚି ଶିକୁଳି କୁ ଖଟ ଖଟ କଲା ରୁ କବାଟ ଖୋଲି ଗଲା ରାଜୁ ମାନି ଦେଖି ନିଜ ଆଖି କୁ ବିଶ୍ୱାସ କରିପାରିଲା ନାହିଁ। ହାତ ଖାଲି ,ମଥା ଖାଲି ,ଧଳା ଶାଢ଼ୀ ପିନ୍ଧି କବାଟ ଦ୍ୱାର ପାଖରେ ଠିଆ ହୋଇଛି ମାନି !! ଏମିତି କଣ ହେଲା ମାନି ତୁଟିକେ ଅପେକ୍ଷା କରି ପାରିଲୁନି। ମୋ ଉପରେ କଣ ତୋର ଏତେ ଅବିଶ୍ୱାସ ଥିଲା। କଣ କରିଥାନ୍ତି ରାଜୁ ଭାଇ ତୁମର ଦେଖା ଦର୍ଶନ ନଥିଲା।ମୁଁ କିଛି ଖୋଜ ଖବର ପାଇଲି ନାହିଁ।ମୋର ଏପରି ଅବସ୍ଥା ଦେଖି ବାପା ହାର୍ଟ ଆ।ଟାକ ରେ ଚାଲିଗଲେ। ବୋଉ ବର୍ତ୍ତମାନ ଶଯ୍ୟାଶାୟୀ। ତୋର କିଛି ହେବନି ମାନି ,ମୁଁ ଆସି ଯାଇଛି,ତୋତେ ମୁଁ ସବୁଦିନ ପାଇଁ ନିଜର କରି ନେବି।ତୁ ଆଜି ଠାରୁ ମୋର ,ଆସେ ତୋ ମା ସହ ମୋ ଅଟୋ ରେ ନେଇ ଯିବି। ମୁଁ ପରା ରାଜୁ ଅଟୋ ବାଲା।

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

### ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଉଦ୍‌ଯାପିତ

# ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ରାଜ୍ୟ ସମୃଦ୍ଧିର ମେରୁଦଣ୍ଡ: ରାଜ୍ୟପାଳ

- ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତିର ଅପାର ସମ୍ଭାବନା
- ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ସହ ଜଡ଼ିତ-ରାଜ୍ୟପାଳ



**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ରାଜ୍ୟ ସମୃଦ୍ଧିର ମେରୁଦଣ୍ଡ ବୋଲି ମତ ବ୍ୟକ୍ତ କରିଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି। ଆଜି ସ୍ଥାନୀୟ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ଚାଲିଥିବା ତିନିଦିନିଆ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ରାଜ୍ୟର ବିସ୍ତୀର୍ଣ୍ଣ ଉପକୂଳ, ଆଭ୍ୟନ୍ତରୀଣ ଜଳଉତ୍ସ ରହିଥିବାରୁ ଓଡ଼ିଶା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ନେତୃତ୍ୱ ନେଇପାରିବ। ଗ୍ରାମୀଣ ଜୀବିକାକୁ ସୁନିଶ୍ଚିତ କରିବା, ଅର୍ଥନୈତିକ ଅଭିବୃଦ୍ଧି ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏହି କ୍ଷେତ୍ରର ଯଥେଷ୍ଟ ସାମର୍ଥ୍ୟ ରହିଛି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ଗଠନ ସହ ଜଡ଼ିତ। ବିକଶିତ ଓଡ଼ିଶା ଓ ଆତ୍ମନିର୍ଭର ଭାରତ ସ୍ୱପ୍ନ ସାକାର ସକାଶେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଚାଷୀଙ୍କୁ ସଶକ୍ତ କରିବାକୁ ପଡ଼ିବ। ଆଧୁନିକ ଜ୍ଞାନ କୌଶଳ ଅବଲମ୍ବନରେ ମତ୍ସ୍ୟ ଓ ପ୍ରାଣୀଙ୍କର ଖାଦ୍ୟ ପରିଚାଳନା, ରୋଗ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣ, ବିପଣନର ସୁବିଧା ନିମନ୍ତେ ବଜାର ସୃଷ୍ଟି ସହ ସହଜ ପରିବହନ ବ୍ୟବସ୍ଥା, ପ୍ରାଣୀଧନ ବୀମା, ମହିଳାମାନଙ୍କୁ ଏ କ୍ଷେତ୍ରରେ ସାମିଲ କରି ସେମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ରାଜ୍ୟରେ ଦୁଗ୍ଧ, ଅଣ୍ଡା, ମାଂସ ଉତ୍ପାଦନରେ ଅଭିବୃଦ୍ଧି ସହ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ପ୍ରାଣିପାଳକ ଓ ମତ୍ସ୍ୟଜୀବୀମାନେ ଲାଭବାନ ହେଉଥିବା ଜାଣି ରାଜ୍ୟପାଳ ଖୁସି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ମତ୍ସ୍ୟ ଉତ୍ପାଦନକୁ ବୃଦ୍ଧି କରିବା ସହ ଏହାକୁ ଅଧିକ ମୁଲ୍ୟଯୁକ୍ତ କରିବା ତଥା ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାରେ ସଫଳ ହୋଇଛି ବୋଲି ରାଜ୍ୟପାଳ କହିବା ସହ ଆଗାମୀ ୫ ବର୍ଷ ମଧ୍ୟରେ ୩ ଲକ୍ଷ ଚାଷୀଙ୍କୁ ସିଧାସଳଖ ଲାଭ ଦେବା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ଅନ୍ତର୍ଗତ ୧୭ଟି କାର୍ଯ୍ୟକ୍ରମ ସମେତ ବିଭିନ୍ନ ଯୋଜନା ପ୍ରବର୍ତ୍ତନ କରାଯାଇଥିବା ସୂଚନା ଦେଇଛନ୍ତି। ଏହି ଅବସରରେ 'ନୀଳ ଅର୍ଥନୀତି' (ବ୍ଲୁ ଇକୋନୋମି) ଭାବେ ଅଭିହିତ ମତ୍ସ୍ୟଚାଷ କ୍ଷେତ୍ରକୁ ପରିବ୍ୟାପ୍ତ କରିବା ସହ ଅଭିନବ କୌଶଳ, ଡିଜିଟାଲ ପ୍ଲାଟ୍‌ଫର୍ମ ଆପଣାଇବା ପାଇଁ ଚାଷୀ, ନୀତି ନିର୍ଦ୍ଧାରକ ଓ ଉଦ୍ୟୋଗୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶରେ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିବା ସହ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ଗୋମାତା ଯୋଜନା' ଦୁଗ୍ଧ ଉତ୍ପାଦନରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବ ବୋଲି ମତ ଦେଇଛନ୍ତି। ବିଏମସିର ମେୟର ସୁଲୋଚନା ଦାସ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଧନ୍ୟବାଦ ଦେଇଥିବା ବେଳେ ଓମଫେଡ୍‌ର ପ୍ରେସିଡେଣ୍ଟ କିଶୋର ଚନ୍ଦ୍ର ପ୍ରଧାନୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ସଫଳ ଚାଷୀଙ୍କୁ ଅନଲାଇନରେ ପ୍ରୋତ୍ସାହନ ରାଶି ପ୍ରଦାନ ସହ ହିତାଧିକାରୀ ଓ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ପଚାରିଲେ ଚାଷୀ, ଉତ୍ତର ଦେଲେ ମନ୍ତ୍ରୀ




ସମାବେଶର ଅନ୍ତିମ ଦିନରେ ଏଥିରେ ଯୋଗଦେଇଥିବା ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ କୌଣସି ପ୍ରକାର କାର୍ଯ୍ୟରେ ସରକାରୀ କର୍ମଚାରୀ ହଇରାଣ ହରକତ କଲେ, ଚାଷୀମାନେ ତୁରନ୍ତ ଚିଠି ମାଧ୍ୟମରେ ଜଣାଇବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜଗତସିଂହପୁରର ନାଉଗାଁ ଚାଷୀ ବିଶ୍ୱଜିତ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଦୁଗ୍ଧ ଉତ୍ପାଦନ ନିମନ୍ତେ ସରକାରଙ୍କର କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନା ମାଧ୍ୟମରେ ବାହାର ରାଜ୍ୟରୁ ଗାଈ ଆଣିବା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଝାରସୁଗୁଡ଼ାର ଗୌତମ ଧାରୁଆଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଆଗକୁ ଓମ୍ଫେଡ ମାଧ୍ୟମରେ ଗୋବର ଖତକୁ ବ୍ୟବହାର କରି ବାୟୋ ଗ୍ୟାସ ପ୍ରସ୍ତୁତି ନିମନ୍ତେ 'ଗୋବର୍ଦ୍ଧନ ଯୋଜନା' ଆରମ୍ଭ ହେବ। ଏହାଛଡ଼ା ମନ୍ତ୍ରୀ ପୁରୀର ଆଶୁତୋଷ ପଣ୍ଡା, ସୁନ୍ଦରଗଡ଼ର ଶିବାନନ୍ଦ କୁହ୍ଲାରିୟାଙ୍କ ପ୍ରଶ୍ନର ମଧ୍ୟ ଉତ୍ତର ଦେଇଛନ୍ତି। ଏହି ତିନିଦିନିଆ ସମାବେଶରେ ଲକ୍ଷେରୁ ଅଧିକ ମତ୍ସ୍ୟଚାଷୀ, ପ୍ରାଣିପାଳକ, ଉଦ୍ୟୋଗୀ, ବିଶେଷଜ୍ଞ ଓ ସାଧାରଣ ଦର୍ଶକଙ୍କ ସମାଗମ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ

## ଶରୀର ଓ ମନ ମଧ୍ୟରେ ସନ୍ତୁଳନରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ: ନବୀନ

**ଭୁବନେଶ୍ୱର,୧୬।୨ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜନତା ମୈଦାନଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ତଥା ସତସଙ୍ଗ ବିହାର ମନ୍ଦିରରେ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜନତା ମୈଦାନରେ ଭକ୍ତମାନଙ୍କର ଏକ ଭବ୍ୟ ସମ୍ମେଳନ ଆୟୋଜିତ ହୋଇଥିବା ବେଳେ ଏଥିରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଠାକୁରଙ୍କ ଚିତ୍ର ପ୍ରତିମାରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତର୍ପଣ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀ ପଟ୍ଟନାୟକ ସମବେତ ଭକ୍ତମଣ୍ଡଳୀଙ୍କୁ ଉଦବୋଧନ ଦେଇ କହିଛନ୍ତି ଯେ ସେବା ଓ ପ୍ରେମ ପରି ଦିବ୍ୟ ଗୁଣ ସହ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ଉପରେ ଶ୍ରୀ ଠାକୁର ଗୁରୁତ୍ୱ ଦେଉଥିଲେ। ଏବର ବ୍ୟସ୍ତବହୁଳ ଜୀବନରେ ଠାକୁରଙ୍କ ବାଣୀର ବିଶେଷ ପ୍ରାସଙ୍ଗିକତା ରହିଛି। ତେଣୁ ଉଭୟ ମନ ଓ ଶରୀର ମଧ୍ୟରେ ସନ୍ତୁଳନ ରକ୍ଷା ଜରିଆରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ ହୋଇପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ସମାଜରେ ଏକ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ଦିଗରେ ସତସଙ୍ଗ ମଣ୍ଡଳୀର ନିଷ୍ଠାପର କାର୍ଯ୍ୟକୁ ଶ୍ରୀ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଓ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

# ୧୮ରୁ କଂଗ୍ରେସର ସଂକଳ୍ପ ପଦଯାତ୍ରା

### ଜଗନ୍ନାଥଙ୍କୁ ଦର୍ଶନ ପରେ ଦାୟିତ୍ୱନେବେ ଭକ୍ତ

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଆସନ୍ତା ୧୮ ତାରିଖରେ କଂଗ୍ରେସ ପକ୍ଷରୁ ପୁରୀ ପର୍ଯ୍ୟନ୍ତ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହେବ। ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ପଦଯାତ୍ରା କରି ନୂଆ ସଭାପତି ମହାପ୍ରଭୁଙ୍କ ଦର୍ଶନ ପରେ ବିଧିବଦ୍ଧ ଭାବେ ତାଙ୍କ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପଦଯାତ୍ରା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରି ନୂତନ ପିସିସି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ପୂର୍ବରୁ କୌଣସି ରାଜନୈତିକ ଦଳର ସଭାପତି ଦାୟିତ୍ୱ ନେବା ପୂର୍ବରୁ କଦାପି ଏପରି ପଦକ୍ଷେପ ନେଇନଥିବା ବେଳେ କଂଗ୍ରେସର ପଦଯାତ୍ରା ଏ ଦୃଷ୍ଟିକୋଣରୁ ଐତିହାସିକ ହେବ ବୋଲି ଡ. ପଟ୍ଟନାୟକ କହିଛନ୍ତି।



ପଦଯାତ୍ରା ସମ୍ପର୍କରେ ସବିଶେଷ ସୂଚନା ଦେଇ ସେ କହିଛନ୍ତି ଯେ ଆସନ୍ତା ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ବାହାରି ଶିଶୁଭବନ, ରାଜମହଲ, କଳ୍ପନା, ରବି ଟକିଜ୍ ଛକ ଦେଇ ଲିଙ୍ଗିପୁରଠାରେ ଅପରାହ୍ନ ୧ଟା ସମୟରେ ପହଞ୍ଚିବ। ସେଠାରେ ମଧ୍ୟାହ୍ନଭୋଜନ ବିରତି ପରେ ସେଠାରୁ ପୁଣିଥରେ ପଦଯାତ୍ରା ଆରମ୍ଭ ହୋଇ ପିପିଲିଠାରେ ପହଞ୍ଚିବ। ସେଠାରେ ପଦଯାତ୍ରାରେ ସାମିଲ୍ ଥିବା କଂଗ୍ରେସ କର୍ମୀ ଓ ନେତାମାନେ ରାତ୍ରିଯାପନ କରିବେ। ପରଦିନ ଅର୍ଥାତ୍ ୧୯ ତାରିଖ ସକାଳ ୭ଟା ସମୟରେ ସଂକଳ୍ପ ପଦଯାତ୍ରା ପିପିଲିଠାରୁ ଆରମ୍ଭ ହୋଇ ଡେଲାଙ୍ଗ ଦେଇ ତେଇଶିପୁରଠାରେ ପହଞ୍ଚିବ। ସେଠାରେ ମଧ୍ୟାହ୍ନଭୋଜନ ପରେ ପୁନର୍ବାର ପଦଯାତ୍ରା ଆରମ୍ଭ ହୋଇ ଚନ୍ଦନପୁରଠାରେ ପହଞ୍ଚିବ, ଯେଉଁଠାରେ ପଦଯାତ୍ରାରେ ସାମିଲ୍ ହେବାକୁ ଥିବା ନେତା ଓ କର୍ମୀମାନେ ରାତ୍ରିଯାପନ କରିବେ।

ପରଦିନ ଅର୍ଥାତ୍ ୨୦ ତାରିଖ ସକାଳେ ପଦଯାତ୍ରା ଚନ୍ଦନପୁରରୁ ବାହାରି ବାଟମଙ୍ଗଳାଠାରେ ପହଞ୍ଚିବ। ସେଠାରେ ମଧ୍ୟାହ୍ନଭୋଜନ ସାରି ଅପରାହ୍ନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ନବନିଯୁକ୍ତ ପିସିସି ସଭାପତି ଶ୍ରୀ ଦାଶ ଓ ଅନ୍ୟ ନେତାମାନେ ଆଶୀର୍ବାଦ ଭିକ୍ଷା କରିବେ। ଶ୍ରୀମନ୍ଦିରରୁ ଦର୍ଶନ କରି ଫେରିବା ସମୟରେ ବଡ଼ଦାଣ୍ଡରେ ଗଣମାଧ୍ୟମକୁ ସମ୍ବୋଧନ କରିବେ ଭକ୍ତ। ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ଭିକ୍ଷା ନ ସରିବା ପର୍ଯ୍ୟନ୍ତ ନୂଆ ସଭାପତି କୌଣସି ରାଜନୈତିକ ବକ୍ତବ୍ୟ ରଖିବେ ନାହିଁ ବୋଲି ଡ. ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

ଏହି ଅବସରରେ ଡ. ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ କଂଗ୍ରେସକୁ ରାଜ୍ୟରେ ୧ ନମ୍ବର ରାଜନୈତିକ ଦଳ ଭାବେ ପ୍ରତିଷ୍ଠିତ କରାଇବା ଓ ସଫଳ ଓଡ଼ିଶାର ରୂପାୟନ ସହ ରାଜ୍ୟର ଉନ୍ନତି କାମନା କରିବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ। ୩ ଦିନ ଧରି ଚାଲିବାକୁ ଥିବା ପଦଯାତ୍ରା ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ନେଇ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ଏଥିସହ ଏହି ପଦଯାତ୍ରାରେ ଦଳର ସମସ୍ତ ନେତା ଓ କର୍ମୀ ସାମିଲ୍ ହେବାକୁ ଡ. ପଟ୍ଟନାୟକ ନିବେଦନ କରିଛନ୍ତି। ଏଥିସହ ଉକ୍ତ ପଦଯାତ୍ରାକୁ ସଫଳ କରିବା ପାଇଁ ଓଡ଼ିଶାବାସୀଙ୍କ ସହ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଏହି ଯାତ୍ରାରେ ଯୋଗଦେବାକୁ ଶ୍ରୀ ଦାସ ନିବେଦନ କରିଥିବା ଡ. ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାସ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ୟାସିର ନୱାଜ, ରଞ୍ଜିତ ପାତ୍ର, ମନୋଜ ଜେନା ଓ ଉଦିତ ପ୍ରଧାନ ଉପସ୍ଥିତ ଥିଲେ।



## ଆଉ ନାହାନ୍ତି ରାଜ୍ୟର ପ୍ରଥମ ପ୍ରେସ୍ ଫଟୋଗ୍ରାଫର୍

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଆଉ ନାହାନ୍ତି ଓଡ଼ିଶାର ପ୍ରଥମ ପ୍ରେସ ଫଟୋଗ୍ରାଫର ହୃଦୟ ନାଥ ଦାସ। ୯୬ ବର୍ଷ ବୟସରେ ଆଜି ତାଙ୍କର କଟକ ସୂତାହାଟିସ୍ଥିତ ବାସଭବନରେ ଶେଷ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ୪ ପୁଅ ପ୍ରେସ ଫୋଟୋଗ୍ରାଫର ଦ୍ୱାରିକାନାଥ, ଗୋପୀନାଥ, କାଶୀନାଥ ଓ ବଦ୍ରିକନାଥଙ୍କ ସହ ୪ ବୋହୂ, ୩ ଝିଅ-ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କ କ୍ୟାମେରାରେ ଉତ୍ତୋଳିତ ଫଟୋ ରାଜ୍ୟର ଅନେକ ଅଗ୍ରଣୀ ଦୈନିକ ଖବରକାଗଜରେ ପ୍ରକାଶ ପାଉଥିଲା। ଦୀର୍ଘ ବର୍ଷ ଧରି ସେ ଫଟୋ ସାମ୍ବାଦିକ ଭାବେ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ।

## ୧୩ ଜିଲ୍ଲା ବିଜେପି ସଭାପତିଙ୍କ ନାମ ଘୋଷଣା

### ନିରଞ୍ଜନ ମିଶ୍ରଙ୍କୁ ଭୁବନେଶ୍ୱର ଦାୟିତ୍ୱ

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଗତବର୍ଷ ସେପ୍ଟେମ୍ବର ୨ରୁ ବିଜେପିର 'ସାଂଗଠନିକ ପର୍ବ - ୨୦୨୪' ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଜାନୁଆରୀ ୨୫ରେ ପ୍ରଥମ ପର୍ଯ୍ୟାୟରେ ୨୩ ଜିଲ୍ଲା ସଭାପତି ନାମ ଘୋଷଣା ହୋଇଥିଲା। ଆଜି ରାଜ୍ୟ ଦଳୀୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଅନୁମୋଦନ କ୍ରମେ ୧୩ ଜିଲ୍ଲା ସଭାପତିଙ୍କ ନାମ ତାଲିକା ପ୍ରକାଶ ପାଇଛି। ଏହି ଅନୁସାରେ, ଅନୁଗୁଳ ଜିଲ୍ଲା ପାଇଁ ଯଯାତି କେଶରୀ ପଟ୍ଟନାୟକଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଭଗବାନ ପଣ୍ଡା ଭଦ୍ରକ, ନିରଞ୍ଜନ ମିଶ୍ର ଭୁବନେଶ୍ୱର, ନବକିଶୋର ଶବର ଗଜପତି ଜିଲ୍ଲା ଦାୟିତ୍ୱ ପାଇଛନ୍ତି। ଏହାଛଡ଼ା ଦେବଯାନୀ ପ୍ରଧାନ ଯାଜପୁର, ରଘୁନନ୍ଦନ ପଣ୍ଡା ଝାରସୁଗୁଡ଼ା, ପଣ୍ଡିତ କୁମାର ବିସ୍‌ମାଝୀ କନ୍ଧମାଳ, ବିଶ୍ୱରଞ୍ଜନ ବଡ଼ଜେନା ଖୋର୍ଦ୍ଧା, ଶିବ ମୁଦୁଲି କୋରାପୁଟ, ତାପସ ରଞ୍ଜନ ମାର୍ଥା ନୟାଗଡ଼, ଗୋପୀ ଆନନ୍ଦ ରାୟଗଡ଼ା ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ବେଣୁଧର ଦାଶଙ୍କୁ ସୁବର୍ଣ୍ଣପୁର ଓ ପୂର୍ଣ୍ଣିମା କେର୍କେଟାଙ୍କୁ ରାଉରକେଲା ଦାୟିତ୍ୱ ପ୍ରଦାନ କରାଯାଇଛି।

### ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ' ଉଦ୍‌ଘାଟିତ

## ପ୍ରଥମ ଦିନରେ 'ନିଃସଙ୍ଗ ନାୟକ' ମଞ୍ଚସ୍ଥ




**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ' ଆଜି ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପଠାରେ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ନାଟ୍ୟକାର ଦୋଳଗୋବିନ୍ଦ ରଥ, ବିଜୟ ଶତପଥୀ ଉପସ୍ଥିତ ରହି ନାଟକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଆ ନାଟ୍ୟ ପରମ୍ପରା କାଳଜୟୀ ଓ ଆମ ଓଡ଼ିଆ ସଂସ୍କୃତି ଆଜି ବିଶ୍ୱବିଦିତ ବୋଲି ମୁଖ୍ୟ ଅତିଥି ଶ୍ରୀ ସିଂ ତାଙ୍କ ଅଭିଭାଷଣରେ କହିଛନ୍ତି। ଉତ୍ସବର ପ୍ରଥମ ସନ୍ଧ୍ୟାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ନାଟକ 'ନିଃସଙ୍ଗ ନାୟକ' ମଞ୍ଚସ୍ଥ ହୋଇଛି। ଓଡ଼ିଆ ସାହିତ୍ୟ, ସଂସ୍କୃତି, ନାଟକ, ଓଡ଼ିଶୀ ସଂଗୀତ ଓ ନୃତ୍ୟ ଦିଗରେ ରହିଥିବା ତାଙ୍କର ଅତୁଳନୀୟ ଅବଦାନକୁ ନାଟକରେ ଖୁବ ସୁନ୍ଦର ଭାବେ ଚିତ୍ରିତ କରାଯାଇଛି। ଜୀବନର ପ୍ରତିଟି ଘାତ ପ୍ରତିଘାତର ସାମ୍ନା କରି କବିଚନ୍ଦ୍ର କିପରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ତାହାକୁ ନିଖୁଣ ଭାବେ ପ୍ରଦର୍ଶିତ କରିଛନ୍ତି ନାଟ୍ୟ ରଚୟିତା ଡ. ଶୈଳେଶ୍ୱର ନନ୍ଦ, ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ର ଓ କ୍ୟାନମାସ ସାଂସ୍କୃତିକ ଅନୁଷ୍ଠାନର କଳାକାରଗଣ। ଏହି ନାଟକ ଦେଖିବା ସକାଶେ ମଣ୍ଡପରେ ଦକ୍ଷିଣ କୋରିଆରୁ ଆସିଥିବା ଦର୍ଶକ ଉପସ୍ଥିତ ଥିଲେ। ଓଡ଼ିଆ ଅସ୍ମିତାର ବାର୍ତ୍ତା ବହନ କରୁଥିବା ଏହି ନାଟକଟିକୁ ଦେଖି ସେମାନେ ଅଭିଭୂତ ହୋଇପଡ଼ିଥିଲେ। ଉତ୍ସବରେ ଆଗାମୀ ଦିନରେ 'ଦାନାପାଣି', 'ଚିତ୍ରପ୍ରତିମା', 'ମାଗୁଣିର ଶଗଡ଼', 'ଆସ୍ଥା' ଆଦି ନାଟକ ପ୍ରଦର୍ଶିତ ହେବ। ଆଜିର କାର୍ଯ୍ୟକ୍ରମକୁ ସଂସ୍କୃତି ବିଭାଗ ଅଧିକାରୀ ଭାଗ୍ୟଲିପି ମଲ୍ଲ ପରିଚାଳିତ କରିଥିଲେ।

## ପୋଖରୀରେ ୨ ନାବାଳକଙ୍କ ସଲୀଳ ସମାଧି

**ବାସୁଦେବପୁର,୧୬।୨(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନସ୍ଥ ଗୁଆଗାଁରେ ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ଜୀବନ ଯାଇଛି। ସେମାନେ ହେଲେ ଜ୍ୟୋତିର୍ମୟ ବେହେରା (୧୪) ଓ ରାଜେନ୍ଦ୍ର ବେହେରା (୧୬)। ସେମାନେ ଆଜି ରବିବାର ପୂର୍ବାହ୍ନରେ ତାଙ୍କର କେତେକ ସାଙ୍ଗଙ୍କ ସହ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ସେଠାରେ ଅସାବଧାନତାବଶତଃ ଜ୍ୟୋତିର୍ମୟ ଓ ରାଜେନ୍ଦ୍ର ପାଣିରେ ବୁଡ଼ିଯାଇଥିଲେ। ଖବର ପାଇ ବାସୁଦେବପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ସେମାନଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଲହରୀ ଖେଳାଇଦେଇଛି।

### ବହିଷ୍କାରକୁ ୧୨ ବର୍ଷ ପୂରିଲାଣି

# ଏଯାଏଁ କାରଣ ଜାଣିନାହାନ୍ତି ସୌମ୍ୟ

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ନିକଟରେ ରାଜ୍ୟ କଂଗ୍ରେସର ନୂତନ ସଭାପତି ଭାବେ ଭକ୍ତ ଚରଣ ଦାସଙ୍କ ନାମ ଘୋଷଣା କରାଯାଇଛି। ଯଦିଓ ଶ୍ରୀ ଦାସ ଅଦ୍ୟାବଧି ଏହି ଦାୟିତ୍ୱ ଗ୍ରହଣ କରିନାହାନ୍ତି, କିନ୍ତୁ ଘୋଷଣା ପରେ ତୁରନ୍ତ ରାଜ୍ୟ କଂଗ୍ରେସର ସ୍ଥିତି ସୁଧାରିବା ସକାଶେ ପୁରୁଖା ନେତାମାନଙ୍କ ଘରବାହୁଡ଼ା ଘୋଷଣା କରିଛନ୍ତି। ଏପରିକି ଦଳରୁ କୌଣସି ନା କୌଣସି କାରଣରୁ ବାଦ୍ ପଡ଼ିଥିବା ନେତାମାନଙ୍କ ସକାଶେ ସେ ସର୍ବକ୍ଷମା ଘୋଷଣା କରିଛନ୍ତି। ତେଣୁ ଦଳକୁ ଗୋଟିଏ ପରେ ଗୋଟିଏ ନେତାଙ୍କ ଘରବାହୁଡ଼ା ଦେଖିବାକୁ ମିଳିଛି। ଗତକାଲି ଦଳର ଭେଟେରାନ୍ ସଦସ୍ୟ ସୁରେଶ ରାଉତରାୟ କଂଗ୍ରେସ ଭବନରେ ପହଞ୍ଚି ବିଧିବଦ୍ଧ ଭାବେ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାଛଡ଼ା ୪ ବର୍ଷ ତଳେ ବିଜେଡିରେ ସାମିଲ୍ ହୋଇଥିବା ଡ. ପ୍ରଫୁଲ୍ଲ ମାଝୀ ମଧ୍ୟ ଘରବାହୁଡ଼ା ନେଇ ସଙ୍କେତ ଦେଇଛନ୍ତି। ଏହି କ୍ରମରେ ଆଜି ପୂର୍ବତନ କଂଗ୍ରେସ ନେତା ତଥା ଗତ ୨୦୧୯ ନିର୍ବାଚନରେ ବିଜେଡି ଟିକେଟ୍‌ରେ ଖଣ୍ଡପଡ଼ାରୁ ବିଧାୟକ ହୋଇଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ତାଙ୍କ ବହିଷ୍କାରର କାରଣ ଅଦ୍ୟାବଧି ଜାଣିନାହାନ୍ତି ବୋଲି କହିଛନ୍ତି।



ସେ କହିଛନ୍ତି ଯେ ଏକ ସର୍ବପୁରାତନ ଦଳ, କିନ୍ତୁ ଏବେ ଏହାର ଅବସ୍ଥା ଭଲ ନାହିଁ। ରାଜନୈତିକ ବ୍ୟବସ୍ଥାରେ ଦଳ ଯଦି ଭୂମିକା ନିର୍ବାହ ନ କରେ, ତା'ହେଲେ ଏହାର ମୂଲ୍ୟ ନାହିଁ। କଂଗ୍ରେସ ଏଯାବତ ସେ ଭୂମିକା ନିର୍ବାହ କରିପାରିନାହିଁ ବୋଲି ସୌମ୍ୟ କହିଛନ୍ତି। ଏଥିସହ ସୌମ୍ୟ ସ୍ପଷ୍ଟ କରିଛନ୍ତି ଯେ ସେ କଦାପି କଂଗ୍ରେସର ପୁରୁଖା ନେତା ନ ଥିଲେ। ତାଙ୍କ ପରିବାରର ଅନ୍ୟମାନେ ପୁରୁଖା କଂଗ୍ରେସ ନେତା ଥିଲେ। ବଡ଼ ଭାଇ ନିରଞ୍ଜନ ପଟ୍ଟନାୟକ ମନ୍ତ୍ରୀ ଓ ପିସିସି ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ଶ୍ୱଶୁର ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ କଂଗ୍ରେସ ମୁଖ୍ୟ ରହିବା ସହ ୩ ଥର ମୁଖ୍ୟମନ୍ତ୍ରୀ ରହିଥିଲେ ବୋଲି ସୌମ୍ୟ କହିଛନ୍ତି। ତେବେ ଦଳକୁ ଫେରିବେ କି ନାହିଁ ପ୍ରଶ୍ନର ସିଧା ଉତ୍ତର ନଦେଇ ସୌମ୍ୟ ୧୨ ବର୍ଷ ତଳେ ତାଙ୍କ ପ୍ରତି ହୋଇଥିବା କାର୍ଯ୍ୟାନୁଷ୍ଠାନର କାରଣ ସେ ଅଦ୍ୟାବଧି ଜାଣିପାରିଲେ ନାହିଁ ବୋଲି କହିଛନ୍ତି। ତେବେ ରାଜନୀତିରେ କୌଣସି ଦଳର ଭବିଷ୍ୟତ ସବୁବେଳେ ଅନ୍ଧାର ନ ଥାଏ। କଂଗ୍ରେସ ନିଜର ଭୁଲ୍‌କୁ ସ୍ୱୀକାର କରିବା ଦରକାର ଓ ନେତାମାନେ ଅହଂକାର ଛାଡ଼ିଲେ, ଦଳ ପୁଣି ଥରେ ପୁରୁଣା ଗୌରବ ଫେରିପାଇବ ବୋଲି ସୌମ୍ୟ ମତ ଦେଇଛନ୍ତି।

# ନଗଦ ଅର୍ଥ ଆଦାୟ, କୁଆଡ଼େ ଗଲା ପୋସ୍ ମେସିନ୍?

**ଭୁବନେଶ୍ୱର,୧୬।୨:** ଅମାନିଆ ଗାଡ଼ିଚାଳକଙ୍କଠାରୁ ଜୋରିମାନା ଆଦାୟ ପାଇଁ ପରିବହନ ବିଭାଗ ଉନ୍ନତ କିସମର ପୋସ୍ ମେସିନ ଆଣି ନିଜ ବିଭାଗ କର୍ମଚାରୀଙ୍କ ସମେତ ପୁଲିସ୍‌କୁ ଦେଇଛି। ତେବେ ପୁଲିସ୍ କର୍ତ୍ତୃପକ୍ଷ ଏହା ଜରିଆରେ ଜୋରିମାନା ଅର୍ଥ ଆଦାୟ ବଦଳରେ ଲୋକଙ୍କଠାରୁ ନଗଦ ଅର୍ଥ ଦାବି କରିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାଜଧାନୀର ଏକ ନମ୍ବର ଟ୍ରାଫିକ ଥାନାରେ ଜଣେ ଗାଡ଼ିଚାଳକଙ୍କଠାରୁ ନଗଦ ଅର୍ଥ ଆଦାୟ ପାଇଁ ତାଙ୍କ ଗାଡ଼ି ସହ ଭୋକରେ ଆଉଟୁପାଉଟୁ ହେଉଥିବା ସ୍କୁଲଫେରନ୍ତା ଛୋଟ ପିଲାଟିକୁ ଗାଡ଼ି ଭିତରେ ବନ୍ଦକରି ରଖିଥିବା ଅଭିଯୋଗରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଟ୍ରାଫିକ ପୁଲିସ୍ ନିକଟରେ ସବୁପ୍ରକାର ଡିଜିଟାଲ ସାଜସରଞ୍ଜାମ ଥିବାବେଳେ ସେମାନେ କାହିଁକି ଓ କାହା ସ୍ୱାର୍ଥରେ ନଗଦ ଅର୍ଥ ଆଦାୟ କରୁଛନ୍ତି, ସେ ସଂକ୍ରାନ୍ତରେ କିନ୍ତୁ ପୁଲିସ୍ କିଛି ବି ସ୍ପଷ୍ଟ କରୁନାହିଁ। ତେବେ ମିଳିଥିବା ସୂଚନାନୁଯାୟୀ, ମୋଟରଯାନ ଆଇନ୍ ଓ ସହରାଞ୍ଚଳ ପୁଲିସ୍ ଆଇନ୍ ଅନୁଯାୟୀ ଅମାନିଆ ଗାଡ଼ିଚାଳକଙ୍କଠାରୁ ଜୋରିମାନା ଆଦାୟ କରାଯାଇଥାଏ। ତେବେ ଏହି ଜୋରିମାନା କାହାଠାରୁ ବି ଜବରଦସ୍ତ ଆଦାୟ ପାଇଁ କୌଣସି ନିୟମ ନାହିଁ। ଯଦି କୌଣସି ଚାଳକ ଜୋରିମାନା ଦେବାକୁ ରାଜି ନ ହୁଅନ୍ତି, ତା'ହେଲେ ତାଙ୍କୁ ଅଦାଲତରେ ଏହାକୁ ଚ୍ୟାଲେଞ୍ଜ କରିବାକୁ ସୁଯୋଗ ଦିଆଯିବା କଥା। ହେଲେ ଅଧିକାଂଶ ସ୍ଥାନରେ ଦେଖାଯାଉଛି ଯେ ପୁଲିସ୍ କର୍ତ୍ତୃପକ୍ଷ ଗାଡ଼ି ଚାଳକଙ୍କୁ ଜୋରିମାନା ଅର୍ଥ ଦେବା ପାଇଁ ବାଧ୍ୟ କରୁଛନ୍ତି। ଗାଡ଼ିମୋଟରକୁ ଘଣ୍ଟା ଘଣ୍ଟା ଧରି ଅଟକାଇ ରଖୁଛନ୍ତି।

ତେବେ ଜୋରିମାନା ଅର୍ଥ ଯେଭଳି ସୁରୁଖୁରୁରେ ଆଦାୟ ହୋଇପାରିବ, ସେଥିପାଇଁ କିଛିଦିନ ତଳେ ପରିବହନ ବିଭାଗ ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସହ ବୁଝାମଣା ହୋଇଥିଲା ଏବଂ ବ୍ୟାଙ୍କ୍ କର୍ତ୍ତୃପକ୍ଷ ପୋସ୍ ମେସିନ୍ ଯୋଗାଇ ଦେଇଥିଲେ। ଏହି ମେସିନ୍ ଜରିଆରେ ଗାଡ଼ିଚାଳକ ଚାହିଁଲେ କ୍ରେଡିଟ୍, ଡେବିଟ୍ କାର୍ଡ କିମ୍ବା ୟୁପିଆଇ ଜରିଆରେ ଅର୍ଥ ପଇଠ କରିପାରିବେ। ଜୋରିମାନା ଆଦାୟ ପାଇଁ ଗାଡ଼ିମୋଟରଗୁଡ଼ିକ ଯେଭଳି ରାସ୍ତା ଉପରେ ଘଣ୍ଟା ଘଣ୍ଟା ଅପେକ୍ଷା ନ କରିବେ, ସେଥିପାଇଁ ଏହି ଯୋଜନା ଆରମ୍ଭ ହୋଇଥିଲା। ବହୁ ଆଡ଼ମ୍ବରରେ ପରିବହନ ଓ ପୁଲିସ୍ ବିଭାଗ ଏହାର ଶୁଭାରମ୍ଭ କରି ଜୋରଦାର ପ୍ରଚାର ବି କରିଥିଲେ।

ହେଲେ କୌଣସି ସ୍ଥାନରେ ଏହି ମେସିନ୍ ଜରିଆରେ ଜୋରିମାନା ଅର୍ଥ ଆଦାୟ ହେଉଥିବା ଦେଖିବାକୁ ମିଳୁନାହିଁ। ସବୁଠାରେ ନଗଦ ଅର୍ଥ ଦେବାକୁ ଗାଡ଼ିଚାଳକଙ୍କୁ ବାଧ୍ୟ କରାଯାଉଛି। ତେବେ ଏହି ମେସିନ୍‌ଗୁଡ଼ିକ କ'ଣ ହେଲା ଓ କାହିଁକି ଏହା ବ୍ୟବହାର କରାଯାଉନାହିଁ, ସେ ସଂକ୍ରାନ୍ତରେ ଉଭୟ ପୁଲିସ୍ ଓ ପରିବହନ ବିଭାଗ ନିରବତା ଅବଲମ୍ବନ କରୁଛନ୍ତି। ଫଳରେ କମିଶନରେଟ ପୁଲିସ୍‌କୁ ଏଭଳି ସମାଲୋଚନାର ଶିକାର ହେବାକୁ ପଡ଼ିଲା।

ତେଣୁ ନଗଦ ଟଙ୍କା ଆଦାୟ ଉପରେ ପୁଲିସ୍ କମିଶନର ତୁରନ୍ତ କଟକଣା ଲଗାଇବା ସହିତ ପରିବହନ ବିଭାଗ ପ୍ରଦାନ କରିଥିବା ପୋସ୍ ମେସିନ୍ ଜରିଆରେ ଜୋରିମାନା ଅର୍ଥ ଆଦାୟ କରିବାକୁ ପଦକ୍ଷେପ ନିଅନ୍ତୁ। ଏଥିସହ ପରିବହନ ଆଇନ୍ ଅନୁଯାୟୀ କାହାରିକୁ ଜୋରିମାନା ପାଇଁ ବାଧ୍ୟ ନ କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ ଚେତବିଶାଳତା-ମନକୁ ବିଶାଳ କଲେ ହୃଦୟ ଆପେ ଆପେ ବିାଳ ହୋଇଯାଏ, ଆଉ ହୃଦୟକୁ ବିଶାଳ କଲେ ଆତ୍ମା ଆପେ ଆପେ ବିଶାଳ ହୋଇ ପରମାତ୍ମାଙ୍କ ଚିର ବାସସ୍ଥାନ ହୋଇଯାଏ। ସେତେବେଳେ ସେହି ସାଧାରଣ ମଣିଷ ହିଁ ଇଶ୍ୱର ରୂପେ ବିବେଚିତ ହୁଏ।

SANCHAR
ସଂଚାର
ସୋମବାର ୧୭ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର
Monday 17 February 2025 Bhubaneswar



# ଘରକୁ ଫେରିବା ଆହ୍ୱାନ

ଭକ୍ତଚରଣ ଦାସ ରାଜ୍ୟ କଂଗ୍ରେସର ନୂତନ ସଭାପତି ନିର୍ବାଚିତ ହେବା ପରେ ଦଳରେ ଏକପ୍ରକାର ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ସଭାପତି ଦାୟିତ୍ୱ ନେବା ପରେ ଭକ୍ତ ଦଳରୁ ନିଲମ୍ବିତ ଏବଂ ବହିଷ୍କୃତ ନେତାଙ୍କ ଉପରୁ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରିଛନ୍ତି। ଦଳ ଛାଡ଼ିଥିବା ନେତା ଏବଂ କର୍ମୀଙ୍କୁ ସେ ଘରକୁ ଫେରିଆସିବା ପାଇଁ ଆହ୍ୱାନ କରିଛନ୍ତି। ତାଙ୍କ ଆହ୍ୱାନର କେତେଦୂର ପ୍ରଭାବ ପଡୁଛି ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ କିଛି ନେତା କଂଗ୍ରେସ ଭବନକୁ ଫେରିଛନ୍ତି। ପୂର୍ବତନ ବିଧାୟକ, ତଥା କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ୯ ମାସ ପରେ କଂଗ୍ରେସ ଭବନକୁ ଫେରିଛନ୍ତି। ଆଉ କିଛି ନେତା ଦଳରେ ପୁନଃପ୍ରବେଶ ଚିନ୍ତା କରୁଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସୁନ୍ଦରଗଡ଼ ଜିଲ୍ଲା ତଳସରା ଆସନର ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମଲ୍ଲିକ। ଲୋକସଭା ନିର୍ବାଚନ ପୂର୍ବରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିଲା। ସେ କଂଗ୍ରେସରୁ ଟିକେଟ ପାଇ ବାଲେଶ୍ୱର ଆସନରୁ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ଲୋକସଭା ନିର୍ବାଚନରେ ସେ ତୃତୀୟ ସ୍ଥାନରେ ରହିଲେ। ତେଣୁ ପୁରୁଣା ନେତା ବା କର୍ମୀ ଦଳକୁ ଫେରିଆସିଲେ ଦଳ ମଜବୁତ ହୋଇଯିବ ଏବଂ ଲୋକଙ୍କ ଆସ୍ଥାଭାଜନ ହେବ ସେ କଥା ଭାବିବା ଭୁଲ। ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଫେରିପାଇବାକୁ ହେଲେ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଗାଢ଼ ଉଦ୍ୟମ ଆବଶ୍ୟକ। ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ ବା ରାସ୍ତାରେ ପାଟି କଲେ ବିଶେଶେ ଫରକ ପଡ଼ିବନି। ଲୋକଙ୍କୁ ଅନୁଭବ କରାଇବାକୁ ପଡ଼ିବ ଯେ, କଂଗ୍ରେସ ସେମାନଙ୍କ ସହ ରହିଛି। ଏହା ବ୍ୟତିତ ଦଳରେ ନୂଆ ନେତା ସୃଷ୍ଟି କରିବା ଜରୁରୀ। କଂଗ୍ରେସ ଏକ ଜାତୀୟ ଦଳ ଏବଂ ଏହାର ଏକମାତ୍ର ନେତା ବା ନେତ୍ରୀ ହେଲେ ରାହୁଲ



ଗାନ୍ଧି , ପ୍ରିୟଙ୍କା ଏବଂ ସୋନିଆ। ଦଳରେ ଆଉ କେହି ଦ୍ୱିତୀୟ ଧାଡ଼ିର ନେତା ନାହାଁନ୍ତି। ରାହୁଲଙ୍କୁ ଲୋକେ ପସନ୍ଦ କରୁ ନାହାଁନ୍ତି। ତେଣୁ ଦଳ ବାରମ୍ବାର ହାରୁଛି। ଭାରତୀୟ ରାଜନୀତି ହେଲା ବ୍ୟକ୍ତି କୈନ୍ଦ୍ରିକ। ବ୍ୟକ୍ତି ବା ନେତାଙ୍କ ଦେଖି ଲୋକେ ଭୋଟ ଦିଅନ୍ତି। କିନ୍ତୁ କଂଗ୍ରେସ ଦଳରେ ପ୍ରଭାବୀ ନେତାଙ୍କ ଅଭାବ ରହିଛି। ଯେ ପର୍ଯ୍ୟନ୍ତ ଦଳରେ ନୂଆ ଯୁବ ନେତା ସୃଷ୍ଟି ହୋଇ ନାହାଁନ୍ତି ସେ ପର୍ଯ୍ୟନ୍ତ ଦଳର ପୁନରୁତଥାନ ଅସମ୍ଭବ। ପିସିସି ନେତୃତ୍ୱ ନେବା ପରେ ଭକ୍ତ ତତ୍କାଳ କିଛି ମହତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଫଳରେ କଂଗ୍ରେସ ଭବନ ଚଳଚଞ୍ଚଳ ହୋଇଉଠିଛି। ଭକ୍ତଙ୍କ ଏହି ଗୋଟିଏ ନିଷ୍ପତ୍ତିର ପ୍ରଭାବ ଅପରିସୀମ ହେବ। ଗତ ୨୦ ବର୍ଷ ଭିତରେ ଅନେକ ନେତା କଂଗ୍ରେସ ଛାଡ଼ି ବିଜେପି ବା ବିଜେଡିରେ ସାମିଲ ହୋଇଛନ୍ତି। ଅନେକ ସାଂସଦ ଓ ବିଧାୟକ ହୋଇଛନ୍ତି, କେତେକ ମନ୍ତ୍ରୀ ପଦ ମଧ୍ୟ ପାଇଛନ୍ତି। ଏବେ ବିଜେଡି ଛାଡ଼ି ସେମାନେ କଂଗ୍ରେସକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି। ଏହା ସହିତ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଏବଂ ଆତ୍ମବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ବିଗତ ୨୫ ବର୍ଷ ହେବ ରାଜ୍ୟରେ କଂଗ୍ରେସ ବାରମ୍ବାର ବିଭିନ୍ନ ନିର୍ବାଚନରେ ପରାଜିତ ହୋଇଛି। ଯିଏ ବି ପିସିସି ସଭାପତି ହୋଇଛନ୍ତି, ତାଙ୍କୁ ନିଜ ଆସନ ବଂଚାଇବାକୁ ସଂଘର୍ଷ କରିବାକୁ ପଡ଼ିଛି। ଦିଲ୍ଲୀରେ ପ୍ରତିପକ୍ଷ ଡେରା ପକାଇଛନ୍ତି ଏବଂ ପିସିସି ସଭାପତି ପରିବର୍ତ୍ତନ ଲାଗି ଲବି ଆରମ୍ଭ କରିଛନ୍ତି। ଏବେ ଭକ୍ତଙ୍କୁ ଦଳର ଅନ୍ୟ ନେତାମାନେ ସାହାଯ୍ୟ ସମର୍ଥନ କରୁଛନ୍ତି କି ନା ଦେଖିବା କଥା। ବିଗତ ଦୁଇ ଦଶନ୍ଧି ଭିତରେ କଂଗ୍ରେସରୁ ବହୁ ନେତା ଏବଂ କର୍ମୀ ଦଳରୁ ଇସ୍ତଫା ଦେଇ ଅନ୍ୟ ଦଳରେ ସାମିଲ ହୋଇଛନ୍ତି। ଏବେ ଭକ୍ତଙ୍କ କାମ ହେଲା ଦଳ ଛାଡ଼ିଥିବା ପୁରୁଣା ନେତାଙ୍କୁ କିପରି କଂଗ୍ରେସକୁ ଫେରାଇଆଣିବେ। ବିଧାନସଭା ଭିତରେ ଓ ବାହାରେ କଂଗ୍ରେସ ସମ୍ପୂର୍ଣ୍ଣ ନିଷ୍କ୍ରିୟ ରହିଛି। ବିଭିନ୍ନ ପ୍ରସଙ୍ଗ ନେଇ କଂଗ୍ରେସ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ନିଜ ଦାୟିତ୍ୱ ନିର୍ବାହ କରିନାହିଁ। ଜନତାଙ୍କଠାରୁ ଏହା ଦୁରେଇ ଯାଇଛି। ଏବେ ଭକ୍ତଙ୍କ ପ୍ରଥମ ଦାୟିତ୍ୱ ହେଲା ପିସିସିର ପୁନର୍ଗଠନ କରିବା ଏବଂ ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରି ଏହାକୁ ସକ୍ରିୟ କରାଇବା। ଯେ କୋ÷ଣସି ରାଜନୈତିକ ଦଳର ସଫଳତା ପଛରେ ଏହାର ଛାମୁଆ ସଙ୍ଗଠନର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ କଂଗ୍ରେସ ଦଳର ସବୁଠାରୁ ବଡ଼ ସମସ୍ୟା ହେଲା କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ କେବେ ଗୁରୁତ୍ୱ ଦିଏ ନାହିଁ। ଭକ୍ତ ଙ୍କ ପ୍ରଥମ କର୍ତ୍ତବ୍ୟ ହେଲା କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱକୁ ଓଡ଼ିଶା ପ୍ରତି ଆକର୍ଷିତ କରିବା। ଓଡ଼ିଶାରେ କଂଗ୍ରେସ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଫେରାଇ ଆଣିବାକୁଉଦ୍ୟମ କରିବା ଉଚିତ। ଆଗକୁ ପଞ୍ଚାୟତ ଏବଂ ପରେ ପରେ ପୋ÷ର ନିର୍ବାଚନ ହେବ। ଏହି ନିର୍ବାଚନ ଭକ୍ତଙ୍କ ପାଇଁ ପ୍ରଥମ ପରୀକ୍ଷଣ ହେବ। ୨୦୨୯ ନିର୍ବାଚନ ବେଳକୁ ହୁଏତ ଭକ୍ତ ପିସିସି ସଭାପତି ଦାୟିତ୍ୱରେ ନôତବେ। କିନ୍ତୁ ଭବିଷ୍ୟତରେ ସଫଳତା ପାଇଁ ଏବେଠାରୁ ଦଳକୁ ସାଙ୍ଗଠନିକ ସ୍ତରରୁ ସୁଦୃଢ଼ କରିବାକୁ ହେବ। ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଫେରାଇଆଣିବାକୁ ହେଲେ କଂଗ୍ରେସ କର୍ମୀଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏବେ ଭକ୍ତଙ୍କ ଦାୟିତ୍ୱ ହେଲା ସେ ଦଳୀୟ କର୍ମୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା। ଏଥିରେ ବିଫଳ ହେଲେ ସେ ବି ଭବିଷ୍ୟତରେ ଅଳିଆ ଗଦାକୁ ଚାଲିଯିବେ। କେବଳ ପିସିସି ସଭାପତି ଚାହିଁଲେ ଦଳର ଭାଗ୍ୟ ବଦଳିଯିବ ନାହିଁ। ଏଥିପାଇଁ ଦଳର ପ୍ରତ୍ୟେକ କର୍ମୀଙ୍କୁ ସକ୍ରିୟ ହେବାକୁ ପଡ଼ିବ। କେନ୍ଦ୍ରୀୟ ନେତୃତ୍ୱକୁ ସକ୍ରିୟ ହେବାକୁ ପଡ଼ିବ। ଶରତଙ୍କ ଭଳି ଭକ୍ତ ପଶ୍ଚିମ ଓଡ଼ିଶାର ପ୍ରତିନିଧିତ୍ୱ କରନ୍ତି। ତାଙ୍କୁ ଉପକୂଳ ନେତାମାନେ କେତେଦୂର ସାହାଯ୍ୟ ସମର୍ଥନ ଏବଂ ସହଯୋଗ କରୁଛନ୍ତି ତାହା ଦେଖିବାର କଥା।

ଭକ୍ତଙ୍କ ନେତୃତ୍ୱକୁ ଦଳର ବରିଷ୍ଠ ନେତାମାନେ ସ୍ୱାଗତ କରିଛନ୍ତି। ଇତିମଧ୍ୟରେ କଂଗ୍ରେସର ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀ ଭକ୍ତଙ୍କ କମବ୍ୟାକ ଅଫରକୁ ସ୍ୱାଗତ କରିଛନ୍ତି ଏବଂ କଂଗ୍ରେସକୁ ଫେରିବା ସଙ୍କେତ ଦେଇଛନ୍ତି। ଆହୁରି ଅନେକ ନେତା ସମ୍ଭାବ୍ୟ ତାଲିକାରେ ଅଛନ୍ତି ଯେଉଁମାନେ କଂଗ୍ରେସ ଭବନକୁ ଫେରିବା ଲାଗି ଆଗ୍ରହୀ ଅଛନ୍ତି। କିନ୍ତୁ ନିର୍ବାଚନ ଆହୁରି ୪ ବର୍ଷ ଅଛି। ରାଜ୍ୟ ବା ଜାତୀୟ ସ୍ତରରେ କଂଗ୍ରେସର ଅବସ୍ଥା ମଧ୍ୟ ଭଲ ନାହିଁ। ଦେଶର ମାତ୍ର ୩ଟି ରାଜ୍ୟ;ରେ କଂଗ୍ରେସ କ୍ଷମତାରେ ରହିଛି। ଦିଲ୍ଲୀରେ କଂଗ୍ରେସ ଗୋଟିଏ ହେଲେ ଆସନ ଦଖଲ କରିବାରେ ସଫଳ ହୋଇନାହିଁ। ୭୦ରୁ ୬୭ ପ୍ରାର୍ଥୀ ଅମାନତ ହରାଇଛନ୍ତି। ହରିୟନା ଓ ମହାରାଷ୍ଟ୍ରରେ ବିଜୟ ସମ୍ଭାବନା ଥାଇ ମଧ୍ୟ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେଲା। ତେଣୁ କଂଗ୍ରେସକୁ କିଏ କାହିଁକି ଫେରିବାକୁ ଆଗ୍ରହ ପ୍ରକାଶ କରିବ? ରାଜ୍ୟରେ କଂଗ୍ରେସର ଦୁଇ ପ୍ରତିଦ୍ୱନ୍ଦ୍ୱି ବିଜେଡି ଓ ବିଜେପି ଏକଦା ପରସ୍ପର ସହ ହାତ ମିଳାଇଥିଲେ। କଂଗ୍ରେସକୁ ପରାଜିତ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉଦ୍ଦେଶ୍ୟ ସଫଳ ହେଲା। କିନ୍ତୁ ୨୦୦୯ରୁ ବିଜେଡି-ବିଜେପି ପରସ୍ପରଠାରୁ ଅଲଗା ହୋଇଗଲେ। ଏବେ ଦୁଇ ଦଳ ପରସ୍ପରର ଶତ୍ରୁ। କିନ୍ତୁ ବିଜେଡି ସହ ସମ୍ପର୍କ ତୁଟିବା ପରେ ବିଜେପି ୧୫ ବର୍ଷ ଭିତରେ ନିଜ ସ୍ଥିତି ସୁଧାରିନେଲା ଏବଂ ରାଜ୍ୟରେ ଏକକୀ ସରକାର ଗଠନ କରିବାକୁ ସମର୍ଥ ହେଲା। କିନ୍ତୁ ଦୀର୍ଘ ୨୫ ବର୍ଷ ହେବ ରାଜ୍ୟରେ ବିରୋଧୀ ଆସନରେ ବସିଥିବା କଂଗ୍ରେସ କାହିଁକି ପ୍ରତ୍ୟାବର୍ତ୍ତନ କରିପାରୁନି ସେ ସମ୍ପର୍କରେ ଦଳୀୟ ନେତାମାନେ ଆତ୍ମସମୀକ୍ଷା କରିବା ଉଚିତ।

# ଅବସର ପରେ କାମ: କେତେ ଭଲ, କେତେ ଖରାପ ?



ସୁବାସ ଷଡଙ୍ଗୀ

ଯେଉଁମାନେ ସରକାରୀ ବା ବଡ କମ୍ପାନୀରେ ଚାକିରି କରିଥିଲେ, ସେମାନଙ୍କର ସେତେବେଳେ ଏକମାତ୍ର ଚିନ୍ତା ଥିଲା, କେବେ ସରକାରୀ/ କମ୍ପାନୀ ଚାକିରିରୁ ଅବସର ନେବେ? କାରଣ, ଚାକିରି ସମୟରେ ଅଫିସର ବ୍ୟସ୍ତତା ଭିତରେ ଘର ସଂସାର ପାଇଁ ସମୟ ଦେଇ ହୁଏ ନାହିଁ। ସେ ସବୁ କାମ ଅବସର ପରକୁ ବାକିଥାଏ। ଯେମିତି ଘର କରିବା ଝିଅ ବା ବାହାଘର କରିବା, ସ୍ତ୍ରୀକୁ ତୀର୍ଥାଟନ କରେଇବା, ଏମିତି କେତେ କଣ।

ଚାକିରି କଲେ ଦିନେନା ଦିନେ ଅବସର ନେବାକୁ ହୁଏ। ସରକାରୀ ଚାକିରିରୁ ଅବସର ନେବାର ବୟସ ହେଉଛି ଷାଠିଏ ବର୍ଷ। ଏଇ ବୟସରେ ପହଂଚିଲେ ଜଣେ ଆପଣା ଛାଏଁ ବୁଢା ହୋଇଯାଏ।

ଷାଠିଏ ବର୍ଷ ହେବାକୁ କିଛି ବର୍ଷ ବାକିଥାଏ, ଆରମ୍ଭ ହୋଇଯାଏ ଯୋଜନା। ଅବସର ପରେ କଣ ସବୁ କରାଯିବ? କିଏ ପିଲାମାନଙ୍କୁ ଧରି ବୁଲିଯିବାକୁ ଯୋଜନା କରେ ତ, ଆଉ କିଏ ଘର କରି ନିଜ ଘରକୁ ଚାଲିଯିବାକୁ ଚାହେଁ। ଯୋଜନା କରିବାର କାରଣ ହେଲା, ସରକାରୀ ବା ପ୍ରତିଷ୍ଠିତ ସଂସ୍ଥାରେ ଯେଉଁମାନେ ଚାକିରି କରିଥାନ୍ତି, ସେମାନେ ଅବସର ପରେ ନଗଦ କିଛି ଅର୍ଥ ପାଆନ୍ତି। ସେଇ ଅର୍ଥରେ ଅଧୁରା ରହିଯାଇଥିବା ସ୍ୱପ୍ନ ପୂରଣ କରିବାକୁ ଉଦ୍ୟମ କରନ୍ତି। ଆଉ କେତେକ ବ୍ୟସ୍ତବହୁଳ ଜୀବନରୁ ଅବସର ନେଇ ଟିକିଏ ବିଶ୍ରାମ କରିବାକୁ ଚାହାନ୍ତି। ଦୀର୍ଘ ବର୍ଷ ଏକ ରୁଟିନ ବନ୍ଧା ଜୀବନ ଭିତରେ ରହି ସେମାନେ ଅଣନିଶ୍ୱାସୀ ହୋଇ ପଡିଥାଆନ୍ତି।

ଏବେ କିନ୍ତୁ ପରିସ୍ଥିତି ଭିନ୍ନ। ସରକାରି ଅଫିସରମାନେ ଷାଠିଏ ବର୍ଷରେ ଅବସର ନେବା ପରେ ମଧ୍ୟ ପୁଣି ଥରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହେବାକୁ ଚାହାନ୍ତି। ସମ୍ପ୍ରତି କିଛି କମିଶନ ଓ ଅନ୍ୟାନ୍ୟ ପଦପଦବୀରେ ଅବସ୍ଥାପିତ ହେବା ପାଇଁ ବହୁ ବରିଷ୍ଠ ସରକାରୀ ଅଫିସର ଯେଉଁମାନେ ନିକଟରେ ଚାକିରିରୁ ଅବସର ନେଇଛନ୍ତି, ସେମାନେ ସରକାରଙ୍କୁ ଦରଖାସ୍ତ କରିଥିବା କଥା ସରକାରୀ ତଥ୍ୟରୁ ଜଣା ପଡିଛି। ସେମାନଙ୍କର ତ ଟଙ୍କା ପଇସାର କୌଣସି ଅଭାବ ନାହିଁ। ତେବେ କଣ ପାଇଁ ଏତେ ଆଗ୍ରହ?

ଏହା ଏକ ଭିନ୍ନ ପ୍ରସଙ୍ଗ। ଆମେ ତା ଭିତରକୁ ଯିବାକୁ ଚାହୁଁନା। କିନ୍ତୁ ଗୋଟାଏ କଥା ସତ ଯେ ବୁଢ଼ା ଲୋକମାନେ ଷାଠିଏ ପରେ ପୁଣି କାମ କରିବାକୁ ଚାହାଁନ୍ତି। ଏହା କେବଳ ଓଡିଶା ବା ଭାରତର ଲୋକମାନଙ୍କ କଥା ନୁହେଁ, ସମଗ୍ର ବିଶ୍ୱର ଲୋକମାନଙ୍କ ମନରେ କାମ କରିବାର ଲାଳସା ପ୍ରବଳ।

ସାମ୍ପ୍ରତିକ ଏକ ସମୀକ୍ଷାରୁ ଜଣା ପଡିଛି ଯେ ଅଫିସର ମାନେ ଷାଠିଏ ବର୍ଷରେ ଅବସର ନେବା ପରେ ପୁଣି ଥରେ କାମ କରିବାକୁ ଚାହାଁନ୍ତି। ସେଥିପାଇଁ ଉଦ୍ୟମ ମଧ୍ୟ କରନ୍ତି। ବିଶେଷ କରି ଷାଠିଏରୁ ପଂଚଷଠି ବର୍ଷ ବର୍ଗର ଲୋକମାନେ ଏଥିପାଇଁ ଅଧିକ ଆଗ୍ରହୀ।

ନିକଟରେ ଆମେରିକାରେ ୫୦ରୁ ୬୪ ବର୍ଷର ତିନିହଜାର ୪୮୬ ଜଣ ଏଇ ବର୍ଗର ଲୋକମାନଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା।



ଦେଖା ଗଲା, ସେମାନେ ଅବସର ବୟସରେ ପହଂଚିବା ପରେ ପୁଣିଥରେ କାମ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୬୩ ଶତାଂଶ ଲୋକ ଅବସର ପରେ କାମ ପାଇବାକୁ ଉଦ୍ୟମ କରିଥିଲେ। ପଂଚଷଠୀ ବର୍ଷରୁ ଅଧିକ ଲୋକମାନଙ୍କ କ୍ଷେତରେ, ଅଠର ଶତାଂଶ ଲୋକ କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ପଂଚଷଠୀ ବର୍ଷ ପରେ ୭୨ ଶତାଂଶ ଲୋକ ପାର୍ଟ ଟାଇମ କାମ କରିବାକୁ ଚାହାନ୍ତି। ଅଧିକାଂଶ ଲୋକ ସ୍ୱନିଯୁକ୍ତ ବା ଆତ୍ମନିର୍ଭରଶୀଳ।

ବରିଷ୍ଠ ନାଗରିକମାନେ ଅଧିକ କାମ କରିବା ସମ୍ପର୍କରେ ଅଧ୍ୟୟନ କରୁଥିବା ଜେଫରି କୁଲଗ୍ରେନ କହନ୍ତି, ୬୫ ବର୍ଷରୁ ଅଧିକ ବୟସର ଲୋକମାନେ ଯେଉଁମାନେ କାମ କରୁଛନ୍ତି, ସେମାନେ କେବଳ କାର୍ଯ୍ୟକ୍ଷମ ନୁହଁନ୍ତି, ସେମାନେଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନାହିଁ। ସେମାନେ ପୁରାପୁରି ସୁସ୍ଥ। ଅବସର ପରେ ଅନେକଙ୍କର ଆର୍ଥିକ ସମସ୍ୟା ଦେଖାଦିଏ। ଏଣୁ ଆଉ କିଛି ବର୍ଷ ଅଧିକ କାମ କରି ଅର୍ଥ ଉପାର୍ଜନ କରିବାକୁ ସେମାନେ ଚାହାଁନ୍ତି। ଏମାନଙ୍କ ମଧ୍ୟରୁ ଶତକଡା ଅଶୀ ଭାଗ ଲୋକ କେବଳ ଅର୍ଥ ପାଇଁ ଚାକରି କରନ୍ତି। ଏହାଦ୍ୱାରା ସେମାନେ ଭାବନ୍ତି, ଜୀବନଯାତ୍ରାର ମାନରେ ଉନ୍ନତି ଆସିବ, ପରିବାରର ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ବଢିବ। ସବୁଠାରୁ ବଡ କଥା ପୁଣି ଥରେ ଚାକିରି କରିବା ଦ୍ୱାରା ସେମାନେ ଅଧିକ ସଂଚୟ କରିବାକୁ ସକ୍ଷମ ହୁଅନ୍ତି। ସେମାନଙ୍କର ଅବସରର ଅର୍ଥ ସୁରକ୍ଷିତ ରହେ।

ମନୋବିଜ୍ଞାନୀମାନେ କହନ୍ତି, ଅବସର ଅନେକ ଲୋକମାନଙ୍କ ପାଇଁ ଏକ ଦଣ୍ଡ ସ୍ୱରୁପ। କାରଣ, ଅବସର ପରେ ସେମାନେ ନିଃସଙ୍ଗ ହୋଇଯାଆନ୍ତି। ସେମାନଙ୍କୁ ଏକାକିତ୍ୱ ଗ୍ରାସ କରେ। ସମୟ କାଟିବା କଷ୍ଟକର ହୋଇପଡେ। ଏଣୁ ବୁଢା ବୟସରେ କାମ କିଛି ଲୋକମାନଙ୍କ ସହ କଥା ବାର୍ତାହୁଏ। ଭାବର ଆଦାନ ପ୍ରଦାନ ହୁଏ। ସମୟ କଟିଯାଏ।

ବୟସ ବଢିବା ସହିତ ମସ୍ତିଷ୍କର କାର୍ଯ୍ୟଦକ୍ଷତା କମିଯାଏ। ଅନେକ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ। କିନ୍ତୁ ଦେଖାଯାଇଛି, ଯେଉଁମାନେ ଅବସର ପରେ କାମ କରୁଛନ୍ତି, ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ନାହିଁ । ମସ୍ତିଷ୍କ ମଧ୍ୟ ସଚଳ। ବିଭିନ୍ନ ଲୋକମାନଙ୍କ ସହ ମିଶିବା ଫଳରେ ସେମାନଙ୍କ ପ୍ରଫୁଲ୍ଲ ରହେ। କାରଣ, ସକାଳୁ ଉଠିବା ପରେ ଅଫିସ ଯିବାକୁ ଏକ ପ୍ରକାର ତାଗିଦା ଥାଏ। ଏଣୁ ଅନ୍ୟ କୌଣସି ମନଭିତରକୁ ଆସେନା।

ଆଜିକାଲି ବରିଷ୍ଠ ନାଗରିକମାନଙ୍କ ପାଖରେ ସେମାନଙ୍କ ପିଲାପିଲିମାନେ ରହୁ ନାହାନ୍ତି। ଚାକିରି ପାଇଁ ବାହାରକୁ ଚାଲିଯାଉଛନ୍ତି। କେତେକ କ୍ଷେତ୍ରରେ ଅଲଗା ରହୁଛନ୍ତି। ଯାହାଫଳରେ ବୁଢାଲୋକମାନେ ନିଃସଙ୍ଗ ହୋଇଯାଉଛନ୍ତି। ବିଶେଷ କରି ଯେଉଁମାନେ ପତ୍ନୀହରା, ସେମାନେ ଅଧିକ ନିଃସଙ୍ଗ ମନେ କରୁଛନ୍ତି। ସେମାନଙ୍କ ପାଇଁ କାମ କରିବା ଭଲ। କାରଣ, ଚାକିରିରୁ ଅବସର ନେବା ପରେ ସେମାନଙ୍କ ସାମାଜିକ ଜୀବନ ସଂକୁଚିତ ହୋଇଯାଏ। ଏଣୁ ସୁସ୍ଥ ରହିବାକୁ ହେଲେ, ସେମାନଙ୍କୁ କାମ କରିବା ଦରକାର।

ମୋବାଇଲ୍: ୯୪୩୯୬୫୨୩୨୨

# ପବିତ୍ର ଓ ଐଶୀକଳାସମ୍ପନ୍ନ ବରପୁତ୍ର




ମୌଲାନା ଫଜଲ ହକ ଖାନ୍

କଳି କାଳରେ ଧର୍ମର ଗ୍ଲାନି ଘଟିବ। କଳକୀ ଅବତାର ଆସିବେ। ରାମରାଜ୍ୟ ପ୍ରତିଷ୍ଠା ହେବ। ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ସ୍ଥାୟୀଶାନ୍ତି ସ୍ଥାପନା କରିବେ। ବିଶ୍ୱଶାନ୍ତି,ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ। ବସୁଧୈବ କୁଟୁମ୍ବକୁମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି। ଧର୍ମ ସର୍ବଦା ସଂସ୍କାର, ସେବା,ତ୍ୟାଗ,ସହଯୋଗ ଶିଷ୍ଟାଚାର ଶିଖାଇଥାଏ। ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ। ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ।

ଆଦିଧର୍ମ ଇସଲାମ ଧର୍ମ। ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ,ସୌହାର୍ଦ୍ଦ୍ୟ, ସହାନୁଭୂତି,ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା। ମହାମହିମ ଅବତାର ହଜରତ ମହମ୍ମଦ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ। ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ,ଇସଲାମ ଧର୍ମରେ ଦେଖାଯାଉଥିବା କଳୁଶିତକୁ ଦୂର କରିଥିଲେ। ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ। ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା,ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା। ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା। ତଥା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା। ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍‌ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ। ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ବରପୁତ୍ର ବିଷୟରେ ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରୀଭୁବନ



ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି। ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି- ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗାରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ, କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେଷିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।"

ଏହି ଭବିଷ୍ୟ ବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ୍ ଅହମଦ୍ ଥିଲା। ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ )ବୋଲି କୁହାଯାଏ। ଆପଣ ପ୍ରାଥମିକ ଶିକ୍ଷା ଅର୍ଜନ ଭଲ କରିନଥିବା ସତ୍ୱେ ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ, 'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚି ପାରିଛି। ତଥା ବିଶ୍ୱର ୨୧୪ ଗୋଟିରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ପରିବ୍ୟାପ୍ତ। ଏହି ସଂପ୍ରଦାୟର ବର୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟ୍ରର ରାଷ୍ଟ୍ରପତି,ଶାସକ,ରାଜା,ମହାରାଜା ଏବଂ ବହୁତ ବୁଦ୍ଧିଜୀବୀମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା। ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା। ଏବଂ ଦେଶଦ୍ରୋହୀ,ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃରେ ସହର ବସାଇବା। ଏହା ହିଁ ଆମର କାମନା ।

ମଙ୍ଗଳାବାଗ, କଟକ
ମୋବାଇଲ୍: ୯୬୯୨୨୨୫୦୫୭

# ପର୍ଜନ୍ୟ ଅର୍ଥାତ ପ୍ରାଣବର୍ଷା



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଗୀତାର ଭଗବାନ କୃଷ୍ଣ କହନ୍ତି, "ଯଜ୍ଞାଦ ଭବତି ପର୍ଜନ୍ୟଃ' ଅର୍ଥାତ୍ ଯଜ୍ଞ ଦ୍ୱାରା ପର୍ଜନ୍ୟ ବର୍ଷା ହୁଏ। ଲୋକେ ବର୍ଷାର ଅର୍ଥ ପାଣିବର୍ଷାକୁ ବୁଝନ୍ତି, ଏହା ଯଦି ସତ ହୋଇଥାନ୍ତା ତେବେ ପାଣିବର୍ଷା ମନୁଷ୍ୟ ହାତରେ ଥାନ୍ତା, କଦାପି ପାଣିର ଅଭାବ ପଡ଼ନ୍ତା ନାହିଁ। ଯେତେବେଳେ ଯେତିକି ବର୍ଷାର ଆବଶ୍ୟକତା ହୁଅନ୍ତା ସେତେବେଳେ ସେତିକି ବର୍ଷା କରାଯାଇ ପାରନ୍ତା। ବନ୍ୟା ହେବାର ସଙ୍କଟ ରହନ୍ତା ନାହିଁ ଏବଂ ବର୍ଷା ଅଭାବରେ ଦୁର୍ଭିକ୍ଷ ପଡ଼ିବାର ଦେଖାଯାନ୍ତା ନାହିଁ। ମନ ହେବାମାତ୍ରେ ବର୍ଷା କରାଯାଇ ପାରନ୍ତା। ତାର ମାତ୍ରା ନିୟନ୍ତ୍ରଣ ମଧ୍ୟ ମନୁଷ୍ୟ ହାତରେ ଥାନ୍ତା। ପର୍ଜନ୍ୟ ବର୍ଷା କଥା ସତ ଅଟେ କିନ୍ତୁ ପାଣି ବର୍ଷା ନୁହେଁ। ତେବେ ପାଣି ବ୍ୟତୀତ ଆଉ କୌଣସି ବସ୍ତୁ ମଧ୍ୟ ବର୍ଷା ହୁଏ କି? ଏହାର ଉତ୍ତର "ହଁ'ରେ ଦିଆଯାଇପାରେ ଏବଂ ଉକ୍ତ ବର୍ଷା ହେବା ବସ୍ତୁକୁ ହିଁ ପର୍ଜନ୍ୟ କୁହାଯାଏ। ଏହାପାଣି ନୁହେଁ, "ପ୍ରାଣ' ଅଟେ। ପ୍ରାଣ କହନ୍ତି ଜୀବନୀ ଶକ୍ତିକୁ। ଯେଉଁ ବସ୍ତୁ ବଳ, ସାମର୍ଥ୍ୟ ପ୍ରଦାନ କରେ, ତାହା ହିଁ ଜୀବନୀ ଶକ୍ତି ଅଟେ। ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି। ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ। ଯଦି ଦୁର୍ଘଟଣା ହୋଇନଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା। ଜୀବନୀ ଶକ୍ତି ଶରୀରକୁ ବଳବାନ, ନିରୋଗ ଏବଂ ଦୀର୍ଘଜୀବୀ କରିବା ସହିତ ମନୋବଳ ବୃଦ୍ଧି କରେ। ଏହାଦ୍ୱାରା ଓଜସ୍ ଏବଂ ବର୍ଚ୍ଚସର ବିଭୁତି ପ୍ରାପ୍ତ ହୁଏ। ଏହାକୁ ପ୍ରତିଭା ମଧ୍ୟ କୁହାଯାଏ। ପ୍ରତିଭାର ସ୍ରୋତ ଅନ୍ତରୀକ୍ଷ ଅଟେ। ଅନ୍ତରୀକ୍ଷରୁ କିରଣ ମଧ୍ୟ ବର୍ଷା ହୁଏ। ସୂର୍ଯ୍ୟ କିରଣକୁ ଜୀବନଦାତ୍ରୀ ବୋଲି କୁହାଯାଏ। ତଦ୍ୱାରା ବର୍ଷା ମଧ୍ୟ ହୁଏ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ତଦ୍ୱାରା ବର୍ଷା ଅତିରିକ୍ତ ଆଉ ବହୁତ କିଛି ବର୍ଷା ହୁଏ। ବର୍ଷା ପାଣିରେ ଉତ୍ପାଦକଶକ୍ତି ଥାଏ। ସମୟ ସମୟରେ ତାର ନ୍ୟୁନତା ମଧ୍ୟ ଦେଖାଦେଇ ଥାଏ। ଏପରି ପରିସ୍ଥିତିରେ ଯେଉଁ ବନସ୍ପତି ଉତ୍ପନ୍ନ ହୁଅନ୍ତି ସେମାନେ ନିର୍ଜୀବ ହୁଅନ୍ତି। ବିଶ୍ଳେଷଣ କର୍ତ୍ତାଙ୍କ ଅନୁସାରେ ସେମାନଙ୍କ ଠାରେ ରାସାୟନିକ ପଦାର୍ଥ ସ୍ୱଳ୍ପ ମାତ୍ରାରେ ଥାଏ। ଫଳରେ ସେମାନଙ୍କର ପତ୍ର ଫୁଲ ଫଳ



ସ୍ୱଳ୍ପମାତ୍ରାରେ ହୁଏ। ସେମାନଙ୍କୁ ଖାଉଥିବା ପଶୁପକ୍ଷୀ ମଧ୍ୟ ଦୁର୍ବଳ ହୁଅନ୍ତି, ଦୁଧ ଅଳ୍ପ ଦିଅନ୍ତି, ଶିଶୁମାନେ ଦୁର୍ବଳ ହୁଅନ୍ତି। ପର୍ଜନ୍ୟ ଅର୍ଥ ଅନ୍ୟ ପ୍ରକାରେ ଜୀବନୀଶକ୍ତି ଅଟେ। ତାହା ବର୍ଷା ସହିତ ବରଷିପାରେ ଏବଂ ପ୍ରାଣବାୟୁରେ ମଧ୍ୟ ଦ୍ରବିତ ହୋଇ ରହିପାରେ। ବାୟୁରେ ପ୍ରାଣବାୟୁ ଯଦି କମ ଥାଏ ତେବେ ଶ୍ୱାସ ଗ୍ରହଣ ତ କରାଯାଇପାରେ କିନ୍ତୁ ଯେଉଁ ବିଶିଷ୍ଟତା ପାଇଁ ଲୋକେ ଜଳବାୟୁ ପରିବର୍ତ୍ତନ କରନ୍ତି ଏବଂ ସ୍ୱାସ୍ଥ୍ୟୋନ୍ନୋତି ପାଇଁ ଅନ୍ୟ ସ୍ଥାନକୁ ଯାଆନ୍ତି, ସେ ବିଶିଷ୍ଟତା ତହିଁରେ ନଥାଏ। ବନସ୍ପତିର ପ୍ରଖରତା ପ୍ରାଣବାନ ଜଳ ଉପରେ ନିର୍ଭରକରେ। ପ୍ରାଣୀର ଜୀବନ ପ୍ରାଣ ଉପରେ ନିର୍ଭର କରେ। ପ୍ରାଣ ଉପରେ ପରମାୟୁ ନିର୍ଭର କରେ। ଏ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ ସାଧାରଣତଃ ଲୋକେ ଆହାର ବିହାରକୁ ହିଁ ଦୀର୍ଘ ଜୀବନର କାରଣ ମନେ କରନ୍ତି। କିନ୍ତୁ ସେଥିରେ ଏହି ପ୍ରକାର ବିଶିଷ୍ଟତା ନଥାଏ। ଅନ୍ୱେଷଣରୁ ଜଣାପଡ଼ିଛି ଯେ ଯେଉଁଠି ବନସ୍ପତିରେ ପ୍ରାଣଶକ୍ତିର ବାହୁଲ୍ୟ ଥାଏ, ସେ ସ୍ଥାନର ପ୍ରାଣବାୟୁର ଆଧିକ୍ୟ ଯୋଗୁଁ ଏହି ପ୍ରାଣ ମିଳେ। ଖାଦ୍ୟ ପଦାର୍ଥ ଦେଖିବାକୁ ଅନ୍ୟ ସ୍ଥାନର ଖାଦ୍ୟ ପଦାର୍ଥ ସଦୃଶ ହେଲେ ମଧ୍ୟ ତହିଁରେ ପୁଷ୍ଟିକର ତତ୍ତ୍ୱର ମାତ୍ରା ଅଧିକ ଥାଏ ଏବଂ ଏହି ଶକ୍ତି ଜଳ ସହିତ ଆକାଶରୁ ବୃଷ୍ଟି ହୁଏ। ଯେଉଁ ସ୍ଥାନରେ ଅନ୍ନଜଳ ପ୍ରାଣବାୟୁ ଦୃଷ୍ଟିରୁ ଦୁର୍ବଳ ଥାଏ। ସେଠାକାର ନିବାସୀ ଅନାୟାସ ଦୁର୍ବଳ ଥାନ୍ତି। ସନ୍ତସନ୍ତିଆ ସ୍ଥାନର ଲୋକେ ଯୌବନ ଆସୁ ଆସୁ ବୃଦ୍ଧ ହୋଇଯାଆନ୍ତି। ମେଲେରିଆ, ଫାଇଲେରିଆ ରୋଗଗ୍ରସ୍ତ ହୁଅନ୍ତି ଏବଂ ଅକାଳ ମୃତ୍ୟୁ ବରଣ କରନ୍ତି। ବାସ୍ତବରେ ପ୍ରାଣ ରୂପରେ ଜୀବନୀ ଶକ୍ତି ସେ ସ୍ଥାନରେ କମ ବର୍ଷା ହୁଏ। ଏହି ଅଭାବ ଯଜ୍ଞ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରଣ ହେବା ସମ୍ଭବ ନୁହେଁ। ଯଜ୍ଞ ଅନ୍ତରୀକ୍ଷର ଉର୍ବରତା ବଢ଼ାଇବାର ଏକ ସାଧନ ଅଟେ। ଭୂମିରେ ଖତ ପକାଇଲେ ଫସଲ ଉତ୍ପାଦନ ଅଧିକ ହୁଏ। ଯଜ୍ଞର ବିଶିଷ୍ଟତା ହେଉଛି ଯେ ଏହାର ଶକ୍ତି ଅନ୍ତରୀକ୍ଷରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରିଦିଏ ଏବଂ ତାହା ହିଁ ପ୍ରାଣୀ, ମନୁଷ୍ୟ ବନସ୍ପତି ସମସ୍ତଙ୍କୁ ଏହି ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହି ପୋଷଣ ହିଁ ପର୍ଜନ୍ୟ। ବର୍ଷାର ଯେଉଁ ଉଲ୍ଲେଖ ଅଛି ତାହାର ତାତ୍ପର୍ଯ୍ୟ ହେଉଛି ଯେ ଅଗ୍ନିହୋତ୍ର ଦ୍ୱାରା ଅନ୍ତରୀକ୍ଷରେ ବିଶେଷ କ୍ରିୟାଶୀଳତା ଉତ୍ପନ୍ନ ହୁଏ ଏବଂ ତାହା ସମସ୍ତ ପ୍ରାଣୀଙ୍କୁ ପୋଷଣ ପ୍ରଦାନ କରେ।

ସହ-ପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍: ୯୪୩୭୦୫୧୯୫୭

## ବାଂଲାଦେଶକୁ ପାଣ୍ଠିଯୋଗାଣ ବନ୍ଦ କଲେ ମସ୍କ୍

**ନୂଆଦିଲ୍ଲୀ, ୧୬।୨:** ଏଲନ୍ ମସ୍କଙ୍କ ନେତୃତ୍ୱରେ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ଏବେ କାର୍ଯ୍ୟରେ ଲାଗିଛି। ଇତିମଧ୍ୟରେ ଆମେରିକୀୟ ଟିକସଦାତାଙ୍କ ଟଙ୍କା ସଞ୍ଚୟ କରିବା ପାଇଁ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ଅନେକ ବିଦେଶୀ ପ୍ରକଳ୍ପକୁ ବାତିଲ କରିଛି। ଏହି ତାଲିକାରେ ବାଂଲାଦେଶର ଏକ ପ୍ରକଳ୍ପ ରହିଛି। ବିଭାଗ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କୋଟିପତି ଏଲନ୍ ମସ୍କଙ୍କ ନେତୃତ୍ୱାଧୀନ ବିଭାଗ କହିଛି ଯେ ବାଂଲାଦେଶର ରାଜନୈତିକ ଦୃଶ୍ୟପଟକୁ ସୁଦୃଢ଼ କରିବା ପାଇଁ ଦିଆଯିବାକୁ ଥିବା ୨୯ ନିୟୁତ ଡଲାର ପାଣ୍ଠି ରଦ୍ଦ କରାଯାଉଛି। ଏକ୍ସରେ ଏକ ପୋଷ୍ଟରେ ଡିଓଜିଇ ବିଦେଶରେ ବାତିଲ ହୋଇଥିବା ଆମେରିକୀୟ ପାଣ୍ଠିର ଏକ ତାଲିକା ଜାରି କରି କହିଛି, ବାଂଲାଦେଶର ରାଜନୈତିକ ଦୃଶ୍ୟପଟକୁ ସୁଦୃଢ଼ କରିବା ପାଇଁ ୨୯ ନିୟୁତ ଡଲାର ରଖାଯାଇଥିଲା। ଗତ ବର୍ଷ ବାଂଲାଦେଶରେ ଶାସନ ପରିବର୍ତ୍ତନରେ ଆମେରିକାର ସମ୍ପୃକ୍ତି ଅଭିଯୋଗକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଖଣ୍ଡନ କରିବାର କିଛି ଦିନ ପରେ ଏହି ନିଷ୍ପତ୍ତି ନିଆଯାଇଛି।

## ଆମେରିକାରେ ପୁଣି ପ୍ରବାସୀଙ୍କୁ ଗିରଫ

**ନୂଆଦିଲ୍ଲୀ, ୧୬।୨:** ଆମେରିକାରୁ ନିର୍ବାସିତ ୧୧୬ ଜଣ ବେଆଇନ ଭାରତୀୟ ପ୍ରବାସୀଙ୍କ ଦ୍ୱିତୀୟ ଦଳ ଶନିବାର ରାତିରେ ଅମୃତସର ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପଞ୍ଜାବ, ହରିୟାଣା ଓ ଗୁଜୁରାଟର। ଉନ୍ନତ ଭବିଷ୍ୟତ ସନ୍ଧାନରେ ସେମାନେ ବେଆଇନ ଉପାୟରେ ଆମେରିକାରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଦେଶାନ୍ତର କରାଯାଇଥିଲା। ହୋସିଆରପୁରର ଦଲଜିତ ସିଂହ ମଧ୍ୟ ସେହି ବିମାନରେ ଫେରିଥିଲେ। ବିମାନରେ ବସିଥିବା ସମୟରେ ସେମାନଙ୍କୁ ହାତକଡ଼ି ବାନ୍ଧି ବାନ୍ଧି ଦିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ସିଂହ ଗଣମାଧ୍ୟମକୁ କହିଛନ୍ତି, ଆମ ପାଦରେ ଚେନ୍ ଓ ହାତକଡ଼ି ଥିଲା। ଏହା ପୂର୍ବରୁ ବେଆଇନ ପ୍ରବାସୀଙ୍କୁ ନେଇ ପ୍ରଥମ ବିମାନ ଗତ ଫେବୃଆରି ୫ ତାରିଖରେ ଆମେରିକାରୁ ଆସି ଭାରତର ଅମୃତସରରେ ଓହ୍ଲାଇଥିଲା। ଏହି ବିମାନରେ ୧୦୪ ଜଣ ପ୍ରବାସୀ ଥିଲେ। ତେବେ ଏହି ବିମାନରେ ଆସିଥିବା ବେଆଇନ ପ୍ରବାସୀମାନଙ୍କ ହାତରେ ହାତକଡ଼ି ପକାଇ ଅତ୍ୟନ୍ତ ଅମାନବୀୟ ଭାବେ ଭାରତ ଅଣାଯାଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଏହାକୁ ନେଇ ବିରୋଧୀ ଦଳମାନେ ସରକାରଙ୍କୁ ଟାର୍ଗେଟ୍ କରିଥିଲେ।

## ଅଯୋଧ୍ୟା ଯାଉଥିବା ଶ୍ରଦ୍ଧାଳୁ ବସ୍ ଦୁର୍ଘଟଣା: ୪ ମୃତ

**ଲକ୍ଷ୍ନୌ, ୧୬।୨:** ଉତ୍ତରପ୍ରଦେଶର ବାରାବାଙ୍କିରେ ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ମିନି ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଦଦରା ବସ୍ ସହିତ ଧକ୍କା ହୋଇଥିଲା। ଫଳରେ ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ୬ ଜଣ ଆହତ ହୋଇଛନ୍ତି। କୁହାଯାଉଛି ଯେ ଏହି ମିନି ବସ୍ ଭକ୍ତମାନଙ୍କୁ ନେଇ ମହାରାଷ୍ଟ୍ରରୁ ଅଯୋଧ୍ୟା ଯାଉଥିଲା। ସୂଚନା ଅନୁଯାୟୀ, ବାରାବାଙ୍କିର ଲୋନି କଟରା ଥାନା ଅଞ୍ଚଳରେ ଥିବା ପୂର୍ବାଞ୍ଚଳ ଏକ୍ସପ୍ରେସୱେ ୨୧/୭ରେ ଏହି ଦୁର୍ଘଟଣା ଘଟିଛି। ଏଠାରେ ଦ୍ରୁତ ଗତିରେ ଆସୁଥିବା ଏକ ମିନି ବସ୍ ନିୟନ୍ତ୍ରଣ ହରାଇ ଏକ ଭଙ୍ଗା ବସ୍ ସହିତ ଧକ୍କା ହୋଇଥିଲା। ମିନି ବସ୍‌ରେ ୧୮ ଜଣ ଲୋକ ଥିଲେ। ସମସ୍ତେ ମହାରାଷ୍ଟ୍ରରୁ ଅଯୋଧ୍ୟା ଯାଉଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୪ ଜଣଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣାରେ ଆହତ ୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଦୁର୍ନୀତି ମାମଲାରେ ଆଉ ଜଣେ ଗିରଫ

**ନୂଆଦିଲ୍ଲୀ, ୧୬।୨:** ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଦୁର୍ନୀତି ମାମଲାରେ ଆଉ ଜଣେ ଗିରଫ ହୋଇଛନ୍ତି। ଏହି ମାମଲାରେ ଇଓଡବ୍ଲ୍ୟୁ ଜଣେ ଡେଭଲପରଙ୍କୁ ଗିରଫ କରିଛି। ଗିରଫ ଠିକାଦାରଙ୍କ ନାମ ଧର୍ମେଶ ପୁନ୍ ବୋଲି ଜଣାପଡ଼ିଛି। ତଦନ୍ତରୁ ଜଣାପଡିଛି ଯେ ଏହି ମାମଲାରେ ହଡ଼ପ ହୋଇଥିବା ୧୨୨ କୋଟି ଟଙ୍କା ମଧ୍ୟରୁ ଧର୍ମେଶ୭୦ କୋଟି ଟଙ୍କା ପାଇଥିଲେ। ଇଓଡବ୍ଲ୍ୟୁ କହିଛି ଯେ ମୁଖ୍ୟ ଅଭିଯୁକ୍ତ ଜେନେରାଲ ମ୍ୟାନେଜର ହିତେଶ ମେହେଟ୍ଟା ୨୦୨୪ ମେ ଓ ଡିସେମ୍ବରରେ ଧର୍ମେଶଙ୍କୁ ୧.୭୫ କୋଟି ଟଙ୍କା ଏବଂ ୨୦୨୫ ଜାନୁଆରୀରେ ୫୦ ଲକ୍ଷ ଟଙ୍କା ଦେଇଥିଲେ। ଏହି ମାମଲାରେ ପୁଲିସ ଗତକାଲି ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ହିତେଶ ମେହେଟ୍ଟାଙ୍କୁ ଗିରଫ କରିଥିଲା। ବ୍ୟାଙ୍କ ଦୁର୍ନୀତିର ତଦନ୍ତ ଅଧୀନରେ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କର ଜେନେରାଲ ମ୍ୟାନେଜର ହିତେଶ ମେହେଟ୍ଟାଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ୧.୨୨ ବିଲିୟନ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ ବିଆଇ) ଅନିୟମିତତା କାରଣରୁ ଫେବୃଆରି ୧୩ ରେ ବ୍ୟାଙ୍କ ଉପରେ ବିଭିନ୍ନ ପ୍ରତିବନ୍ଧକ ଲଗାଇଥିଲା, ଯାହା ବ୍ୟାଙ୍କର ଗ୍ରାହକମାନଙ୍କ ପାଇଁ ଗୁରୁତର ଅସୁବିଧା ସୃଷ୍ଟି କରିଥିଲା।

## ଜୟଲଳିତାଙ୍କ ୨୭ କିଲୋ ସୁନା ସରକାରଙ୍କୁ ହସ୍ତାନ୍ତର ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଜୟଲଳିତାଙ୍କ ସମ୍ପତ୍ତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବୁଧବାର ଦିନ ସିବିଆଇ କୋର୍ଟ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିବଂଗତ ଜେ ଜୟଲଳିତାଙ୍କ ସମସ୍ତ ଜବତ ସମ୍ପତ୍ତି ତାମିଲନାଡୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ବେଙ୍ଗାଲୁରୁ କୋର୍ଟଙ୍କ ନିର୍ଦ୍ଦେଶର ଗୋଟିଏ ଦିନ ପରେ, ଶୁକ୍ରବାର ଦିନ ଜବତ ସମ୍ପତ୍ତିଗୁଡ଼ିକୁ ଆନୁଷ୍ଠାନିକ ଭାବରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା। କର୍ଣ୍ଣାଟକ କର୍ତ୍ତୃପକ୍ଷ ତାମିଲନାଡୁକୁ ଦେଇଥିବା ବିଳାସପୂର୍ଣ୍ଣ ସାମଗ୍ରୀ ମଧ୍ୟରେ ଏକ ସୁନା ଖଣ୍ଡା ଏବଂ ଏକ ସୁନା ମୁକୁଟ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସୁଦ୍ଧା, କର୍ଣ୍ଣାଟକ କର୍ତ୍ତୃପକ୍ଷଙ୍କ ହାତରେ ଜୟଲଳିତାଙ୍କ ଜବତ ସମ୍ପତ୍ତିର ଏକ ବିଶାଳ ଭଣ୍ଡାର ଥିଲା। ଏଥିରେ ୨୭ କିଲୋ ୫୫୮ ଗ୍ରାମ ସୁନା ଅଳଙ୍କାର, ୧,୧୧୬ କିଲୋ ରୂପା ଏବଂ ୧,୫୨୬ ଏକର ଜମି ସହିତ ଜଡିତ କାଗଜପତ୍ର ଥିଲା। ଏହି ସମସ୍ତ ଖଜଣା କର୍ଣ୍ଣାଟକ ବିଧାନସଭାର କୋଷାଗାରରେ ସୁରକ୍ଷିତ ରଖାଯାଇଥିଲା ଏବଂ କୋର୍ଟ ଏବଂ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା। ଆପଣଙ୍କୁ କହି ରଖୁଛୁ ଯେ ଜାନୁଆରୀ ୧୩ ତାରିଖରେ କର୍ଣ୍ଣାଟକ ହାଇକୋର୍ଟ ଜୟଲଳିତାଙ୍କ ଭଣଜା ଜେ ଦୀପକ ଏବଂ ଭଣଜା ଜେ ଦୀପାଙ୍କ ଏକ ଆବେଦନକୁ ଖାରଜ କରିଦେଇଥିଲେ, ଯେଉଁଥିରେ ସେମାନେ ଜୟଲଳିତାଙ୍କ ଆଇନଗତ ଉତ୍ତରାଧିକାରୀ ଭାବରେ ସମ୍ପତ୍ତି ଦାବି କରିଥିଲେ। ଜୟଲଳିତାଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଜୟଲଳିତାଙ୍କ ବିରୁଦ୍ଧରେ ମାମଲା ଶେଷ ହୋଇଥିଲେ ମଧ୍ୟ ତାଙ୍କ ମୃତ୍ୟୁ ପରେ ହାଇକୋର୍ଟ ୨୦୧୬ରେ ତାଙ୍କ ସମ୍ପତ୍ତି ଜବତକୁ ସମର୍ଥନ କରିଥିଲେ। ଜୟଲଳିତାଙ୍କ ବିରୋଧରେ ମାମଲା ଶେଷ ହେବା ପରେ ତାଙ୍କ ସମ୍ପତ୍ତି ଜବତ କରାଯିବା ଉଚିତ୍ ନୁହେଁ ବୋଲି ତାଙ୍କ ଉତ୍ତରାଧିକାରୀମାନେ ଯୁକ୍ତି ଦେଇଥିଲେ।

## ଷ୍ଟେସନରେ ଦଳାଚକଟା

# ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରେଳ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା



**ନୂଆଦିଲ୍ଲୀ, ୧୬।୨:** ଶନିବାର ବିଳମ୍ବିତ ରାତିରେ ରାଜଧାନୀ ଦିଲ୍ଲୀରେ ଥିବା ରେଳ ଷ୍ଟେସନରେ ଦଳଚକଟା ସ୍ଥିତି ଦେଖାଦେଇଛି। କୁମ୍ଭମେଳାକୁ ଯିବା ପାଇଁ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଭିଡ଼ ଜମିଥିଲା। ନୂଆଦିଲ୍ଲୀ ରେଳ ଷ୍ଟେସନରେ ଟ୍ରେନ୍ ବାତିଲ ଯୋଗୁଁ ଭିଡ଼ ଅଧିକ ଥିଲା, ଯାହା ଫଳରେ ଅଣାୟତ ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ପାଖାପାଖି ୧୮ ଜଣଙ୍କ ମୃତ୍ୟୁ ଘଟିଛି। ବହୁ ଲୋକ ଆହତ ହୋଇଥିବା ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି। ୧୮ ମୃତକଙ୍କ ମଧ୍ୟରେ ୧୪ ଜଣ ମହିଳା, ୪ ଶିଶୁ ଅଛନ୍ତି। ତେବେ ଖବର ପାଇ ରେଳବାଇ କର୍ତ୍ତୃପକ୍ଷ ଓ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦଳାଚକଟା ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଷ୍ଟେସନରେ ଥିବା ଯାତ୍ରୀମାନଙ୍କୁ ୪ଟି ସ୍ୱତନ୍ତ୍ର ଟ୍ରେନରେ ନିଆଯାଇଛି। ଆହୁରି ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥିତି ନିୟନ୍ତ୍ରଣକୁ ଆସିଥିବା ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ମୃତକଙ୍କ ପରିବାରଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ, ଗୁରୁତର ଆହତଙ୍କ ପାଇଁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ଓ ସାମାନ୍ୟ ଆହତଙ୍କ ପାଇଁ ଲକ୍ଷେ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛି ରେଳ ମନ୍ତ୍ରାଳୟ। ସେପଟେ ମିଳିଥିବା ସୂଚନା ଅନୁସାରେ ୧୮ ମୃତକଙ୍କ ମଧ୍ୟରେ ୯ଜଣ ବିହାରର, ୮ଜଣ ଦିଲ୍ଲୀର ଓ ଜଣେ ହରିୟାଣାର ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ପହଁଚି ସ୍ଥିତି ନିରିକ୍ଷଣ କରିଛନ୍ତି ଲୋକସଭା ବାଚସ୍ପତି ଓମବିର୍ଲା। ଅନ୍ୟପଟେ ଦଳାଚକଟାରେ ୧୮ଜଣଙ୍କ ମୃତ୍ୟୁ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ମୋଦି। ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଦଳାଚକଟା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି।

## ମୃତକଙ୍କ ପରିବାରକୁ ନୀତୀଶ ଦେବେ ୨ ଲକ୍ଷ





**ନୂଆଦିଲ୍ଲୀ, ୧୬।୨:** ଦିଲ୍ଲୀ ଦଳାଚକଟାରେ ବିହାରର ସମସ୍ତ ମୃତକ ଏବଂ ଆହତ ପରିବାରକୁ କ୍ଷତିପୂରଣ ଦେବେ ରାଜ୍ୟ ସରକାର। ଶନିବାର ବିଳମ୍ବିତ ରାତିରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା ହୋଇ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦଳାଚକଟାରେ ପ୍ରାଣ ହରାଇଥିବା ବିହାରର ଲୋକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୦ ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ହୋଇଥିବା ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ସେ ଏହି ଘଟଣାରେ ବିହାରର ଲୋକଙ୍କ ମୃତ୍ୟୁରେ ଗଭୀର ଦୁଃଖିତ। ସିଏମ୍ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ନୂଆଦିଲ୍ଲୀ ରେଳ ଷ୍ଟେସନରେ ଘଟିଥିବା ଘଟଣା ହୃଦୟ ବିଦାରକ। ଏହି ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି। ମୁଁ ଈଶ୍ୱରଙ୍କ ନିକଟରେ ଦିବଙ୍ଗତ ଆତ୍ମାର ଶାନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି'। ସେହିପରି କେନ୍ଦ୍ର ରେଳ ମନ୍ତ୍ରାଳୟ ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଏବଂ ସାମାନ୍ୟ ଆହତଙ୍କୁ ଲକ୍ଷେ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛି। ସେପଟେ ମିଳିଥିବା ସୂଚନା ଅନୁସାରେ, ୧୮ ମୃତକଙ୍କ ମଧ୍ୟରେ ବିହାରର ୯ ଜଣ, ଦିଲ୍ଲୀର ୮ ଜଣ ଏବଂ ହରିୟାଣାର ଜଣେ ଅଛନ୍ତି।

## ପାକିସ୍ତାନରେ ପୃଥକ୍ ସଡ଼କ ଦୁର୍ଘଟଣା, ୧୬ ଜଣଙ୍କ ମୃତ୍ୟୁ

**ଲାହୋର, ୧୬।୨:** ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ଦୁଇଟି ପୃଥକ୍ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୫ ଜଣ ଆହତ ହୋଇଛନ୍ତି।



ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପାକିସ୍ତାନ ପୋଲିସର ସୂଚନା ମୁତାବକ, ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ସାହାଯ୍ୟ ପାଇଁ ଆଗେଇ ଆସିଥିଲେ ଏବଂ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନା ପଠାଇଥିଲା। ପୋଲିସ ମୁତାବକ, ପ୍ରଥମ ଦୁର୍ଘଟଣା ଶନିବାର ସିନ୍ଧର ସହିଦ ବେନଜୀରାବାଦ ଜିଲ୍ଲାର କାଜି ଅହମ୍ମଦ ସହର ନିକଟରେ ଘଟିଥିଲା। ଏଠାରେ ଏକ ଭ୍ୟାନ୍ ଓ ଟ୍ରଲର ମଧ୍ୟରେ ଧକ୍କା ହୋଇ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଅନ୍ୟ ୧୦ ଜଣ ଆହତ ହୋଇଥିଲେ। ଭ୍ୟାନ୍‌ଟି ଜାମଶୋରୋ ଜିଲ୍ଲାର ସେହୱାନ୍ ସହରରେ ଥିବା ଏକ ଧାର୍ମିକ ସ୍ଥଳକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ସ୍ଥାନୀୟ ଖବରକାଗଜ ମୁତାବକ, ଦ୍ରୁତ ଗତିରେ ଆସୁଥିବା ଭ୍ୟାନଟି ପ୍ରଥମେ ଏକ ଗଧ ଗାଡ଼ିକୁ ଧକ୍କା ଦେଇଥିଲା। ଏହାପରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରଲର ସହିତ ଧକ୍କା ହୋଇଥିଲା। ଏହିପରି ପ୍ରଦେଶର ଖୈରପୁର ଜିଲ୍ଲାର ରାଣୀପୁର ନିକଟରେ ଅନ୍ୟ ଏକ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୩୫ ଜଣ ଆହତ ହୋଇଛନ୍ତି। ଏଠାରେ ବୁରେୱାଲାରୁ ଆସୁଥିବା ଏକ ବସ୍ ଜାତୀୟ ରାଜପଥରେ ଏକ ରିକ୍ସା ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ଯାତ୍ରୀ ପଞ୍ଜାବ ବୁରେୱାଲାର ବାସିନ୍ଦା ଥିଲେ।

## ୧୧ ମହଲା ପ୍ରାସାଦରେ ଭୟାବହ ଅଗ୍ନିକାଣ୍ଡ: ୨ ମୃତ



**ଭୋପାଳ, ୧୬।୨:** ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ରବିବାର ସକାଳେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଏଠାରେ ୧୧ ମହଲା ବିଶିଷ୍ଟ ଏକ ବିଲ୍ଡିଂରେ ହଠାତ୍ ନିଆଁ ଲାଗିଯିବାରୁ ୨ ଜଣ ମହିଳା ଏହା ସଂସ୍ପର୍ଶରେ ଆସିଥିଲେ। ଅନ୍ୟ ଦୁଇଜଣ ବ୍ୟକ୍ତି ଏଥିରେ ଶ୍ୱାସରୁଦ୍ଧ ହୋଇଯାଇଛନ୍ତି। ଉଭୟଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଦକ୍ଷିଣ ମୁମ୍ବାଇର ମସଜିଦ୍ ବନ୍ଦର ଅଞ୍ଚଳରେ ଥିବା ଏହି ବିଲ୍ଡିଂରେ ସକାଳ ୬ଟା ୧୧ ମିନିଟରେ ଭୟଙ୍କର ଭାବରେ ଅଗ୍ନିକାଣ୍ଡ ଘଟିଥିଲା। କୋଠାର ତଳ ମହଲାରେ ଥିବା ମିଟର ଏବଂ ତାରରେ ପ୍ରଥମେ ନିଆଁ ଲାଗିଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଏହି ସମୟରେ ପ୍ରଥମ ମହଲାରେ ଥିବା ଦୁଇ ଜଣ ମହିଳା ନିଆଁ ସଂସ୍ପର୍ଶରେ ଆସିବାରୁ ସେମାନଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା ଏବଂ ପ୍ରବଳ ଧୂଆଁ ଯୋଗୁ ସେମାନେ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ଗୁରୁତର ଭାବେ ପୋଡ଼ି ହୋଇ ଆହତ ହେବା ପରେ ୨ ଜଣ ମହିଳାଙ୍କର ମୃତ୍ୟୁ ଘଟିଥିଲା। ୪୨ ବର୍ଷୀୟା ସବିଲା ଖାତୁନ୍ ଶେଖ୍ ଏବଂ ୩୦ ବର୍ଷୀୟା ସାଜିଆ ଆଲାମ୍ ଶେଖଙ୍କୁ ଡାକ୍ତରଖାନା ନିଆଯାଇଥିଲା, ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହିପରି ଅନ୍ୟ ୨ ଜଣ ବ୍ୟକ୍ତି କରିମ୍ ଶେଖ (୨୦) ଓ ଶାହିନ ଶେଖ (୨୨) ନିଶ୍ୱାସ ନେବାରେ କଷ୍ଟ ଭୋଗିବା ପରେ ସେମାନଙ୍କୁ ସରକାରୀ ହସ୍ପିଟାଲ ପଠାଯାଇଛି। ସେଠାରେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ସକାଳ ପ୍ରାୟ ସାଢ଼େ ୬ଟା ସୁଦ୍ଧା ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ନିଆଁର ପ୍ରକୋପ ଏତେ ଥିଲା ଯେ କୋଠାଟି ସମ୍ପୂର୍ଣ୍ଣ ରୂପେ ଜଳି ପାଉଁଶ ହୋଇଯାଇଛି।

## ନାଟୋ ଉପରୁ ଜେଲେନସ୍କିଙ୍କ ଭରସା ତୁଟିଲା

### କହିଲେ ୟୁରୋପ ନିଜର ସେନାକୁ ଶକ୍ତିଶାଳୀ କରୁ



**ମ୍ୟୁନିଚ୍, ୧୬।୨:** ୟୁକ୍ରେନ ଯୁଦ୍ଧ ଉପରେ ଆମେରିକାର ଆଭିମୁଖ୍ୟ ଦେଖି, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସ୍ୱର ବଦଳିଯାଇଛି। ଜର୍ମାନୀରେ ଅନୁଷ୍ଠିତ ସୁରକ୍ଷା ସମ୍ମିଳନୀରେ ସେ ରୁଷର ମୁକାବିଲା ପାଇଁ ଏକ ଶକ୍ତିଶାଳୀ ୟୁରୋପୀୟ ସେନା ଗଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭବିଷ୍ୟତରେ ୟୁରୋପୀୟ ଦେଶଗୁଡ଼ିକ ଉପରେ ରୁଷିଆର ଆକ୍ରମଣର ଭୟ ନେଇ ସେ କହିଛନ୍ତି ଯେ, ୟୁରୋପ ଆମେରିକାଠାରୁ ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷା ଆଶା କରିପାରିବ ନାହିଁ। ୟୁରୋପ କେବଳ ଆମେରିକାଠାରୁ ସମ୍ମାନ ପାଇବ, ଯଦି ନିଜର ମଧ୍ୟ ଏକ ଶକ୍ତିଶାଳୀ ସାମରିକ ବାହିନୀ ଥିବ। ୟୁକ୍ରେନ ପରେ ଭବିଷ୍ୟତରେ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ଉପରେ ରୁଷିଆ ଆକ୍ରମଣ ନେଇ ଜେଲେନସ୍କି ଆଶଙ୍କା ପ୍ରକାଶ କରିଛନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ସମସ୍ତ ଜି-୭ ଦେଶର ବୈଦେଶିକ ମନ୍ତ୍ରୀମାନେ ମଧ୍ୟ ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି। ଜେଲେନ୍ସକି କହିଛନ୍ତି ଯେ, ୟୁକ୍ରେନ ଯୁଦ୍ଧ ଉପରେ ଯୁଦ୍ଧବିରତି ଚୁକ୍ତିନାମା କେବଳ ସେତେବେଳେ ଗ୍ରହଣ କରାଯିବ ଯଦି ୟୁକ୍ରେନ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରେ। ୟୁକ୍ରେନୀୟ ରାଷ୍ଟ୍ରପତି ଏହି ସମ୍ଭାବନା ଉଠାଇଛନ୍ତି ଯେ, ରୁଷ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୟର ବାର୍ଷିକୀ ପାଳନ ପାଇଁ ମସ୍କୋରେ ହେବାକୁ ଥିବା ସାମରିକ ପରେଡକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିମନ୍ତ୍ରଣ କରିପାରେ, ଜଣେ ମର୍ଯ୍ୟାଦାଜନକ ବ୍ୟକ୍ତିତ୍ୱ ଭାବରେ ନୁହେଁ ବରଂ ବିନା ଆନ୍ତରିକତା ଭାବେ କରିପାରେ। ଶୁକ୍ରବାର ଦିନ ଆମେରିକାର ଉପରାଷ୍ଟ୍ରପତି ସମ୍ମିଳନୀରେ ସ୍ପଷ୍ଟ ଭାବରେ କହିଥିଲେ ଯେ, ଏବେ ଆମେରିକା ଏବଂ ୟୁରୋପ ମଧ୍ୟରେ ସମ୍ପର୍କ ପରିବର୍ତ୍ତନର ଏକ ପର୍ଯ୍ୟାୟ ଦେଇ ଗତି କରୁଛି। ସେ ସମ୍ମିଳନୀରେ ସ୍ପଷ୍ଟ କରିଥିଲେ ଯେ, ୟୁକ୍ରେନ ଯୁଦ୍ଧ ଉପରେ ଶାନ୍ତି ଆଲୋଚନାରେ ୟୁରୋପକୁ ସାମିଲ କରାଯିବ ନାହିଁ।

ଜେଲେନସ୍କି କହିଛନ୍ତି ଯେ ଆମେରିକା ୟୁରୋପକୁ ଏକ ସହଯୋଗୀ ଭାବରେ ନୁହେଁ ବରଂ ଏକ ବଜାର ଭାବରେ ବ୍ୟବହାର କରିବାକୁ ଚାହୁଁଛି। ତେଣୁ ୟୁରୋପ ଏବେ ଏକ ଏକୀକୃତ ସ୍ୱର ହେବା ଉଚିତ୍। ଏହି ସ୍ୱରରେ ୟୁକ୍ରେନକୁ ମଧ୍ୟ ସାମିଲ କରାଯିବ। ଏହା ଉଲ୍ଲେଖ କରିବା ଉଚିତ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ, ଆମେରିକା ନେତୃତ୍ୱାଧୀନ ସାମରିକ ସଂଗଠନ ନାଟୋ ୟୁରୋପର ସୁରକ୍ଷା ଦାୟିତ୍ୱ ନେଇ ଆସୁଛି। ଏହି ସମୟରେ, ଆମେରିକା କହିଛି ଯେ, ଯଦି ୟୁରୋପ ୟୁକ୍ରେନର ସୁରକ୍ଷା ବିଷୟରେ ଚିନ୍ତିତ, ତେବେ ସେଠାରେ ଚାଲିଥିବା ଯୁଦ୍ଧ ପାଇଁ ବିପୁଳ ସାମରିକ ଏବଂ ଆର୍ଥିକ ସହାୟତା ଘୋଷଣା କରିବା ଉଚିତ୍। ୟୁକ୍ରେନର ଦାୟିତ୍ୱ ଗ୍ରହଣ କରନ୍ତୁ। ଏହି ସମ୍ପର୍କରେ ଆମେରିକା ୟୁରୋପୀୟ ଦେଶଗୁଡ଼ିକୁ ଏକ କୂଟନୈତିକ ଚିଠି ପଠାଇଛି। ସୂଚନାଯୋଗ୍ୟ, ୟୁକ୍ରେନରେ ଚାଲିଥିବା ଯୁଦ୍ଧରେ, ରୁଷିଆ ସେନା ପୂର୍ବ ଭାଗରେ ଥିବା ଗୁରୁତ୍ୱପୂର୍ଣ୍ଣ ଭର୍ଜଭକା ଗାଁକୁ ଦଖଲ କରିବାରେ ସଫଳ ହୋଇଛି।

## ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ, ୨ ମୃତ

**ଭୋପାଳ, ୧୬।୨:** ମହାରାଷ୍ଟ୍ରର ନାଗପୁରରେ ରବିବାର ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଏହି ବିସ୍ଫୋରଣରେ ଆଖପାଖ ଅଞ୍ଚଳ ଥରି ଉଠିଥିଲା। ଏଠାରେ ଥିବା ଏକ ବିସ୍ଫୋରକ ଉତ୍ପାଦନ ୟୁନିଟରେ ବିସ୍ଫୋରଣ ଘଟିଥିଲା। ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୫୦ କିଲୋମିଟର ଦୂରରେ ଏହି ଘଟଣା ଘଟିଛି। କାଟୋଲ ତହସିଲର କୋଟୱାଲବାଡିରେ ଥିବା ଏକ ବିସ୍ଫୋରକ କାରଖାନାରେ ଅପରାହ୍ନ ସାଢ଼େ ୧ଟା ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି। ଅଧିକାରୀ କହିଛନ୍ତି ଯେ ବିସ୍ଫୋରଣ ଯୋଗୁ ଆଖପାଖ ବୁଦାରେ ସାମାନ୍ୟ ନିଆଁ ଲାଗିଥିଲା, ଏହାକୁ ଆୟତ୍ତ କରିନିଆଯାଇଛି। ସେପଟେ ଆଜି ମୁମ୍ବାଇରେ ବଡ଼ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଏଠାରେ ୧୧ ମହଲା ବିଶିଷ୍ଟ ଏକ ବିଲ୍ଡିଂରେ ହଠାତ୍ ନିଆଁ ଲାଗିଯିବାରୁ ୨ ଜଣ ମହିଳା ଏହା ସଂସ୍ପର୍ଶରେ ଆସିଥିଲେ। ଅନ୍ୟ ଦୁଇଜଣ ବ୍ୟକ୍ତି ଶ୍ୱାସରୁଦ୍ଧ ହୋଇଯାଇଛନ୍ତି। ଉଭୟଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଛି।ସୂଚନା ମୁତାବକ, ଦକ୍ଷିଣ ମୁମ୍ବାଇର ମସଜିଦ୍ ବନ୍ଦର ଅଞ୍ଚଳରେ ଥିବା ଏହି ବିଲ୍ଡିଂରେ ସକାଳ ୬ଟା ୧୧ ମିନିଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। କୋଠାର ତଳ ମହଲାରେ ଥିବା ମିଟର ଏବଂ ତାରରେ ପ୍ରଥମେ ନିଆଁ ଲାଗିଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଏହି ସମୟରେ ପ୍ରଥମ ମହଲାରେ ଥିବା ଦୁଇ ଜଣ ମହିଳା ନିଆଁ ସଂସ୍ପର୍ଶରେ ଆସିବାରୁ ସେମାନଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା ଏବଂ ପ୍ରବଳ ଧୂଆଁ ଯୋଗୁ ସେମାନେ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ଗୁରୁତର ଭାବେ ପୋଡ଼ି ହୋଇ ଆହତ ହେବା ପରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ୪୨ ବର୍ଷୀୟା ସବିଲା ଖାତୁନ୍ ଶେଖ୍ ଏବଂ ୩୦ ବର୍ଷୀୟା ସାଜିଆ ଆଲାମ୍ ଶେଖଙ୍କୁ ଡାକ୍ତରଖାନା ନିଆଯାଇଥିଲା, ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହିପରି ଅନ୍ୟ ୨ ଜଣ ବ୍ୟକ୍ତି କରିମ୍ ଶେଖ (୨୦) ଓ ଶାହିନ ଶେଖ (୨୨) ନିଶ୍ୱାସ ନେବାରେ କଷ୍ଟ ଭୋଗିବା ପରେ ସେମାନଙ୍କୁ ସରକାରୀ ହସ୍ପିଟାଲ ପଠାଯାଇଛି। ସେଠାରେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି।

## ମହାୟୁତିରେ ଫାଟ ବଢ଼ିଲା: ପୌର ନିର୍ବାଚନ ଏକାକୀ ଲଢ଼ିବ ବିଜେପି

**ମୁମ୍ବାଇ, ୧୬।୨:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୧୩୨ଟି ଆସନ ଜିତିବା ପରେ ବିଜେପିର ମନୋବଳ ବଢ଼ିଛି। ଏହି କାରଣରୁ ଦଳ ଆଗାମୀ ଦିନରେ ଏକାକୀ ପୌର ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛି। ନିକଟରେ, ବିଜେପି କୋର୍ କମିଟି ବୈଠକରେ, ଦଳର ବରିଷ୍ଠ ନେତାମାନେ ସେମାନଙ୍କର ମତ ପ୍ରକାଶ କରି କହିଥିଲେ ଯେ, ଆମେ ମହାଗଠବନ୍ଧନ ସହିତ ନୁହେଁ ବରଂ ନିଜ ଶକ୍ତିରେ ନିର୍ବାଚନ ଲଢ଼ିବା ଉଚିତ୍। ନେତାମାନେ କହିଛନ୍ତି ଯେ, ସମ୍ପ୍ରତି ବିଧାନସଭା ନିର୍ବାଚନରେ, ରାଜ୍ୟର ସମସ୍ତ ସ୍ଥାନରୁ ବିଜେପିକୁ ଭଲ ଜନସମର୍ଥନ ମିଳିଛି। ଏପରି ପରିସ୍ଥିତିରେ, ଏବେ ଆମକୁ ପୌର ନିର୍ବାଚନ ପାଇଁ ଏକନାଥ ସିନ୍ଦେଙ୍କ ଶିବସେନା କିମ୍ବା ଅଜିତ ପାୱାରଙ୍କ ଏନସିପିର ଆବଶ୍ୟକତା ନାହିଁ।



ସୂତ୍ର ଅନୁସାରେ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ ମଧ୍ୟ ଦଳୀୟ ନେତାଙ୍କ ଏହି ମତ ସହିତ ସହମତ ହେଉଥିବା ପରି ମନେ ହେଉଛି। ଶୁକ୍ରବାର ଦିଲ୍ଲୀରେ ଫଡନାବୀସ୍ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଏହି ବିଷୟରେ ବିସ୍ତୃତ ଆଲୋଚନା କରିଥିବା ରିପୋର୍ଟ ରହିଛି। ୨୨ ଫେବୃଆରିରେ ପୁଣେ ଗସ୍ତରେ ଆସୁଥିବା ଶାହଙ୍କ ସହ ଫଡନାବୀସ ଏହି ପ୍ରସଙ୍ଗରେ ଆହୁରି ଆଲୋଚନା କରିବେ ବୋଲି ଚର୍ଚ୍ଚା ହେଉଛି। ତଥାପି, ବିଜେପିର ଏକୁଟିଆ ନିର୍ବାଚନ ଲଢ଼ିବା ଯୋଜନା ନେଇ ସିନ୍ଦେ ଶିବିରରେ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ମହାଗଠବନ୍ଧନର ଅଂଶବିଶେଷ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଯେ, ଆମର ଶିବସେନାକୁ ଦୁର୍ବଳ ବୋଲି ଭାବିବା ଉଚିତ୍ ନୁହେଁ। ତାଙ୍କର ମତ ଯେ, ମହାଗଠବନ୍ଧନରେ ସାମିଲ ସମସ୍ତ ଦଳ ଏକାଠି ନିର୍ବାଚନ ଲଢ଼ିବା ଉଚିତ୍। ଏକୁଟିଆ ନିର୍ବାଚନ ଲଢ଼ିବା ଦ୍ୱାରା, ମହାଗଠବନ୍ଧନରେ ସାମିଲ ସମସ୍ତ ଦଳକୁ ପରିଣାମ ଭୋଗ କରିବାକୁ ପଡ଼ିପାରେ। ସିନ୍ଦେ ଏହା ଏପରି ସମୟରେ କହିଛନ୍ତି ଯେତେବେଳେ ମୁଖ୍ୟମନ୍ତ୍ରୀ ଫଡନାବୀସ ଦାଦରସ୍ଥିତ ତାଙ୍କ ବାସଭବନରେ ଏମ୍‌ଏନଏସ ଅଧ୍ୟକ୍ଷ ରାଜ ଠାକରେଙ୍କୁ ଭେଟିଥିଲେ। ଏହା ପରେ ମହାରାଷ୍ଟ୍ର ରାଜନୀତିରେ ଏକ ନୂତନ ରଣନୀତି ସମ୍ଭାବନା ପ୍ରକାଶ ପାଇଛି। ନୂତନ ମହାୟୁତି ସରକାର ଗଠନ ହେବା ପରଠାରୁ, ବିଜେପି ଏବଂ ସିନ୍ଦେଙ୍କ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଛି। ସିନ୍ଦେଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରା ନ ଯିବାରୁ ସେ ଅସନ୍ତୁଷ୍ଟ। ସେ ମୁଖ୍ୟମନ୍ତ୍ରୀ ଫଡନବୀସଙ୍କ ସଭାରେ ମଧ୍ୟ ଯୋଗ ଦେଉନାହାନ୍ତି।

ମହାୟୁତି ଭିତରେ ଉପମୁଖ୍ୟମନ୍ତ୍ରୀ ସିନ୍ଦେ ନିଜର ପୃଥକ 'ସରକାର' ଚଳାଉଥିବା ଅଭିଯୋଗ ମଧ୍ୟ ଆସୁଛି। ତାଙ୍କର ଏହି ମନୋଭାବ ବିଜେପିକୁ ପସନ୍ଦ ଆସୁନାହିଁ। ଏହି କାରଣରୁ ବିଜେପି ଏବେ ନିଜ ଶକ୍ତିରେ ପୌର ନିର୍ବାଚନ ଲଢ଼ିବାକୁ ଚାହୁଁଛି। ଯାହା ଦ୍ୱାରା ମହାୟୁତି ସରକାରଙ୍କ ପରି, ସେମାନଙ୍କୁ ନଗର ନିଗମରେ ନିଜର କ୍ଷମତା ପ୍ରତିଷ୍ଠା କରିବା ପାଇଁ ଶିନ୍ଦେଙ୍କ ଉପରେ ନିର୍ଭର କରିବାକୁ ପଡିବ ନାହିଁ।

ଅକ୍ଟୋବର-ନଭେମ୍ବରରେ ନିର୍ବାଚନର ହେବା ନେଇ ବିଜେପି ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାୱନକୁଲେ ସୂଚିତ କରିଥିଲେ ଯେ, ବିଭିନ୍ନ ଜିଲ୍ଲାରେ ପଡ଼ି ରହିଥିବା ପୌର ନିର୍ବାଚନ ଚଳିତ ବର୍ଷ ମାର୍ଚ୍ଚ-ଏପ୍ରିଲରେ ହୋଇପାରେ। କିନ୍ତୁ ଏଥିପାଇଁ ସମସ୍ତଙ୍କ ନଜର ସୁପ୍ରିମକୋର୍ଟରେ ଓବିସି ସଂରକ୍ଷଣ ପ୍ରସଙ୍ଗରେ ଚାଲିଥିବା ଶୁଣାଣି ଉପରେ ରହିଛି। ଓବିସି ସଂରକ୍ଷଣ ମାମଲା ଏବେ ବି ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ଓବିସି ସଂରକ୍ଷଣ ଏବଂ ୱାର୍ଡ ପୁନର୍ଗଠନ ସମ୍ପର୍କିତ ଆବେଦନର ପରବର୍ତ୍ତୀ ଶୁଣାଣି ଫେବୃଆରି ୨୫ରେ ସୁପ୍ରିମକୋର୍ଟରେ ହେବ। ଏପରି ପରିସ୍ଥିତିରେ, ଏବେ କୁହାଯାଉଛି ଯେ, ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ପୌର ନିର୍ବାଚନ ହୋଇପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦେଶର ସବୁଠାରୁ ଧନୀ ସହର ଭାବରେ ବିବେଚିତ ମୁମ୍ବାଇ ବିଏମସିର ନିର୍ବାଚନ। ଏହାକୁ ଦଖଲ କରିବା ପାଇଁ ମହାୟୁତିର ଅଂଶବିଶେଷ ବିଜେପି ଏବଂ ସିନ୍ଦେ ସେନା ମଧ୍ୟରେ ଲଢ଼େଇ ଚାଲିଛି।

### ମାର୍ଚ୍ଚ ୨୨ରୁ ଆଇପିଏଲ୍-୧୮, ମେ’ ୨୫ରେ ଫାଇନାଲ୍

# କେକେଆର୍-ଆର୍‌ସିବି ଉଦ୍‌ଘାଟନୀ ମୁକାବିଲା

ମୁମ୍ବାଇ,୧୬।୨(ସଂଚାର ବ୍ୟୁରୋ): ଆସନ୍ତା ମାର୍ଚ୍ଚ ୨୨ରୁ ଆଇପିଏଲ୍ ମହାଲଢ଼େଇ। ଆଇପିଏଲର ଏହି ଅଷ୍ଟାଦଶ ସଂସ୍କରଣର ଖେଳସୂଚୀ ଆଜି ଚୂଡ଼ାନ୍ତ ହେବା ପରେ ୧୩ଟି ଭେନ୍ୟୁରେ ୧୦ଟି ଟିମ ମଧ୍ୟରେ କଡ଼ା ଟକ୍କର ହେବ। ଉଦ୍‌ଘାଟନୀ ମ୍ୟାଚ୍ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ଟି ନାଇଟ୍ ରାଇଡର୍ସର ଘରୋଇ ଗ୍ରାଉଣ୍ଡ୍ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ବେଳେ ଆସନ୍ତା ମେ’ ୨୫ ତାରିଖରେ ଫାଇନାଲ୍ ମ୍ୟାଚ୍ ମଧ୍ୟ ଉକ୍ତ ଭେନ୍ୟୁରେ ଖେଳାଯିବା ସକାଶେ ନିଷ୍ପତ୍ତି ହୋଇଛି। ସେହିଭଳି ମାର୍ଚ୍ଚ ୨୩ ତାରିଖରେ



ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗସ ଭିତରେ ହେବ ଦ୍ୱିତୀୟ ବଡ଼ ମୁକାବିଲା । ଏଥରକ ଆଇପିଏଲରେ ୬୫ ଦିନରେ ୭୪ଟି ମ୍ୟାଚ୍ ଖେଳାଯିବ। ୧୮ ମେ’ ପର୍ଯ୍ୟନ୍ତ ଲିଗ ଷ୍ଟେଜରେ ୭୦ଟି ମ୍ୟାଚ୍ ଖେଳାଯିବ। ସେହିଭଳି ମେ’ ୨୦ ତାରିଖରେ କ୍ୱାଲିଫାୟର-୧ ଓ ୨୧କୁ ଖେଳାଯିବ ଏଲିମିନେଟର୍ ମ୍ୟାଚ୍। ୨୩ ତାରିଖରେ ରହିଛି ଆଇପିଏଲ ୧୮ତମ ସଂ ସ୍କରଣର ଦ୍ୱିତୀୟ କ୍ୱାଲିଫାୟର। ଏପ୍ରିଲ ୭ ତାରିଖରେ ପରସ୍ପର ସହ ମୁହାଁମୁହିଁ ହେବେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ବିରାଟ୍ କୋହଲିଙ୍କ ଆରସିବି। ଚଳିତ ସଂସ୍କରଣର ଆଇପିଏଲ ଚାମ୍ପିଅନ୍ସ ଟ୍ରଫିର ଶେଷ ହେବାର ୧୨ ଦିନ ପରେ ଆରମ୍ଭ ହେବ। ତେଣୁ ଏହି ପ୍ରତିଯୋଗିତା ସାକଶେ ଖେଳାଳିଙ୍କୁ ପ୍ରସ୍ତୁତି ପାଇଁ ମିଳିବ ୨ ସପ୍ତାହରୁ ବି କମ୍ ସମୟ। ଗତ ୨୦୦୮ଠାରୁ ଆରମ୍ଭ ହୋଇଥିବା ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗସ ସର୍ବାଧିକ ୫ ଥର ଲେଖାଏଁ ଟାଇଟଲ୍ ଜିତିଛନ୍ତି। ସେହିପରି କେକେଆର୍ ୩ଟି ଟାଇଟଲ୍ ଜିତି ଆଇପିଏଲର ତୃତୀୟ ସଫଳ ଦଳ ରହିଛି। ଇତିମଧ୍ୟରେ ଏହି ପ୍ରତିଯୋଗିତା ବିଶ୍ୱର ସବୁଠାରୁ ଦାମୀ ଲିଗ୍‌ରେ ପରିଣତ ହୋଇସାରିଛି।

### ଦୁବାଇରେ ଟିମ୍ ଇଣ୍ଡିଆ ପହଞ୍ଚିବା ପରେ ଆଇସିସିର ବଡ଼ ଘୋଷଣା

# ଭାରତ କ୍ୱାଲିଫାଏ କଲେ ଦୁବାଇରେ ହେବ ଫାଇନାଲ୍

ନୂଆଦିଲ୍ଲୀ,୧୬।୨: ପାକିସ୍ତାନରେ ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ ମଡେଲରେ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ଟିମ୍ ଇଣ୍ଡିଆ ତାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ସମସ୍ତ ପ୍ରଶଂସକଙ୍କ ଲକ୍ଷ୍ୟ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଏବଂ ପାକିସ୍ତାନୀ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲା ଉପରେ ରହିଛି। ଯେଉଁମାନେ କେବଳ ଏସିଆ କପ୍ କିମ୍ବା ଆଇସିସି ଇଭେଣ୍ଟରେ ପରସ୍ପର ସହିତ ସଂଘର୍ଷ କରନ୍ତି। ଟିମ୍ ଇଣ୍ଡିଆର ମ୍ୟାଚ୍ ପାଇଁ ଆଇସିସି ଫେବୃଆରୀ ୩ ତାରିଖରେ ଗ୍ରୁପ୍ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ଆରମ୍ଭ କରିଥିଲା। କିନ୍ତୁ କିଛି ସମୟ ମଧ୍ୟରେ ସମସ୍ତ ଟିକେଟ ବିକ୍ରି ହୋଇଯାଇଛି। ଏପରି ପରିସ୍ଥିତିରେ ଏବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଏକ ବଡ଼ ନିଷ୍ପତ୍ତି ନେଇଛି। ଟିମ୍ ଇଣ୍ଡିଆକୁ ଗ୍ରୁପ୍ ପର୍ଯ୍ୟାୟରେ




ତା’ର ସମସ୍ତ ତିନୋଟି ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳିବାକୁ ପଡିବ। ଏହି ସମୟ ମଧରେ ଭାରତ ପାକିସ୍ତାନ ଏବଂ ନ୍ୟୁଜିଲ୍ୟାଣ୍ଡ ଦଳ ସହିତ ମଧ ମୁକାବିଲା କରିବ। ସେହିପରି ଯଦି ଭାରତୀୟ ଦଳ ସେମିଫାଇନାଲ ଏବଂ ଫାଇନାଲରେ ନିଜର ସ୍ଥାନ ସୁରକ୍ଷିତ କରେ, ତେବେ ଏହି ମ୍ୟାଚ୍‌ଗୁଡ଼ିକ ଦୁବାଇରେ ମଧ ଖେଳାଯିବ। କିନ୍ତୁ ଫେବୃଆରୀ ଆରମ୍ଭରେ ପ୍ରଶଂସକମାନେ ଅଳ୍ପ ସମୟ ମଧରେ ଅନଲାଇନ୍‌ରେ ଏବଂ ସିଧାସଳଖ ଟିକେଟ ସଂଗ୍ରହ କେନ୍ଦ୍ରରୁ ସମସ୍ତ ଟିକେଟ କିଣି ନେଇଥିଲେ। ସେହିଭଳି ଅନେକ ପ୍ରଶଂସକ ଖାଲି ହାତରେ ଫେରିଯାଇଥିଲେ। ଏବେ ଆଇସିସି ଟିମ ଇଣ୍ଡିଆର ମ୍ୟାଚ ପାଇଁ ଅତିରିକ୍ତ ଟିକେଟ ଯୋଗାଇବାକୁ ଘୋଷଣା କରିଛି।୧୬ ଫେବୃଆରୀ ଅପରାହ୍ନ ୧.୩୦ରୁ ପ୍ରଶଂସକମାନଙ୍କ ପାଇଁ ଅତିରିକ୍ତ ଟିକେଟ ଉପଲବ୍ଧ ହେବ। ଏହି ସମୟ ମଧରେ, କ୍ରିକେଟ ପ୍ରେମୀମାନେ ଟିମ୍ ଇଣ୍ଡିଆର ସମସ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପାଇଁ ଟିକେଟ କିଣିପାରିବେ। ସେହିପରି ମାର୍ଚ୍ଚ ୪ ତାରିଖରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସେମି-ଫାଇନାଲ ୧ ପାଇଁ ସୀମିତ ଟିକେଟ ମଧ ଉପଲବ୍ଧ ହେବ। ଦୁବାଇ ଷ୍ଟାଡିୟମରେ ଥିବା ଟିକେଟ ସଂଗ୍ରହ କେନ୍ଦ୍ରରୁ ଅନଲାଇନ୍‌ରେ ଏବଂ ସିଧାସଳଖ ଟିକେଟ କିଣାଯାଇପାରିବ। ଟିମ ଇଣ୍ଡିଆ ଏହି ଟୁର୍ନାମେଣ୍ଟରେ ୨୦ ଫେବୃଆରୀରୁ ତା’ର ଅଭିଯାନ ଆରମ୍ଭ କରିବ। ଏହା ଗ୍ରୁପ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ଦଳକୁ ଭେଟିବ। ଏହା ପରେ ଟୁର୍ନାମେଣ୍ଟର ସବୁଠାରୁ ବଡ଼ ମୁକାବିଲା ଅର୍ଥାତ ଭାରତ-ପାକିସ୍ତାନ ମ୍ୟାଚ ଖେଳାଯିବ। ଦୁଇ ଦଳ ମଧରେ ଏହି ମ୍ୟାଚ ୨୩ ଫେବୃଆରୀରେ ଖେଳାଯିବ। ଏହା ପରେ ଟିମ ଇଣ୍ଡିଆ ମାର୍ଚ୍ଚ ୨ ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଯଦି ଟିମ ଇଣ୍ଡିଆ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି ମ୍ୟାଚ ୪ ମାର୍ଚ୍ଚରେ ଦୁବାଇରେ ଅନୁଷ୍ଠିତ ହେବ ଏବଂ ୯ ମାର୍ଚ୍ଚରେ ଫାଇନାଲ ମ୍ୟାଚ ଖେଳାଯିବ।

# ହକିପ୍ରେମୀଙ୍କ ମନ ଜିଣିଛନ୍ତି ଯୁଗରାଜ

### ପାଣି ବୋତଲ ବିକ୍ରେତାରୁ ହକି ଇଣ୍ଡିଆ ଲିଗ୍ ବିଜେତା ପର୍ଯ୍ୟନ୍ତ କାହାଣୀ

**ଭୁବନେଶ୍ୱର, ୧୬।୨:** ୱାଘା ବର୍ଡରରେ ବୋତଲ ପାଣି ବିକିବାଠାରୁ ହକି ଇଣ୍ଡିଆ ଲିଗ୍-୨୦୨୪/୨୫ର ସର୍ବାଧିକ ଗୋଲ୍ ସ୍କୋରର୍ ହେବା ପର୍ଯ୍ୟନ୍ତ, ଏହି ପ୍ରେରଣାଦାୟୀ କ୍ରୀଡ଼ା ଯାତ୍ରାର ସଫଳ ନାୟକ ହେଉଛନ୍ତି ଭାରତୀୟ ହକି ତାରକା ଯୁଗରାଜ ସିଂହ। ହକି ପଡ଼ିଆରେ ଯୁଗରାଜଙ୍କ ଏଭଳି ନାଟକୀୟ ଉତ୍‌ଥାନ ପଛରେ ରହିଛି ଅଦମ୍ୟ ଇଚ୍ଛାଶକ୍ତି, ନିରନ୍ତର ପ୍ରୟାସ, ଅପୂର୍ବ ଏକାଗ୍ରତା ତଥା କଠିନ ପରିଶ୍ରମ। ୨୮ବର୍ଷୀୟ ଯୁଗରାଜ ହକି ଇଣ୍ଡିଆ ଲିଗ୍‌ରେ ବ୍ୟକ୍ତିଗତ ଭାବେ ୧୨ ଗୋଲ୍ ଦେବା ସହ ଶ୍ରାଚୀ ରା’ବେଙ୍ଗଲ ଟାଇଗର୍ସ ଦଳକୁ ବିଜେତା କରାଇବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି। ହାଇଦ୍ରାବାଦ ତୁଫାନ୍ସ ବିପକ୍ଷ ଫାଇନାଲ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିବା ହେଉଛି, ତାଙ୍କ ପ୍ରତିଶ୍ରୁତିଭରା ଖେଳ କ୍ୟାରିୟର୍‌ର ଅନ୍ୟତମ ହାଇଲାଇଟ୍ସ।

ପଞ୍ଜାବର ଅଟାରୀଠାରେ ଜନ୍ମଗ୍ରହଣ କରିଥିବା ଯୁଗରାଜଙ୍କ ପିଲାବେଳ ଥିଲା ବେଶ୍ ସଂଘର୍ଷପୂର୍ଣ୍ଣ। ଆର୍ଥିକ ଅନଟନ ଭିତରେ ତାଙ୍କୁ ସବୁବେଳେ ଜୀବନର ଅତି ବନ୍ଧୁର ପଥ ଦେଇ ଆଗକୁ ବଢ଼ିବାକୁ ପଡୁଥିଲା। ଭାରତୀୟ ସେନା ବାହିନୀରେ କୁଲି ଭାବେ କାର୍ଯ୍ୟ କରୁଥିବା ପିତା ଯେତେବେଳେ ହଠାତ୍ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହୋଇଥିଲେ, ସେତେବେଳେ ଅତି ଛୋଟ ବୟସରୁ ଯୁଗରାଜ ନିଜ ଗାଁ ପାଖ ଭାରତ-ପାକିସ୍ତାନ ୱାଘା-ଅଟାରୀ ସୀମାରେ ବୋତଲ ପାଣି ଓ ତ୍ରିରଙ୍ଗା ବିକ୍ରି କରି ଗୁଜୁରାଣ ମେଣ୍ଟାଇବାକୁ ବାଧ ହୋଇଥିଲେ। ଏତେ କଷ୍ଟ ସତ୍ତ୍ୱେ ହକି ପ୍ରତି ଥିବା ନିଜ ଭଲପାଇବାକୁ ସେ କେବେ କମିବାକୁ ଦେଇ ନଥିଲେ। ବଡ଼ ଭାଇଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ମାତ୍ର ୭ବର୍ଷ



ବୟସରୁ ହକି ଖେଳିବା ଆରମ୍ଭ କରିଥିବା ଯୁଗରାଜ ସବୁବାଧାବିଘ୍ନର ସଫଳତାର ସହ ସମ୍ମୁଖୀନ ହୋଇଥିଲେ। ଜୀବନ ଯୁଦ୍ଧରେ ଯେତେ ଯନ୍ତ୍ରଣା ଭୋଗିଲେ ମଧ ହକି ଖେଳିବା ଜାରି ରଖିଥିଲେ। ଯୁଗରାଜଙ୍କ ତ୍ୟାଗ ଓ ପରିଶ୍ରମର ଫଳ ସ୍ୱରୂପ ପ୍ରଥମେ ତାଙ୍କୁ ପଞ୍ଜାବ ଓ ପରେ ଭାରତୀୟ ଦଳରେ ସୁଯୋଗ ମିଳିଥିଲା। ପୁଣି ନିଜ ପ୍ରଥମ ଋତୁରେ ଚଳିତ ବର୍ଷର କି ଇଣ୍ଡିଆ ଲିଗ୍‌ର ସବୁଠୁ ମୂଲ୍ୟବାନ ଖେଳାଳି ହେବା ତାଙ୍କ ଉତ୍ସାହ ଓ ଏକାଗ୍ରତାକୁ ଆହୁରି ବହୁଗୁଣ ବଢ଼ାଇଦେଇଛି।

‘‘ହକି ଇଣ୍ଡିଆ ଲିଗ୍ ମୋ ପାଇଁ ବହୁତ ବଡ଼ ସୁଯୋଗ ଥିଲା। ଏଥିରେ କିଛି କରି ଦେଖାଇବାକୁ ମୁଁ ପ୍ରତିଶ୍ରୁତିବଦ୍ଧ ଥିଲି। ଲକ୍ଷ୍ୟ ପୂରଣ ହୋଇଥିବାରୁ ବହୁତ ଖୁସି ଲାଗୁଛି। ପ୍ରତି ମ୍ୟାଚ୍ ପୂର୍ବରୁ ପ୍ରତିପକ୍ଷ ଗୋଲ୍‌ରକ୍ଷକଙ୍କ ଯୋଜନାକୁ ପଢ଼ିବାରେ ମୁଁ ଢେର୍ ସମୟ ଲଗାଇଥିଲି। ଆଉ ସେଥିପାଇଁ ହିଁ ସଫଳ ହେଲି। ଏବେ ମୋର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ବିଶ୍ୱକପ୍, ଏସୀୟ କ୍ରୀଡ଼ା ଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା। ଏଥିଲାଗି କଠିନ ପରିଶ୍ରମ କରୁଛି ଏବଂ ପ୍ରତିଟି ଆହ୍ୱାନ ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଯେତେବେଳ ଯାଏ ଶକ୍ତି ଓ ସାମର୍ଥ୍ୟ ଥିବ, ସେତେ ଦିନ ଯାଏ ଭାରତ ପାଇଁ ଖେଳିବି। କାରଣ ମୋ ଦେଶ ମୋତେ ସବୁକିଛି ଦେଇଛି’’ ବୋଲି ଯୁଗରାଜ କହିଛନ୍ତି। ଭାରତ ପକ୍ଷରୁ ୬୪ରୁ ଅଧିକ ମ୍ୟାଚ୍ ଖେଳି ସାରିଥିବା ଯୁଗରାଜ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଏବଂ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ସଂପ୍ରତି ଭୁବନେଶ୍ୱରରେ ଥିବା ଏହି ପ୍ରତିଭାବାନ ରକ୍ଷଣଭାଗ ଖେଳାଳି କଳିଙ୍ଗ ଷ୍ଟାଡିୟମ୍‌ର ଦର୍ଶକଙ୍କୁ ହକି ଇଣ୍ଡିଆ ଲିଗ୍ ଭଳି ପୁଣି ଥରେ ଭରପୂର ମନୋରଞ୍ଜନ ତଥା ରୋମାଞ୍ଚକ ହକି ଖେଳ ଦେଖାଇବା ଲକ୍ଷ୍ୟରେ ରହିଛନ୍ତି।



### ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଲିଜେଣ୍ଡ କ୍ଲାସିକ୍ ଉଦ୍‌ଯାପିତ

## ଆଶୀର୍ବାଦଙ୍କୁ ଅନ୍ତର୍ଜାତୀୟ ସୁଯୋଗ

**ଭୁବନେଶ୍ୱର, ୧୬।୨ (ସଂଚାର ବ୍ୟୁରୋ):** ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଲିଜେଣ୍ଡ କ୍ଲାସିକ୍ ପକ୍ଷରୁ ପୁରୀ ବେଳାଭୂମିରେ ଦୁଇ ଦିନିଆ ଜାତୀୟସ୍ତରର ବରମୁଡ଼ା ବିଚ୍ ମଡେଲ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଟଲ୍ କାଟେଗୋରୀରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଛନ୍ତି ପୁରୁଣା ଭୁବନେଶ୍ୱର ଯୁବକ ଆଶୀର୍ବାଦ ମହାନ୍ତି। ଓଡ଼ିଶାର ଏକମାତ୍ର ପ୍ରତିଯୋଗୀ ଭାବେ ଆଶୀର୍ବାଦ ମଧ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଟ୍ରାଏଲ୍ସ ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା ମଧ ଜାତୀୟସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ପୂର୍ବରୁ ସୁନ୍ଦରସ୍ୱାସ୍ଥ୍ୟ ଓ ଶକ୍ତିଉତ୍ତୋଳନ କରିଥିବା ଆଶୀର୍ଦାବ ଆହତ କାରଣରୁ ଦୂରେଇ ରହିଥିଲେ। ଏବେ ସୁନ୍ଦରସ୍ୱାସ୍ଥ୍ୟର ଅନ୍ୟତମ ପ୍ରମୁଖ ପ୍ରତିଯୋଗିତାରେ ରାଜ୍ୟ ପାଇଁ ଅପୂର୍ବ ସଫଳତା ଆଣିଛନ୍ତି। ଡାକରା ବିଭୀଷଣେଶ୍ୱର କଲୋନୀର ସୋମଶଙ୍କର ପ୍ରସାଦ ମହାନ୍ତି ଓ ସ୍ନେହଲତା ମହାନ୍ତିଙ୍କ ପୁଅ ଆଶୀର୍ବାଦ ୨୦୧୨ରେ ମିଷ୍ଟର୍ ଭୁବନେଶ୍ୱର ଓ କଳିଙ୍ଗଶ୍ରୀ ମୁକୁଟ ଅର୍ଜନ କରିଥିଲେ। ଶକ୍ତିଉତ୍ତୋଳନ କରୁଥିବା ବେଳେ ବେଞ୍ଚ୍ ପ୍ରେସ୍‌ରେ ୨୭୦ କିଲୋଗ୍ରାମ ଉତ୍ତୋଳନ କରି ଏକଦା ରେକର୍ଡ କରିଥିଲେ। ଆହତ କାରଣରୁ ଏହି ଖେଳଠାରୁ ଦୂରେଇ ରହିଥିଲେ ମଧ ଦୃଢ଼ ମନୋବଳ ଓ ମା’ଙ୍କ ସମର୍ଥନ କାରଣରୁ ଏବେ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଲିଜେଣ୍ଡ କ୍ଲାସିକ୍‌ର ବରମୁଡ଼ା ବିଚ୍ ମଡେଲ୍‌ରେ ସଫଳତା ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଏବେ ପ୍ରାୟୋଜକ ଯୋଗାଡ଼ରେ ରହିଛନ୍ତି ଆଶୀର୍ବାଦ। ସରକାରୀ ଓ ବେସରକାରୀ ସଂସ୍ଥା ସହଯୋଗର ହାତ ବଢ଼ାଇବେ ବୋଲି ସେ ଆଶା ପ୍ରକଟ କରିଛନ୍ତି।



## ଭୁବନେଶ୍ୱରରେ ପ୍ରଦର୍ଶନୀ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍

**ଭୁବନେଶ୍ୱର, ୧୬।୨ (ସଂଚାର ବ୍ୟୁରୋ):** ରୋଟାରି କ୍ଲବ ଏବଂ ଆଇକନିକ ଟ୍ରାନ୍ସଫରମେସନ୍‌ର ମିଳିତ ଅନୁକୁଲ୍ୟରେ ଭୁବନେଶ୍ୱରରେ ଏକ ପ୍ରଦର୍ଶନୀ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରୋଟାରୀ କ୍ଲବ ଭୁବନେଶ୍ୱରର ମୋଟ୍ ୩ଟି ଦଳ ଅଂଶଗ୍ରହଣ କରିଥିଲେ। ରୋଟାରୀ କ୍ଲବ୍ ନର୍ଥ ଦଳରେ ରଞ୍ଜନ ପାତ୍ର (ଅଧିନାୟକ), ଦିଲୀପ ଷଡ଼ଙ୍ଗୀ, ଡ଼. ପ୍ରଦୀପ କୁମାର ସାହୁ, ଅନିଲ କୁମାର ରଥ ଏବଂ ବିଡିଶ୍ରୀ ବେହେରା ଥିଲେ। ରୋଟାରି କ୍ଲବ ଫୋନିକ୍ସ ଦଳରେ ଗିରିଜା ପ୍ରସନ୍ନ ନାୟକ (ଅଧିନାୟକ), ରୁଦ୍ର ପ୍ରସାଦ ଧଳ, ଅମରୀକ୍ଷ ଓଝା, ସାଇ ରେମେଶ୍ୱର ଲେଙ୍କା, ସଲମା ବାଶକି, ନିରୁପମା ସ୍ୱାଇଁ ଏବଂ ରୋଟାରୀ କ୍ଲବ ତୋଷାଳୀ ଦଳରେ ବିଶ୍ୱ ରଞ୍ଜନ ମିଶ୍ର (ଅଧିନାୟକ), ଏଜଯ ଅହମଦ, ବିଷ୍ଣୁପ୍ରିୟା ବେହେରା, ନିରଞ୍ଜନ ମଙ୍ଗରାଜ, ଦୀପ ନାରାୟଣ ଏବଂ ବିଧୁଭୂଷଣ ସଥପଥି ଖେଳାଳି ଭାବେ ଅଂଶ ଗ୍ରହଣ କରିଥିଲେ। ରୋଟାରି କ୍ଲବ୍‌ର ଡିଷ୍ଟ୍ରିକ୍ଟ ଗଭର୍ନର ଯଞ୍ଜସିସ୍ ମହାପାତ୍ର ଏବଂ ଆଇକନିକ ଟ୍ରାନ୍ସଫରମେସନର ପ୍ରତିଷ୍ଠାତା ଡ଼. ଚିଦାତ୍ତମିକା ଖଟୁଆ, ଡ଼. ସଞ୍ଜୟ ଚୌଧରୀ ଏବଂ ଡ଼. ସେକ ଅବଦୁଲ ସମିମ ଏହି ଟୁର୍ନାମେଣ୍ଟକୁ ଶୁଭାରମ୍ଭ କରିଥିଲେ। ଟୁର୍ନାମେଣ୍ଟରେ ରୋଟାରି କ୍ଲବ୍ ତୋଷାଳୀ ଦଳ ଚମ୍ପିୟାନ ହୋଇଥିଲାବେଳେ ରୋଟାରି କ୍ଲବ ନର୍ଥ ପ୍ରଥମ ରନର୍ସ ଅପ୍ ଏବଂ ରୋଟାରି କ୍ଲବ ଫୋନିକ୍ସ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଏହି ଟୁର୍ନାମେଣ୍ଟକୁ ଇଣ୍ଡିଆନ ଗେଟ୍‌ବଲ୍ ୟୁନିଅନ୍‌ର ଚେୟାରମ୍ୟାନ୍ ଦ୍ୱୀପାୟନ ପଟ୍ଟନାୟକ ଏବଂ ପ୍ରେସିଡେଣ୍ଟ ଉମାକାନ୍ତ ପାଣି ପରିଚାଳନା କରିଥିଲେ। ଶେଷରେ ଆସିଥିବା ଅତିଥିମାନଙ୍କୁ ଗଛ ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅସ୍ମିତାର...

ଗୋଦାବରୀଶଙ୍କ ଶିକ୍ଷାଦାନର ଆଦର୍ଶ, କୃପାସିନ୍ଧୁଙ୍କ ଐତିହ୍ୟ ଓ ପରମ୍ପରା ପ୍ରତି ଅଗାଧ ବିଶ୍ୱାସ ଏବଂ ଆଚାର୍ଯ୍ୟ ହରିହରଙ୍କ ଋଷିପ୍ରାଣତା ଓ ପିତୃସୁଲଭ ବାତ୍ସଲ୍ୟ ମନୋଭାବ ଶିଷ୍ୟମାନଙ୍କୁ ବାନ୍ଧି ରଖିବା ସହ ଅନୁପ୍ରାଣିତ କରୁଥିଲା। ଓଡ଼ିଆ ଭାଷା ସାହିତ୍ୟକୁ ମଧ୍ୟ ସତ୍ୟବାଦୀର ଅବଦାନ ଅତୁଳନୀୟ। ସତ୍ୟବାଦୀ ସାହିତ୍ୟ ଓଡ଼ିଆ ଜାତି ଗଠନର ପ୍ରେରଣା ଓ ପ୍ରୋତ୍ସାହନ ଥିଲା। କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ।

### ସମ୍ବର୍ଦ୍ଧନା ସଭାକୁ...

ଦେଇଥିଲା, ଯେଉଁଥିରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ମିଳିଥିବା ସୂଚନାନୁସାରେ, ଆଜି ଅପରାହ୍ନରେ ଡିଏସପି ନାୟକ ଓ ପୂର୍ଣ୍ଣଚନ୍ଦ୍ର ଯାଜପୁର ରୋଡ୍‌ରୁ ପାଣିକୋଇଲି ଅଭିମୁଖେ ଆସୁଥିବା ସମୟରେ ୨୦ ନଂ ଜାତୀୟ ରାଜପଥ ପାଣିକୋଇଲି ଥାନା ଅନ୍ତର୍ଗତ କୃପାଳୁ ରାଇସ ମିଲ୍ ନିକଟସ୍ଥ ଚାନ୍ଦପୁର ଛକ ନିକଟରେ ସେମାନଙ୍କ କାର୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସେମାନଙ୍କ କାର୍‌କୁ ସାମ୍ନା ପଟରୁ ଏକ ଟ୍ରକ୍ ଧକ୍କା ଦେଇଥିଲା, ଯେଉଁଥିରେ କାରରେ ଥିବା ଶ୍ରୀ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣାସ୍ଥଳରେ ‘ଆମେ ଆପଣଙ୍କ ପାଇଁ ହେଲପ୍ ଗ୍ରୁପ’ର ସଦସ୍ୟମାନେ ପହଞ୍ଚି ତୁରନ୍ତ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଯାଜପୁର ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ପହଞ୍ଚାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାର ମାତ୍ର କେଇ ମିନିଟ୍ ପରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ ଯେ ଶ୍ରୀ ନାୟକ ପ୍ରଥମେ ବାଲେଶ୍ୱର ଜିଲ୍ଲାରେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ବେଳେ ଏବେ ଯାଜପୁର ଜିଲ୍ଲାର ଡିଏସପି ଭାବେ କାର୍ଯ୍ୟରତ ଥିଲେ। ଅଧିକନ୍ତୁ ଆସନ୍ତାକାଲି ସେ ଜଗତସିଂହପୁର ଜିଲ୍ଲାରେ ଏସଡିପିଓ ଭାବେ ଯୋଗଦେଇଥାନ୍ତେ। ବଳରାମଙ୍କ ବିଧବା ପତ୍ନୀଙ୍କ ସହ ୨ଟି ନାବାଳିକା ଝିଅ ଅଛନ୍ତି। ତାଙ୍କ ପରିବାର ଲୋକେ ବାଲେଶ୍ୱର ଜିଲ୍ଲାରେ ରହୁଥିବା ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ଶୁଣି ଜିଲ୍ଲା ଏସପି, ଡିଏସପି, ଆଡିସନାଲ୍ ଏସପି ହସ୍ପିଟାଲ୍‌ରେ ପହଞ୍ଚିଛନ୍ତି।

### ଚିନ୍ତା...

ହଜାର କୋଟିର ବଜେଟ ଆଣିଥିଲେ, ଯାହା ରାଜ୍ୟର ମୋଟ ଅର୍ଥନୀତିର ୨୮ ପ୍ରତିଶତ। ଏଥିରେ ବିତ୍ତୀୟ ନିଅଣ୍ଟକୁ ୩.୪ ପ୍ରତିଶତରେ ସୀମିତ ରଖାଯାଇଥିବା ବେଳେ ରାଜସ୍ୱ ବଳକା ଜିଏସ୍‌ଡିପିର ୨.୯ ପ୍ରତିଶତ ରହିଥିଲା। ବିଭିନ୍ନ ଦୃଷ୍ଟିକୋଣରୁ କ୍ରମାଗତ ଭାବେ ରାଜ୍ୟର ରାଜସ୍ୱ ସଂଗ୍ରହ ବୃଦ୍ଧି ପାଉଛି। ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ରାଜସ୍ୱ ସଂଗ୍ରହରେ ୧୩.୭ ପ୍ରତିଶତ ଅଭିବୃଦ୍ଧି ହେବା ସହ ସଂଗ୍ରହ ୨ ଲକ୍ଷ ୧୧ ହଜାର କୋଟି ଛୁଇଁଥିଲା।

ତେବେ ଗତ କିଛି ବର୍ଷ ଧରି ରାଜ୍ୟର ରାଜସ୍ୱ ସଂଗ୍ରହରେ ଏକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ୨୦୨୧-୨୨ରେ ରାଜ୍ୟର ନିଜସ୍ୱ ରାଜସ୍ୱ ଆୟ ୬୨ ପ୍ରତିଶତରୁ ହ୍ରାସ ପାଇ ୨୦୨୪-୨୫ରେ ୫୬ ପ୍ରତିଶତରେ ପହଞ୍ଚିଛି। ସେପଟେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ଓ କେନ୍ଦ୍ରୀୟ ଯୋଜନାରୁ ରାଜ୍ୟକୁ ମିଳୁଥିବା ଅନୁଦାନରେ ପ୍ରାୟ ୬ ପ୍ରତିଶତ ବୃଦ୍ଧି ହୋଇଛି। ୨୦୨୧-୨୨ରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ଓ କେନ୍ଦ୍ରୀୟ ଅନୁଦାନ ବାବଦରେ ରାଜ୍ୟକୁ ୩୮ ପ୍ରତିଶତ ମିଳୁଥିବା ବେଳେ ୨୦୨୪-୨୫ରେ ୪୪ ପ୍ରତିଶତ ମିଳିଛି। ୨୦୨୪-୨୫ ବଜେଟରେ ରାଜ୍ୟର ରାଜସ୍ୱ ସଂଗ୍ରହ ୧ ଲକ୍ଷ ୧୫ ହଜାର କୋଟି ଥିବା ବେଳେ ନିଜସ୍ୱ ଆୟ ୬୦ ହଜାର କୋଟି ଓ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ଭାବେ ମିଳିଥିଲା ୫୫ ହଜାର ୨୩୨ କୋଟି।

### ବିକଶିତ...

ନଜର ରହିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ପାଇଁ ଏହି ବଜେଟରେ ପଡ଼ିବ ମୂଳଦୁଆ। ରାଜ୍ୟ ସରକାରଙ୍କ ଫୋକସରେ ଯୁବ, ମହିଳା, ଚାଷୀ ଓ ଗ୍ରାମାଞ୍ଚଳ ବିକାଶ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତ୍ତିଭୂମି ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ମିଳିପାରେ। କିଛି ଫ୍ଲାଗସିପ୍ ଯୋଜନାକୁ ତ୍ୱରାନ୍ୱିତ କରିବା ସକାଶେ ଅଧିକ ବ୍ୟୟବରାଦ କରିପାରନ୍ତି ମୋହନ ସରକାର। ଚାଷୀଙ୍କ ହାତମୁଠା ଟାଣ ପାଇଁ ନୂଆ ଯୋଜନା ବି ଆସିପାରେ। ଏହାଛଡ଼ା ଗତ ବର୍ଷର ନିର୍ବାଚନ ସମୟରେ ବିଜେପି ଦେଇଥିବା କେତେକ ପ୍ରତିଶ୍ରୁତି ପାଳନ ଦିଗରେ ମଧ୍ୟ ବଜେଟରେ କିଛି ବଡ଼ ପଦକ୍ଷେପ ନେଇ ଘୋଷଣା ହେବାର ସମ୍ଭାବନାକୁ ବି ଏଡ଼ାଇ ଦିଆଯାଇନପାରେ। ଆହୁରି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ଦିଗରେ ବି ବ୍ୟବସ୍ଥା ହେବା ନେଇ ଆଶା କରାଯାଉଛି। ବିଶେଷକରି ସୁଭଦ୍ରା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କାର ଇନପୁଟ୍ ସହାୟତା, ଅନ୍ତ୍ୟୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ ଯୋଜନା, ପେନସନ ସ୍କିମ୍, ପ୍ରତି ବ୍ଲକରେ ଷ୍ଟାଡିୟମ, ୫୮ଟି ନୂଆ ଶୀତଳ ଭଣ୍ଡାର ସହ ୧୦୦ରୁ ଅଧିକ ଅଚଳ ଶୀତଳଭଣ୍ଡାରକୁ ସଚଳ କରିବା ଦିଗରେ ବଜେଟ୍‌ର ସିଂହଭାଗ ଖର୍ଚ୍ଚ କରାଯିବା ନେଇ ବ୍ୟବସ୍ଥା ହୋଇପାରେ। ଅନ୍ୟପକ୍ଷରେ ପୂର୍ଣ୍ଣାଙ୍ଗ ବଜେଟ୍ ପୂର୍ବରୁ ରାଜନୈତିକ ବିତର୍କ ଆରମ୍ଭ ହୋଇଛି। ଗୋଟିଏ ପଟେ ବିଜେପି ସରକାର କେବଳ ଭୋଟ ପାଇଁ ସ୍ୱଳ୍ପମିଆଦୀ ଯୋଜନା ନ କରି ଦୀର୍ଘମିଆଦୀ ଯୋଜନା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ବିରୋଧୀ ବିଜେଡି ପକ୍ଷରୁ କୁହାଯାଇଛି। ସେହିପରି କଂଗ୍ରେସ କହିଛି ଯେ ବିଜେପି ସରକାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଜରୁରୀ। ତେବେ ଏଥର ଓଡ଼ିଶାବାସୀ ବଜେଟ୍‌ରେ ବିକଶିତ ଓଡ଼ିଶାର ଝଲକ ଦେଖିବେ ବୋଲି କ୍ଷମତାରେ ଥିବା ବିଜେପି ପକ୍ଷରୁ କୁହାଯାଇଛି। କିନ୍ତୁ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସରକାର ନିଶ୍ଚିତ ଭାବେ ସବୁଠାରୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ କହିଛନ୍ତି। ସେମାନେ ଆହୁରି ବି କହିଛନ୍ତି ଯେ କୃଷି ଓ ଗ୍ରାମାଞ୍ଚଳକୁ ଅଧିକ ପୁଞ୍ଜି ଆସିଲେ ଲୋକଙ୍କ କ୍ରୟଶକ୍ତି ବଢ଼ିବ। ତେଣୁ ସରକାର ଏମ୍‌ଏସ୍‌ଏମ୍‌ଇ, ସାଧାରଣ ଶିଳ୍ପ, କୃଷିଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ଉପରେ ଗୁରୁତ୍ୱ ଦେଇପାରନ୍ତି। ଚଳିତ ଥର ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତିରେ ସରକାର ସାଧାରଣ ଲୋକଙ୍କ ମତାମତକୁ ଗୁରୁତ୍ୱ ଦେଇଥିବା ବେଳେ ଗତ ମାସରେ ଏନେଇ ପରାମର୍ଶ ସକାଶେ ପ୍ରାକ୍-ବଜେଟ୍ ଅଧିବେଶନର ଆୟୋଜନ କରିଥିଲେ।

### ଠକିନେଲେ...

ଏକ ବଣ୍ଡ୍ ଦେଇ ଉକ୍ତ ସଂସ୍ଥା ଠକେଇ କରିଥିବା ଅଭିଯୋଗ ହୋଇଛି। ଠକାମୀର ଶିକାର ହୋଇଥିବା ଲୋକେ ଏମ୍‌ସିଏକ୍ସ କ୍ରାଇସିସ କମିଟି ନାଁରେ ଏକ ସଂଗଠନ ଗଠନ କରି ଧନୁପାଲିରେ ଏତଲା ଦେଇଛନ୍ତି। ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ମଧ୍ୟ ଏହି ଠକେଇର ଶିକାର ହୋଇଛନ୍ତି। ସିକିମ, ସ୍ୱିଜରଲ୍ୟାଣ୍ଡ୍, ଛତିଶଗଡ଼, ଇନ୍ଦୋର, ପଶ୍ଚିମବଙ୍ଗରୁ ମଧ୍ୟ କେତେକ ଲୋକ ଏହି କମ୍ପାନୀ ଦେଇଥିବା ମିଥ୍ୟା ପ୍ରତିଶ୍ରୁତିରେ ଭଳିଯାଇଥିଲେ। ଆଉ ମ୍ୟାଚୁରିଟି ଟଙ୍କା ସମୟ ଆସିଥିଲେ ବି ଟଙ୍କା ନ ମିଳିବା ପରେ ଘଟଣା ସାମ୍ନାକୁ ଆସିଛି। ଏନେଇ ଅଭିଯୋଗକାରୀ କହିଛନ୍ତି ଯେ ଅନେକ ଲୋକ ଜମି ବିକି ଟଙ୍କା ଲଗାଇଥିଲେ। ପୁଣି କିଏ ପେନସନ୍ ଟଙ୍କା ଲଗାଇଥିଲେ। କିଛି ସରକାରୀ କର୍ମଚାରୀ ମଧ୍ୟ ଟଙ୍କା ଲଗାଇ ଏବେ ଅକଳରେ ପଡ଼ିଛନ୍ତି।

### ବଦଳି...

ବୁମ୍‌ରା ବାବୁ ବୋଲି ଡାକୁଥିବାବେଳେ ବାବୁ କିନ୍ତୁ ସଚିବଙ୍କ ପାଖଲୋକ କହି ନିଇତି ବିଭାଗରେ ହାକିମାତି ଚଳାଇଛନ୍ତି। ବିଭାଗ ମୁଣ୍ଡରେ ମାମଲା ବୋଝ ଥିବାରୁ ସଚିବ ତାଙ୍କୁ ଛାଡୁନଥିବା କହି ବୁଲୁଛନ୍ତି। ତେବେ ଏ କଥାଟି ସଚିବଙ୍କ ନଜରକୁ ଯାଇଛି କି ନାହିଁ ତାହା ବଡ଼କଥା। ହେଲେ ବାବୁ ଜଣଙ୍କ ଗୃହ ବିଭାଗ ନିର୍ଦ୍ଦେଶକୁ ମାନୁନଥିବା ନେଇ ଚର୍ଚ୍ଚା ଜୋର ଧରିଛି। ସଚିବାଳୟରେ ବିଭିନ୍ନ ବିଭାଗରେ ଏଭଳି କିଛି ବାବୁ ଚଉକି ଛାଡୁନଥିବା ଓ ବଦଳି ପରେ ନିଜ ବିଭାଗରେ ହାକିମାତି ଦେଖାଉଥିବାରୁ ପ୍ରଶାସନ ବଦନାମ ହେବାରେ ଲାଗିଛି। ତେବେ ବୁମ୍‌ରା ବାବୁ କୁଆଡ଼େ ବଦଳି ପାଇଁ ଅଗ୍ରୀମ ଧରିଥିବାରୁ ସବୁଟକ କାମ ନସାରିବା ପର୍ଯ୍ୟନ୍ତ ବିଭାଗକୁ ଦଉଡୁଥିବେ ବୋଲି ଚର୍ଚ୍ଚା ଜୋର ଧରିଛି।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ହାରିଲେ ଭାରତୀୟ ମହିଳା

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ ପ୍ରୋ ଲିଗର ଦ୍ୱିତୀୟ ଦିନରେ ଭାରତୀୟ ମହିଳା ଦଳ ଅଳ୍ପକେ ପରାଜିତ ହୋଇଛି। ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ରେ ରହିଥିଲା। ଫଳରେ ପେନାଲ୍ଟି ଶୁଟ ଆଉଟର ସାହାରା ନିଆଯାଇଥିଲା। ପେନାଲ୍ଟି ଶୁଟ ଆଉଟର ପ୍ରଥମ ଥର ମ୍ୟାଚ ୩-୩ରେ ରହିଥିଲା। ଦ୍ୱିତୀୟ ଥରର ଶୁଟ ଆଉଟ ବା ସଡନ ଡେଥରେ ଭାରତ ୨-୧ରେ ହାରିଥିଲା। ଗତକାଲି ଭାରତୀୟ ମହିଳା ଇଂଲଣ୍ଡକୁ ୩-୨ରେ ପରାସ୍ତ କରିଥିଲେ।

ଆଜି ଭାରତ ପକ୍ଷରୁ ନବନୀତ କୌର ଓ ରୁତୁଜା ଦାଦାସାଓ ପିସାଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଇଂଲଣ୍ଡ ପକ୍ଷରୁ ପେଜ ଗିଲଟ ଓ ଟେସା ହାୱାର୍ଡ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରବିବାର ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ତେବେ ପ୍ରଥମ ୨ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଭାରତୀୟ ଖେଳାଳି ମାନେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ୩ଟି କର୍ନର ପାଇଥିଲେ ମଧ୍ୟ ସ୍କୋର କରି ପାରିନଥିଲା। ଦ୍ୱିତୀୟ କ୍ୱାର୍ଟରରେ ନବନୀତ କୌର ଓ ରୁତୁଜା ଦାଦାସାଓ ପିସାଲଙ୍କୁ ଗ୍ରୀନ କାର୍ଡ ମିଳିବା କାରଣରୁ ୫ ମିନିଟରୁ ଅଧିକ ସମୟ ଭାରତ ୯ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଅନ୍ୟ ପକ୍ଷରେ ମ୍ୟାଚର ୪୦ ତମ ମିନିଟରେ ଇଂଲଣ୍ଡ ପକ୍ଷରୁ ପେଜ ଗିଲଟ ପ୍ରଥମ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ ଆଉ ଗୋଲ ହୋଇ ନ ଥିବା ବେଳେ ଭାରତ ୦-୧ରେ ପଛୁଆ ରହିଥିଲା।

ଚତୁର୍ଥ କ୍ୱାର୍ଟରରେ ଭାରତ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ ନବନୀତ କୌର। ଇଂଲଣ୍ଡ ଡି ଏରିଆ ମଧ୍ୟରେ ଲାଲରେମସିଆମିଙ୍କୁ ଫାଉଲ କରାଯିବା ପରେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ୫୩ ତମ ମିନିଟରେ ନବନୀତ ସ୍କୋର କରିବର ସହ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ହେଲେ ଏହାର ୩ ମିନିଟ ମଧ୍ୟରେ ଟେସା ହାୱାର୍ଡ ଗୋଲ ସ୍କୋର କରିବା ସହିତ ଇଂଲଣ୍ଡକୁ ଆଗୁଆ କରିଥିଲେ। ପେନାଲ୍ଟି କର୍ନରରୁ ଟେସା ଏହି ଗୋଲ ଦେଇଥିଲେ।

ଏହାର ଗୋଟିଏ ମିନିଟ ମଧ୍ୟରେ ଭାରତ ପକ୍ଷରୁ ଜବରଦସ୍ତ କାଉଣ୍ଟର ଆଟାକ କରାଯାଇଥିଲା। ସୁନେଲିତା ଟୋପ୍ପୋ ଏକ ଜବରଦସ୍ତ ରନ ଜରିଆରେ ପ୍ରତିପକ୍ଷ ମିଡ ଫିଲ୍ଡରଙ୍କୁ ଚକମା ଦେଇଥିଲେ। ଡି ମଧ୍ୟରେ ଥିବା ରୁତୁଜାଙ୍କୁ ପାସ ମିଳିଥିବା ବେଳେ ଅନ୍ତର୍ଜାତୀୟ ପଦାର୍ପଣକାରୀ ପ୍ରଥମ ଗୋଲ ସ୍କୋର କରିଥିଲେ। ମ୍ୟାଚ ୨-୨ରେ ରହିଥିବା ବେଳେ ପେନାଲ୍ଟି ଶୁଟଆଉଟରେ ମ୍ୟାଚର ଫଳାଫଳ ମିଳିଥିଲା। ଭାରତୀୟ ଗୋଲ କିପର ସବିତା ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଦଳ ଅଳ୍ପକେ ହାରି ୧ ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲା।

## ଫାଇଲେରିଆ ଔଷଧଖାଇ ମହିଳାଙ୍କ ମୃତ୍ୟୁ!

**ପାଟଣାଗଡ଼,୧୬।୨(ସଂଚାର ବ୍ୟୁରୋ):** ଫାଇଲେରିଆ ଔଷଧ ଖାଇ ଜନୈକା ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ମଧ୍ୟପୁର ଗାଁରେ ଏପରି ଅଘଟଣ ଘଟିଛି। ଗତକାଲି ମଧ୍ୟପୁରର ଅଞ୍ଜଳି ନାଏକଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଆଶା ଫାଇଲେରିଆ ଔଷଧ ଖୁଆଇଥିଲେ। ତେବେ ବଟିକା ଖାଇବା ପରେ ରାତିରେ ଅଞ୍ଜଳି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ପରିବାଲ ଲୋକେ ବେଲପଡ଼ା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପରିବାର ଲୋକେ ଅଞ୍ଜଳିଙ୍କ ମୃତ୍ୟୁ ଫାଇଲେରିଆ ଔଷଧ ଖାଇବା କାରଣରୁ ହୋଇଥିବା ଅଭିଯୋଗ କରିଛନ୍ତି। ଏପରି ସ୍ଥିତିରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଞ୍ଜଳିଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର କହିଛନ୍ତି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

## ପିକ୍‌ଅପ ଧକ୍କାରେ ଯୁବକଙ୍କ ମୃତ୍ୟୁ



**ନୟାଗଡ଼, ୧୬।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବଡ଼ପଣ୍ଡୁସର ବ୍ରିଜଠାରେ ଏକ ପିକଅପ ଭ୍ୟାନ ପଲ୍ସରକୁ ପିଟିବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ଇଟାମାଟି ଥାନା ଅନ୍ତର୍ଗତ ବିରୁଡା ଗ୍ରାମର ପ୍ରହଲ୍ଲାଦ ମୁଦୁଲିଙ୍କ ପୁଅ ତୋଫାନ ମୁଦୁଲି ଇଟାମାଟିରୁ ନିଜ ଗ୍ରାମକୁ ଫେରୁଥିଲେ । ଦିନ ୨ ଘଣ୍ଟା ସମୟରେ ନୟାଗଡ଼ ଅଭିମୁଖେ ଆସୁଥିବା ଏକ ପିକଅପ ଭ୍ୟାନ ବଡ଼ପଣ୍ଡୁସର ବ୍ରିଜ ନିକଟରେ ପଲ୍ସରକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତୋଫାନଙ୍କର ମୃତ୍ୟୁ ଘଟିଥିଲା । ଇଟାମାଟି ପୁଲିସ ଖବରପାଇ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ ପକ୍ଷରୁ ଗାଡି ଦୁଇଟିକୁ ଜବତ କରାଯାଇଛି। ତୋଫାନ ଜଣେ ମେଳାପି ଓ ପରୋପକାରୀ ଯୁବକ ଥିଲେ । ଦୈନନ୍ଦିନ ସେ ଗୋମାତାଙ୍କ ସେବା କରିବା ସହ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଅସହାୟଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବିଜେଡି ନାରୀ ନେତ୍ରୀ ଇରାନୀ ରାୟ, ବିଜେଡି ନେତା ଦୁର୍ଯ୍ୟୋଧନ ହେରା, ଛାତ୍ରନେତା ନୀଳମାଧବ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚିଥିଲେ । ତୋଫାନଙ୍କ ଅକାଳ ବିୟୋଗରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ ପରିବାରଙ୍କୁ ସାନ୍ତ୍ୱନା ଦେଇଛନ୍ତି ।

## ଯୁବତୀଙ୍କ ଗୋପନୀୟ ଫଟୋ ଭାଇରାଲ, ଯୁବକ ଅଟକ

**କୁଜଙ୍ଗ, ୧୬।୨ (ସଂଚାର ବ୍ୟୁରୋ) :** କୁଜଙ୍ଗ ଥାନା ଅନ୍ତର୍ଗତ ଏକ ଯୁବତୀଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭଇରାଲ କରିବା ଅଭିଯୋଗରେ ଜଣେ ଯୁବକ ଥାନାରେ ଅଟକ ଥିବା ଜଣାପଡିଛି । ତେବେ ସମ୍ପୃକ୍ତ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇବା ସହିତ ତା ସହିତ ଅନେକ ଗୋପନୀୟ ମୂହୁର୍ତ୍ତର ଫଟୋକୁ ଭାଇରାଲ କରିଥିବା ନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଥିଲା । ପ୍ରକାଶ ଯେ, ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡାଳିମ୍ପୁର ଗ୍ରାମର ନିର୍ଭୟ ବେହେରାଙ୍କ ପୁତ୍ର ତୁଷାର କୁଜଙ୍ଗ ମହାବିଦ୍ୟାଳୟରେ ପଢୁଥିବା ଜନୈକା ଯୁବତୀଙ୍କ ସହିତ ସମାଜିକ ଗଣମାଧ୍ୟମ ଜରିଆରେ ପରିଚୟ ସୃଷ୍ଟି କରିଥିଲେ । କ୍ରମଶ ସେମାନଙ୍କ ମଧ୍ୟରେ ନମ୍ବର ଆଦାନ ପ୍ରଦାନ ହେବା ସହିତ ଅନ୍ତରଙ୍ଗତା ବୃଦ୍ଧି ପାଇଥିଲା । ଏହାର ସୁଯୋଗ ନେଇ ଅଭିଯୁକ୍ତ ତୁଷାର ଯୁବତୀଙ୍କ ସହିତ ଅନେକ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇଥିଲେ । ଏହି ସମୟରେ କୌଶଳକ୍ରମେ କିଛି ଅନ୍ତରଙ୍ଗ ସମୟର ଫଟୋ ଓ ଭିଡିଓ ଉତ୍ତୋଳନ କରିନେଇଥିଲେ । ଏହି ଫଟୋ ଓଭିଡିଓ ବଳରେ ଯୁବତୀଙ୍କୁ ବ୍ଲାକମେଲିଂ କରିବା ସହିତ ଶାରିରୀକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲା । ମାତ୍ର ଯୁବତୀ ଜଣକ ଏଥିରେ ସହମତି ନହେବାରୁ ତାର ସମସ୍ତ ଫଟୋ ଓ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲା।

## ଯୁବକକୁ ଆକ୍ରମଣ ଅଭିଯୋଗରେ ୫ଜଣଙ୍କ ବିରୋଧରେ ମାମଲା ରୁଜୁ

**ବ୍ରହ୍ମପୁର, ୧୬।୨ (ସଂଚାର ବ୍ୟୁରୋ) :** ସ୍ଥାନୀୟ ଭାପୁର ବଜାର ସ୍ଥିତ ବଡ଼ ମସଜିଦ ସାହିରେ ଥିବା ଏକ ଦୋକାନରେ ଦୁଇ ଯୁବକକୁ ଆକ୍ରମଣ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଫାୟାଜ ଖାନ୍, ଗଲାଫାୟାଜ୍, ଗିଡାମୁନା, ବଡ଼ଆକ୍ରମ, ଛୋଟ ଆକ୍ରମ ଆଦି ୫ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଶନିବାର ପୂର୍ବାହ୍ନ ସମୟରେ ବଡ଼ ମସଜିଦ ସାହିର ଏକ ଦୋକାନରେ ବ୍ୟାଙ୍କ କଲୋନୀର ଅଜିତ କୁମାର ପାତ୍ର ଓ ସୋମନାଥ ନଗର ୫ମ ଲାଇନ ନିଓ୍ୱାସୀ ସୟଦ୍ ଇଦ୍ରୀଶ ଅହମ୍ମଦ ଏସି କାମ କରୁଥିବା ବେଳେ ଉପରୋକ୍ତ ଯୁବକମାନେ ତାଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏଥିରେ ସୟଦ୍ ଓ ଅଜିତ ଆହତ ହୋଇଥିଲେ । ଆକ୍ରମଣ ପରେ ଅଜିତ ଓ ସୟଦ୍ ଙ୍କୁ ଦୋକାନ ବନ୍ଦ କରିବା ପାଇଁ ଧମକ ଦେଇଥିଲେ । ଦୋକାନ ବନ୍ଦ ନ କରିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ସୟଦ୍ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ପ୍ରଣବଙ୍କ ମୃତ୍ୟୁ ପରେ ପରିବାର ଅସହାୟ ଘଟଣା

## ସହାୟତା ଯୋଗାଇ ଦେଲା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର

**ମହାକାଳପଡ଼ା, ୧୬।୨ (ସଂଚାର ବ୍ୟୁରୋ) :** ଘରର ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ଦୋହଲି ପଡିଛି ଘରର ମେରୁଦଣ୍ଡ। ବେସାହାରା ହୋଇ ପଡିଛନ୍ତି ବିଧବା ମାଆ ଓ ପତ୍ନୀ। ଦୁଇ କୁନି କୁନି ପିଲାମାନଙ୍କୁ ମଣିଷ କରିବା ଓ ପରିବାର ପ୍ରତିପୋଷଣ ଚିନ୍ତା ଏବେ ସେମାନଙ୍କୁ ଚିନ୍ତାରେ ପକାଇଛି। ଶବ ସତ୍କାର ଗ୍ରାମବାସୀଙ୍କ ସହଯୋଗରେ ହୋଇଥିବା ବେଳେ ଆଗକୁ ଶୁଦ୍ଧିକ୍ରିୟା କେମିତି ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ପରିବାର। ଏ ସମ୍ପର୍କରେ ସଂଚାରରେ ଖବର ପ୍ରକାଶ ପରେ ପରିବାର ପାଖରେ ସହାୟତା ପହଞ୍ଚିଛି। କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଏକ ପ୍ରତିନିଧି ଦଳ ପହଞ୍ଚି ରାସନ୍ ସାମଗ୍ରୀ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଳିଅଞ୍ଚ ଗ୍ରାମର ନିଳମଣୀ ରାଉତଙ୍କ ପୁଅ ପ୍ରଣବ ରାଉତ(୩୦) ଜଣେ କୁଶଳୀ ରିଜମିସ୍ତ୍ରୀ ଭାବରେ ବାହାରେ ବୁଲି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଯକୃତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅବସ୍ଥାରେ ତାଙ୍କର ଦେହାନ୍ତ ହେଇଯାଇଛି। ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ଏବେ ପୁରା ପରିବାରକୁ ଅସହାୟ କରି ପକାଇଛି। ଦୁଇ ସନ୍ତାନଙ୍କୁ କେମିତି ମଣିଷ କରିବେ ଓ ପରିବାର ପ୍ରତିପୋଷଣ ଚିନ୍ତା ଏବେ ଶାଶୁ ବୋହୂଙ୍କୁ ଘାରିଛି। ଗ୍ରାମବାସୀଙ୍କ ସହଯୋଗରେ ପଣବଙ୍କ ଶବ ସତ୍କାର କରାଯାଇଛି। ଆଗକୁ ଦଶାହ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ ପରିବାର। ଆଜି ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ବିଭୂତି ରାଉତ, ମମତା ପ୍ରତିହାରୀ, ରମାକାନ୍ତ ନାୟକ, ପ୍ରତାପ ତ୍ରିପାଠୀ, ଚିତ୍ତରଞ୍ଜନ ପ୍ରତିହାରୀ, ଚନ୍ଦନ ପାଇଟାଳ ଓ ଶାନ୍ତନୁ ଦାସ ପହଞ୍ଚି ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦେଇଛନ୍ତି।



## ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

**ମାହାଙ୍ଗା, ୧୬।୨ (ସଂଚାର ବ୍ୟୁରୋ) :** ମାହାଙ୍ଗା ବିକାଶପରିଷଦ ପରିଷଦ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ କଇଥା ପଞ୍ଚାୟତ ସଭାପତି ମନୋଜ କୁମାର୍ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗାର ଲୋକପ୍ରିୟ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରକ୍ତଦାନ ମହାପୁଣ୍ୟ ବୋଲି କହିଥିଲେ। ଏହା ମୃତ୍ୟୁମୁଖରେ ପଡ଼ିଥିବା ବହୁ ଦୁର୍ଘଟଣା ଗ୍ରସ୍ତ ରୋଗୀ ଙ୍କୁ ନୂତନ ଜୀବନ ଦେଇ ପାରିବ ବୋଲି କହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟ କ୍ରମରେ ଅତିଥି ଭାବେ ଅଧ୍ୟାପକ ପ୍ରମୋଦ କୁମାର ଶତପଥୀ, ଅଧ୍ୟାପକ ପ୍ରଫୁଲ୍ଲ କୁମାର୍ ସ୍ୱାଇଁ, ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥୀ,ରଶ୍ମି କାନୁ ସ୍ୱାଇଁ,ଅନାଦି ଚରଣ



ସାହୁ,ପ୍ରଶାନ୍ତ କୁମାର ରାଉତ, ଟୁପସି ନାଥ,ପବିତ୍ର ପାଲ୍, ଗୀତାଞ୍ଜଳି ସ୍ୱାଇଁ, କମଳିନୀ ସ୍ୱାଇଁ, ପ୍ରମୁଖଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।କଟକ ବଡ଼ ମେଡ଼ିକାଲ କଲେଜର ଡାକ୍ତର ଲକ୍ଷ୍ମୀପ୍ରିୟା ବେହେରା,ରାମଚନ୍ଦ୍ର ଖଟୁଆ,ଲୀଳାବତୀ ପ୍ରଧାନ,ବିନୋଦିନୀ ଗିରି,ନିରଞ୍ଜନ ପଟ୍ଟନାୟକ, ଆଲୋକ କୁମାର ବସନ୍ଧା ପ୍ରମୁଖ ଡାକ୍ତର ୧୦୭ ୟୁନିଟ ରକ୍ତ ସଂଗ୍ରହ କରି ଥିଲେ ।

## ମହାକୁମ୍ଭର ସଫେଇ କର୍ମଚାରୀଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା, ୧୬।୨ (ସଂଚାର ବ୍ୟୁରୋ) :** ମହାକୁମ୍ଭ ରେ ବୁଡ଼ ପକାଇଲେ ଅନେକ ପାପକ୍ଷୟ ହୋଇଥାଏ। ଏହି କୁମ୍ଭ ମେଳା କୁ ସାରା ବିଶ୍ୱରୁ ଅନେକ ସାଧୁ ମହାତ୍ମା ଓ ଭକ୍ତ ମାନେ ଆସିଥାନ୍ତି। ୨୦୨୫ ମସିହାରେ ଏହି ତିଥି ପ୍ରୟାଗରାଜ ପଡ଼ିଛି। ସାରା ଭାରତର ପ୍ରାୟ ୪୦ କୋଟି ଲୋକେ ଏବେ ସୁଦ୍ଧା ବୁଡ ପକାଇ ସାରିଲେଣି। ଏହି ମେଳା ପାଇଁ ଅନେକ ପ୍ରକାରର ସୁବନ୍ଦୋବସ୍ତ ସରକାର କରିଛନ୍ତି। ଏହି ସ୍ଥାନ କୁ ସଫା ଓ ସୁନ୍ଦର ରଖିବା ନିମନ୍ତେ ଯେଉଁ କର୍ମଚାରୀ ନିଯୁକ୍ତ ହୋଇଛନ୍ତି, ତାଙ୍କର ନିରବଛିନ୍ନ ପ୍ରୟାସକୁ ଅଶେଷ ଧନ୍ୟବାଦ। ସେହି ସଫେଇ କର୍ମଚାରୀଙ୍କୁ ତାଙ୍କର ସେବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ଏହି କାର୍ଯ୍ୟକ୍ରମଟି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଉପସଭାପତି ରଶ୍ମି ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରାଯିବା ସହ ସଫେଇ କର୍ମଚାରୀ ମାନଙ୍କର ଦୀର୍ଘ ଜୀବନ କାମନା କରାଯାଇଥିଲା।



## କୋଣାର୍କ ଲୋକ କଳା ମହୋତ୍ସବ ଉଦ୍‌ଯାପିତ

**କୋଣାର୍କ, ୧୬।୨ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ରାଜାରାମ ମଠ ପ୍ରାଙ୍ଗଣରେ କୋଣାର୍କର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟ ଦୀପ ଆନୁକୁଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ଗତ ୧୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଷଷ୍ଠ କୋଣାର୍କ ଲୋକ କଳା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି।




କୋଣାର୍କ ନାଟ୍ୟ ଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ସମାରୋହରେ ଅତିଥି ଭାବରେ ବିଶିଷ୍ଟ ତବଲା ବାଦକ ଗୁରୁ କୁଳମଣୀ ସାହୁ, କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀ, ସଂସ୍କୃତି ଗବେଷକ ବାବା ଶକ୍ତିଦେବ ଶତପଥୀ, ବରିଷ୍ଠ ଶିକ୍ଷାବିତ ଓ ସମାଜସେବୀ ରାମକୃଷ୍ଣ ମହାନ୍ତି, ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ, ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର ଓ ଗଛ ମଣିଷ ତଥା ପ୍ରକୃତି ପ୍ରେମୀ ଲିଙ୍ଗରାଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତି ଓ ଅସ୍ମିତାର ପ୍ରତୀକ ଏହି ଲୋକ କଳା ଜନମାନସର ଚିତ୍ରପଟ୍ଟରେ ସର୍ବଦା ବଞ୍ଚାଇ ରଖିବା ପାଇଁ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ବ୍ୟବସ୍ଥା କରି ସଂସ୍କୃତିର ପ୍ରତୀକ ଲୋକ କଳା କିଭଳି ବିଲୁପ୍ତ ନ ହୋଇ ଆଗାମୀ ପିଢ଼ିମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବା ସହିତ ବେଶ ଜନ ଆଦୃତ ହୋଇପାରିବ ସେଥିପାଇଁ ସାମଗ୍ରିକ ପ୍ରୟାସ ଜରୁରୀ ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ।

ଏହି ପରିପ୍ରେକ୍ଷୀରେ କୋଣାର୍କ ଲୋକ କଳା ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଓଡିଶୀ, ସମ୍ବଲପୁରୀ ନୃତ୍ୟ, ତବଲା ବାଦନ ସମେତ ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅନ୍ତେଇ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ମାର୍ଶାଘାଇ, ୧୬।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ପଞ୍ଚାୟତରେ ଶୁକ୍ରବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ସରପଂଚ ସଂଜୟ କୁମାର ସେଠୀ, ମୁଖ୍ୟ ଅତିଥି ମାର୍ଶାଘାଇ ପଂଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସମ୍ମାନୀତ ଅତିଥି ୨୬ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ପ୍ରତାପ କୁମାର ମଲ୍ଲିକ,ସମିତି ସଭ୍ୟ ଅଜୟ କୁମାର ଜେନା,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରି ବିଜୟ କୁମାର ଜେନା,ଏଡିଇଓ ରୋଜାଲିନ ଓଝା, ନାଏବ ସରପଂଚ ଲିଜିନା ମହାପାତ୍ର ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଆୟୋଜିତ ଉକ୍ତ ବୈଠକରେ "ବିକଶିତ ଗାଁ ବିକଶିତ ଓଡିଶା" ଅଭିଯାନ ଅନୁସାରେ ଏହି ଯୋଜନା ମାଧ୍ୟମରେ ପ୍ରତି ଗାଁରେ ଭଲ ରାସ୍ତା, ଡ୍ରେନ, ପାଠାଗାର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ, ମାର୍କେଟ ସେଡ, ଭୋଗ ମଣ୍ଡପ, ଭାଗବତ ଟୁଙ୍ଗି, ଆଦି ନିର୍ମାଣ କରାଯିବା ସହ ଧାର୍ମିକ ପୀଠ, ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀ, ଶିକ୍ଷା ତଥା କ୍ରୀଡା ଭିତ୍ତି ଭୂମି ଆଦିର ବିକାଶ ମଧ୍ୟ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଗାଁର ପ୍ରତ୍ୟେକ ବର୍ଗର ଲୋକଙ୍କର ଭାଗିଦାରୀ ରହିବ। ଏହି ଯୋଜନା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମରେ ସିଆରପି, ଅଙ୍ଗନୱାଡ଼ି, ଆଶାକର୍ମୀ ଏବଂ ୪ ଗୋଟି ଗ୍ରାମର ଶତାଧିକ ମହିଳା, ପୁରୁଷ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ସରପଂଚ ସଞ୍ଜୟ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯୯୧ ସପ୍ତମ ବ୍ୟାଚର ବନ୍ଧୁମିଳନ

**ନାଉଗାଁ, ୧୬।୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅଧୀନ ବାଲିସାହି ବିପିନି ବିହାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ୧୯୯୧ ମସିହା ସପ୍ତମ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଉକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପ୍ରତିଷ୍ଠାତା ବିପିନି ବିହାରୀ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଆର ପାରିକୁ ଚାଲି ଯାଇଥିବା ସହପାଠୀ ଓ ଶିକ୍ଷକ ମାନଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ଏକ ସଭାକାର୍ଯ୍ୟରେ ପୁରାତନ ଛାତ୍ରଛାତ୍ରୀମାନେ ସେ ସମୟରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରି ସମ୍ବୋର୍ଦ୍ଧିତ କରିଥିଲେ। ଉକ୍ତ ସଭାରେ ଛାତ୍ରଛାତ୍ରୀମାନେ ନିଜର ପୁରୁଣା ଦିନର ଅନୁଭୂତିକୁ ବଖାଣିବା ସହିତ ଦୀର୍ଘ ୩୪ ବର୍ଷ ପରେ ଏକତ୍ରିତ ହୋଇ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇ ପଡିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ଜୟକୃଷ୍ଣ ଲେଙ୍କା, ବିଭୁଦେନ୍ଦ୍ର ଦାସ, ଶିବ ଚରଣ ଲେଙ୍କା ଓ ଶିକ୍ଷକ ଅକ୍ଷୟ କୁମାର ଲେଙ୍କା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।



### ରାଧାଗୋବିନ୍ଦ ଷ୍ଟାର ଲକି ଡ୍ର

## ଗ୍ରାହକ ଜିତିଲେ କାର ସହ ସାନ୍ତ୍ୱନାମୂଳକ ପୁରସ୍କାର

**କାକଟପୁର/ଅସ୍ତରଙ୍ଗ, ୧୬।୨ (ସଂଚାର ବ୍ୟୁରୋ):** ରାଧାଗୋବିନ୍ଦ "କୌନବନେଗା ଲକ୍ଷପତି "ଲକି ଡ୍ର ଅନୁଷ୍ଠିତ ହୋଇଛି। ସାରା ରାଜ୍ୟରେ କ୍ରିଷ୍ଣା ଡ଼ାଇମଣ୍ଡ ତରଫରୁ ଗତବର୍ଷ ସେପ୍ଟେମ୍ବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଗ୍ରାହକମାନଙ୍କ ପାଇଁ କ୍ରିଷ୍ଣା ଡାଇମଣ୍ଡ ୨୦ ହଜାର ଟଙ୍କାର ଡାଇମଣ୍ଡ କିଣିଲେ ଏକ ଲକି ଡ୍ର କୁପନ ମିଳୁଥିଲା। ଯାହାକି ଅନେକ ଗ୍ରାହକ ଏହି ଲକି ଡ୍ର କୁପନରେ ଅଂଶ ଗ୍ରହଣ କରିଥିବା ବେଳେ କିଛି ଦିନ ପୂର୍ବେ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମରେ କ୍ରିଷ୍ଣା ଡାଇମଣ୍ଡ ଚେୟାରମ୍ୟାନଙ୍କ ସହ ଅନ୍ୟ ଅତିଥି ଉପସ୍ଥିତରେ ଲକି ଡ୍ର କୁପନ ଉଠାଣ କାର୍ଯ୍ୟକ୍ରମ ହୋଇଥିଲା। ସେଥିରେ ପୁରୀ ଜିଲ୍ଲା କାକଟପୁର ସ୍ଥିତ ରାଧାଗୋବିନ୍ଦ ଜୁଏଲାରୀ ଗ୍ରାହକ ସବ୍ୟସାଚୀ ଦୀକ୍ଷିତିଙ୍କ କାର ଉଠିଥିଲା। କାକଟପୁରରେ ରବିବାର ସନ୍ଧ୍ୟାରେ ରାଧାଗୋବିନ୍ଦ ଜୁଏଲାରୀ ଓ କ୍ରିଷ୍ଣା ଡ଼ାଇମଣ୍ଡଙ୍କ ମିଳିତ ଉଦ୍ୟମରେ ଅତିଥି ଭାବେ କାକଟପୁର ଥାନାଅଧିକାରୀ ଉମେଶ କୁମାର ସାହୁ, କ୍ରିଷ୍ଣା ଡ଼ାଇମଣ୍ଡ ରାଜ୍ୟ ମୁଖ୍ୟ ପରିଚାଳକ ଅଭିଜିତ ମହାନ୍ତି, ରାଧାଗୋବିନ୍ଦ ଜୁଏଲାରୀ ଚେୟାରମ୍ୟାନ ଶ୍ରୀଧର ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ଦୀକ୍ଷିତି। ନିଜ ଅଭିଭାଷଣରେ ଶ୍ରୀଧର ସାହୁ କହିଥିଲେ ରାଧାଗୋବିନ୍ଦ ଜୁଏଲାରୀ ସଦାସର୍ବଦା ଯେପରି ଶୁଦ୍ଧ ସୁନା, ସ୍ୱଚ୍ଛ ରିହାତି ପାଇଁ ଜଣାଶୁଣା ଠିକ ସେହିପରି ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ସର୍ବଦା ଯତ୍ନବାନ।




## ରୟାଲ ପବ୍ଲିକ୍ ସ୍କୁଲ୍‌ରେ ସର୍ବଭାରତୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୨ (ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସି. ବି.ଏସ୍.ଇ) ଦ୍ୱାରା ଆୟୋଜିତ ଦୁଇଦିନିଆ (ତା ୧୪.୦୨.୨୦୨୫ ରୁ ତା ୧୫.୦୨.୨୦୨୫) ସର୍ବଭାରତୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ରୟାଲ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱରରେ ଉଦ୍‌ଯାପିତ ହୋଇଯାଇଅଛି। ପ୍ରଥମ ଦିବସରେ ସି.ବି. ଏସ୍.ଇ, ଭୁବନେଶ୍ୱରର ଯୁଗ୍ମ ସମ୍ପାଦକ, ଟି. ମାତେ, ରୟାଲ୍ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ଼. ବିଷ୍ଣୁମୋହନ ମହାନ୍ତି, ଭାଇସ୍ ଚେୟାରମ୍ୟାନ ମିଲନ୍ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଯୋଗଦାନ କରିଥିଲେ। ରୟାଲ୍ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିକ୍ଷକ ଏବଂ ଶିକ୍ଷୟତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ସର୍ବଭାରତୀୟ ପ୍ରଶିକ୍ଷକ ସୁନିଲ୍ ଆପ୍‌ତେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ଦ୍ୱିତୀୟ ଦିବସରେ ପ୍ରଶିକ୍ଷକ କରମ୍‌ଜିତ୍ ସୋଢ଼ି ଶିକ୍ଷକ ଏବଂ ଶିକ୍ଷୟତ୍ରୀମାନଙ୍କୁ ଶିକ୍ଷା ଦେବାର କର୍ମଯୋଜନା, ପିଲାମାନଙ୍କ ଭବିଷ୍ୟତ ଜୀବନ ଗଠନ ପାଇଁ ପାଠ ପଢ଼ି ଚାକିରି ଖୋଜିବା ଏକମାତ୍ର ଲକ୍ଷ୍ୟ ନହେଉ, ତାହାର ନିରାକରଣ ଅତି ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ। ଭାରତୀୟ ଶିକ୍ଷାକ୍ଷେତ୍ରରେ ଏକ ନୂତନ ବିପ୍ଳବ ଆଣିବାକୁ ସରକାରଙ୍କ ଜାତୀୟ ଶିକ୍ଷାନୀତି କିପରି ସଫଳ ହେବ ତାହା ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଥିଲା।

ପ୍ରଶିକ୍ଷିତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସେମାନଙ୍କର ସୁଚିନ୍ତିତ ମତପ୍ରଦାନ କରିବା ସହ ପ୍ରତ୍ୟେକ ବର୍ଷ ଏହି ଶିବିରର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ଭାଇସ୍ ଚେୟାରମ୍ୟାନ ମିଲନ୍ ମହାନ୍ତି, ଅଧ୍ୟକ୍ଷ ସର୍ବେଶ୍ୱର ସାମଲ, ଉପାଧ୍ୟକ୍ଷା ପ୍ରଜ୍ଞାପାରମିତା ସାହୁ ଓ ବିଜ୍ଞାନ ଶିକ୍ଷକ ସୁରଜ କୁମାର ଚୌଧୁରୀଙ୍କ ପରୋକ୍ଷ ତଥା ପ୍ରତ୍ୟକ୍ଷ ସହଯୋଗିତା ଦ୍ୱାରା ଏହି ପ୍ରଶିକ୍ଷଣ ଶିବିର ସଫଳ ଭାବରେ ସମାପନ ହୋଇପାରିଛି। ଏହି ପ୍ରଶିକ୍ଷଣ ଶିବିରରେ ସମୁଦାୟ ୨୬ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ।

## ବାଲି ମାଫିଆଙ୍କ ଦୌରାତ୍ମ୍ୟର ଅନ୍ତ କେବେ ?

### ଦେବୀ ନଦୀ ଗର୍ଭରେ ଲୀନ ହୋଇଯିବ କି ନଦୀପଠାରେ ଥିବା ଗାଁ ?

**କାକଟପୁର/ଅସ୍ତରଙ୍ଗ, ୧୬।୨ (ସଂଚାର ବ୍ୟୁରୋ):** ଦିନ ହେଉ କି ରାତି ଦେବୀ ନଦୀଶଯ୍ୟାରୁ ଉଠୁଛି ଟନ ଟନ ବାଲି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଟ କରୁଛନ୍ତି ବାଲି ମାଫିଆ। ପୁରୀ ଜିଲ୍ଲା କାକଟପୁର ଥାନା ଓ ଅସ୍ତରଙ୍ଗ ଥାନା ଠାରୁ କିଛି ଦୂରରେ ଥିବା ବାଲିକୂଳ ପାର୍ଶ୍ୱବର୍ତ୍ତୀ ଗାଁ ଓ ତାଳଦା ନଦୀପଠାରେ ବାଲି ମାଫିଆଙ୍କ ରାଜ। ନିର୍ଦ୍ଧାରିତ ଲିଜ ଏରିୟାକୁ ବାଦ ଦେଇ ବାଲି ଉଠାଉଛନ୍ତି ମାଫିଆ । ବାଲି ଲୁଟ୍ ଫଳରେ ନଦୀ ଜଳର ଗତିପଥ ବଦଳିବା ସହ ନଦୀକୂଳ ଖାଉଛି। ନଦୀଗର୍ଭରେ ସୃଷ୍ଟି ହେଉଛି ବଡ଼ ବଡ଼ ଗର୍ତ୍ତ । ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ କାଳ କାଟୁଛନ୍ତି ନଦୀକୂଳରେ ରହୁଥିବା ଭଣ୍ଡିସାହି, ବାଲିକୂଳ, ଡାହାଣୀ ଖିଆ, ତାଳଦା ନଦୀଗର୍ଭରେ ଲୀନ ହେବାକୁ ବସିଛି ।



ଦେବୀ ନଦୀକୂଳରେ ବାଲି ମାଫିଆଙ୍କ ରାଜ। ରାତି ହେଲେ ବେଧଡକ ଚାଲିଛି ଚୋରା ଚାଲାଣ। ରାତି ସହିତ ଶୋଇଯାଇଛି ପ୍ରଶାସନ। ଆଉ ଲୁଟ ହେଉଛି ହଜାର ହଜାର ଟ୍ରାକ୍ଟର ବାଲି। ଯୁଆଡେ ଚାହିଁବେ କେବଳ ବଡ଼ ବଡ଼ ଗର୍ତ୍ତ। ସତେ ଯେମିତି ପୋଖରୀ ଖୋଳାଯାଇଛି। ନିଜକୁ କରିତ କର୍ମା ସହ ଗୁଣ୍ଡାରାଜ ଦେଖାଇ ଦିନ ହେଉ କି ରାତି ଜେସିବି ଟ୍ରାକ୍ଟର ଲଗାଇ ଲୁଟ କରୁଛନ୍ତି ବାଲି। ଏହାର ପ୍ରତିବାଦ କଲେ ବାଲିମାଫିଆମାନେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା ।

ଦିନକୁ ଦିନ ବଢୁଛି ମାଫିଆ ରାଜ ସହ ବାଲି ଚୋରା ଚାଲାଣ। ଫଳରେ ଖାଲି ହେବାକୁ ବସିଲାଣି ଭଣ୍ଡିସାହି, ବାଲିକୂଳ, ମୁତୁଣିଆ, ଡାହାଣୀଖିଆ, ତାଳଦା ପର୍ଯ୍ୟନ୍ତ ଦେବୀ ନଦୀ ସଲଗ୍ନ ବାଲିବନ୍ତ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ଗତବର୍ଷ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ ଜାଣିବା ପରେ ବାଲିକୂଳ ବାଲି ଉଠାଣ ସ୍ଥାନ ନିକଟରେ ପହଂଚି ଗାଁ ଲୋକଙ୍କ ଆଲୋଚନା କରିବା ସହ ମାଫିଆଙ୍କ ରାଜ ବନ୍ଦ କରିବାକୁ ପ୍ରଶାସନ ସହ ଆଲୋଚନା କରିଥିଲେ ବୋଲି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି।

ଅନ୍ୟ ପଟେ ପୁରୀଜିଲ୍ଲା ଖଣିଜ ବିଭାଗ ଅଧିକାରୀ ସମୀର ମିଶ୍ର କହିଛନ୍ତି କର୍ମଚାରୀ ସମ୍ପୂର୍ଣ୍ଣ କମ ଥିବାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇପାରୁନି, ଖୁବ ଶୀଘ୍ର ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରି ବେଆଇନି ବାଲି ଉଠାଣ ହେଉଥିଲେ ନିୟମ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।କେବେ ମାଫିଆଙ୍କ ରାଜ ବନ୍ଦ ହେବ ପ୍ରଶାସନ କେବେ ମାଫିଆଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ନେବ ତାହା ହିଁ ଅପେକ୍ଷା ।



## ଦାର୍ଶନିକ ରୁଡୋଲ୍ଫ କର୍ଣ୍ଣାପଙ୍କ ଦାର୍ଶନିକ ଦୃଷ୍ଟିଭଙ୍ଗୀ ଉପରେ ଆଲୋଚନା

**ଭୁବନେଶ୍ୱର, ୧୬।୨ (ସଂଚାର ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ଆନୁକୂଲ୍ୟରେ ଆଜି ଦିବା ୩.୩୦ ସମୟରେ ଏକ ନିମନ୍ତ୍ରିତ ସଭାରେ ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟର କୁଳପତି ନିର୍ମଳ ନାରାୟଣ ଚକ୍ରବର୍ତ୍ତୀ (ମୁଖ୍ୟବକ୍ତା), ଦାର୍ଶନିକ ରୁଡୋଲ୍ଫ କର୍ଣ୍ଣାପ ନିଜ ଦାର୍ଶନିକ ଚିନ୍ତାଧାରାକୁ ଆଲୋକପାତ କରି ଦାର୍ଶନିକ ତଥା ବସ୍ତୁ, ଭାଷା ବିନିମୟରେ ଅତି ସରଳତାର ସହିତ ତାଙ୍କ ଭାବନାକୁ ବ୍ୟକ୍ତ କରିଥିଲେ। ଏହି ନିମନ୍ତ୍ରିତ ସଭାରେ ବିଶେଷ ଅତିଥି ଭାବେ ଗଣେଶ ପ୍ରସାଦ ଦାସ ଯୋଗଦେଇ ଦାର୍ଶନିକ ରୁଡୋଲ୍ଫ କର୍ଣ୍ଣାପଙ୍କ ଦାର୍ଶନିକ ଦୃଷ୍ଟି ଭଙ୍ଗୀକୁ ଅତି ସୁନ୍ଦର୍ ଭାବେ ଆଲୋଚନା କରିଥିଲେ। ଏହି ବକ୍ତୃତାରେ ଅନେକ ଶ୍ରୋତା ଯଥା ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଗବେଷଣା ବିଦ୍ୱାନ ଓ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ। ଏହି ବକ୍ତୃତା ସଭାରେ ବିଭାଗୀୟ ମୁଖ୍ୟ ଡକ୍ଟର ନନ୍ଦିନୀ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଡକ୍ଟର ସରୋଜ କାନ୍ତ କର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହାୟତା

**ରାଜନଗର, ୧୬।୨ (ସଂଚାର ବ୍ୟୁରୋ):** ଆଜି ରାଜନଗର ବ୍ଲକର ଅଗ୍ରଣୀ ସେଚ୍ଛାସେବୀ ଅନୁଷ୍ଠାନ ଓଡିଶା ସାଇନ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଏକ ସାମାଜିକ ସେବକାର୍ଯ୍ୟ ରାଜନଗର ବ୍ଲକ ବନ୍ଧପାଡ଼ ଗ୍ରାମ ପଞ୍ଚାୟତର ମଧପଡା ଗ୍ରାମର କରାଯାଇଛି। ମଧପଡା ଗ୍ରାମର ଦିବ୍ୟାଙ୍ଗ ନରହରି ରାଉତ (୫୮ବର୍ଷ) ଅତ୍ୟନ୍ତ ଅଭାବୀ ବ୍ୟକ୍ତି। ଦିବ୍ୟାଙ୍ଗ ଭତ୍ତାକୁ ସାହାରା କରି ପରିବାର ଚଳନ୍ତି। କିଛି ଦିନ ପୂର୍ବରୁ ଏକ ଷଣ୍ଢ ଆକ୍ରମଣ କରିବାରୁ ଛାତି ଓ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। କଟକ ବଡ଼ ମେଡିକାଲରୁ ଚିକିତ୍ସା ଯାଇଥିଲେ, ସେ ବର୍ତ୍ତମାନ ବିଛାଣାରେ। ଉଚ୍ଚ ଚିକିତ୍ସା ପାଇଁ ତାଙ୍କୁ ହାତ ବଢ଼ାଇଛି ଓଡିଶା ସାଇନ ଫାଉଣ୍ଡେସନ ଟ୍ରଷ୍ଟ। ଅନୁଷ୍ଠାନ ତରଫରୁ ତାଙ୍କୁ ୫୦୦୦ ଟଙ୍କାର ସାହାଯ୍ୟ ପ୍ରଦାନ କରଯାଇଛି। ଅନୁଷ୍ଠାନର ନିହାର ରଂଜନ ବିଶ୍ୱାଳ, ବାସୁଦେବ ମଲ୍ଲିକ, ସୁଶାନ୍ତ କୁମାର ସାହୁ, ତପନ ମହାନ୍ତି ଓ ପ୍ରତାପ ନାୟକ ତାଙ୍କ ଘରେ ପହଞ୍ଚି ଆର୍ଥକ ସହାୟତ ପ୍ରଦାନ କରିଥିଲେ






## ଚଉକି ଛାଡୁ ନାହାନ୍ତି ଲୋକସମ୍ପର୍କ ବାବୁ




ଲୋକସମ୍ପର୍କ ବାବୁ ଜଣଙ୍କ ଚଉକି ଛାଡିବାକୁ ନାରାଜ। ସାତ ବର୍ଷ ହେଲା ଗୋଟିଏ ଚଉକିରେ। ଏହି ଚଉକିଟି ପ୍ରତି ବାବୁଙ୍କର ଏତେ ଲୋଭ ଯେ ଯୁଆଡକୁ ବଦଳି ହେଲେ ବି ତାକୁ ଲାଗିପାଡି ଟାଳି ଦେଉଛନ୍ତି। କମିଶନରେଟ ପୁଲିସ୍ ଦପ୍ତର ପାଖ ଚା' ଦୋକାନରେ ଆଲୋଚନାବେଳେ କଥାଟି କାନରେ ପଡିବାରୁ ଆମେ ଘଟଣା ସଂକ୍ରାନ୍ତରେ ଜଣକୁ ପଚାରିଦେଲୁ। ବାବୁ ଜଣଙ୍କ ଗୋଟିଏ କାଗଜ ଶିଳ୍ପ ସହିତ ଜଡିତ। ନିଜର ଦୁଃଖ ବଖାଣି କହିଲେ ଏହି ସାତବର୍ଷିଆ ବାବୁଙ୍କ ପାଇଁ ଏବେ ଭିତରକୁ ଯିବାକୁ ଡର ଲାଗୁଛି। ଦେଖିଲାମାତ୍ରେ ସିଧା ପକେଟ ଉପରେ ନଜର କରୁଛନ୍ତି। ମାଲ ନଛାଡିଲା ପର୍ଯ୍ୟନ୍ତ ଫାଇଲରେ ହାତ ମାରୁନାହାନ୍ତି। ତାଙ୍କ ନଜରରୁ ବର୍ତ୍ତିବା ବି ସହଜ ନୁହେଁ। ପ୍ରତିଦିନ ଘରକୁ ଯିବାବେଳକୁ ତାଙ୍କ ପକେଟ ଗରମ ହେବା ଦରକାର। ସେହି ଗରମ ପାଇଁ ଅନେକଙ୍କ ପକେଟ ଥଣ୍ଡା ହୋଇଯାଉଛି। ବଡ ବଡ ମାଲିକମାନଙ୍କୁ ସିନା ବାଧୁନାହିଁ, ହେଲେ ଆମ ଅବସ୍ଥା ବାରଣ୍ଡା ଦିକଡା ହେଲାଣି। ବାବୁ ଏବେ ଦପ୍ତରରେ କିଛି ଲୋକଙ୍କ ପାଇଁ ଶୁଭ ହୋଇଥିବାବେଳେ ଆଉ କିଛିଙ୍କ ପାଇଁ ପୂରା ଅଶୁଭ ପାଲଟିଛନ୍ତି। ତେଣୁ କେବେ ଦପ୍ତରର ମାଲିକ ସ୍ୱୟଂ ମୁଖ୍ୟମନ୍ତ୍ରୀ ହାବୁଡେ ପଡିବେ ଓ ତାଙ୍କୁ ଏହି ଚଉକି ଦଖଲକାରୀଙ୍କ ବିଷୟରେ କହିବେ ସେଥିପାଇଁ କିଛି କାଗଜ ବାବୁ ଏବେ ଯୋଜନା ପ୍ରସ୍ତୁତରେ ଲାଗି ପଡିଛନ୍ତି।

## ସାନ ପୁଅ ଏବେ କରିବେ କଣ ?



ନିଲମ୍ବନ ଉଠିବା ଖବର ପାଇବାପରେ ବଡ ପୁଅକୁ ସାଙ୍ଗରେ ଧରି ସୁର ଭାଇ କଂଗ୍ରେସ ଭବନରେ ହାଜର। ନିଡିଆ ବାଡେଇ ମୁଣ୍ଡିଆ ମାରି କଂଗ୍ରେସ ଭବନରେ ପଶି ଢେର କନ୍ଦାକଟା କରିଛନ୍ତି। କରିବା ବା ସ୍ୱାଭାବିକ। ୪୪ ବର୍ଷ ନିରବଚ୍ଛିନ୍ନ ଭାବେ ଦଳରେ ରହିବାପରେ ସସପେଣ୍ଡ ହୋଇଥିଲେ। ତେବେ ସସପେଣ୍ଡ ସମୟରେ ବିଜେଡିରେ ଥିବା ସାନପୁଅ ପାଇଁ ପ୍ରଚାର କରିବାକୁ ଯାଇଥିଲେ। ହେଲେ ସବୁବେଳେ ନିଜେ କଂଗ୍ରେସର ବୋଲି କହୁଥିଲେ। ବଡ ପୁଅ କଂଗ୍ରେସରେ ଥିଲେ। ଦୁଇ ପୁଅଙ୍କ ପାଇଁ ସୁର ଏକ ପ୍ରକାର ଦି ଫାଳ ହୋଇଯାଇଥିଲେ। ଏବେ ବଡ ପୁଅକୁ ଧରି ସୁର କଂଗ୍ରେସ ଭବନରେ ହାଜର ହେବାପରେ ସାନ କ'ଣ କରିବ ତାହାକୁ ନେଇ ଆଲୋଚନା। ପାଇଲଟରୁ ବିଫଳ ରାଜନେତା ପାଲଟିଥିବା ମନ୍ମଥ ଅଳ୍ପଦିନ ତଳେ ବଡ ଭାଇଙ୍କୁ ଗଣମାଧ୍ୟମ ଆଗରେ ବହେ ଗାଳି ଦେଇଥିଲେ। ବଡ ଭାଇ ଏବେ ବାପାଙ୍କ ସାଙ୍ଗରେ ଆସି କଂଗ୍ରେସ ଭବନରେ ପହଞ୍ଚି ଥିବାବେଳେ ମନ୍ମଥ ଏକୁଟିଆ ହୋଇଯାଇଛନ୍ତି। ବିଜେଡିରେ ଅନେକଙ୍କୁ ଗାଳିମନ୍ଦ କରିଥିବାରୁ ସେଠାରେ ବି ସିଏ ଏକ ପ୍ରକାର ଏକଘରକିଆ। ତେଣୁ ପାଇଲଟ୍ ରାଜନୀତିରେ ରହିବେ ନା ପୁଣି ଆକାଶକୁ ଯିବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ପୁରୁଣା କମ୍ପାନୀ ପ୍ରେମରେ ଶକ୍ତିମାନ ବାବୁ



ଶକ୍ତି ଉତ୍ପାଦନକାରୀ ଗୋଟିଏ ସଂସ୍ଥାର ଶକ୍ତିମାନ ବାବୁ ପୁରୁଣା କମ୍ପାନୀ ପ୍ରେମରେ ପଡିଛନ୍ତି। ପ୍ରେମକୁ ଆଉଟିଏ ମଜବୁତ କରିବାପାଇଁ କମ୍ପାନୀ ସୌଜନ୍ୟରୁ ବାବୁ ବିଦେଶ ଗସ୍ତରେ ଅଛନ୍ତି। ବିଧାନସଭା ଅଧିବେଶନ ଚାଲିଥିବାବେଳେ ସରକାର ବି ବାବୁଙ୍କୁ ବିଦେଶ ଯିବାକୁ ଅନୁମତି ଦେଇଛନ୍ତି। ହେଲେ ବାବୁ ବିଦେଶ ଯିବାପରେ ଏବେ ତାଙ୍କର ପାଖଲୋକମାନେ ଖବରଟି ପଦାକୁ ଛାଡିଛନ୍ତି। ବାବୁ କୁଆଡେ ପ୍ରଥମେ ସେହି କମ୍ପାନୀରେ ଥିଲେ। କମ୍ପାନୀକୁ ଭଲ ଲାଭ ବି ଦେଲେ। କମ୍ପାନୀ ଓଡ଼ିଶା ସରକାରଙ୍କୁ ଚୂନା ଲଗାଇ ପଳାଇବାପରେ ଚାପ ପକାଇ ବାବୁଙ୍କୁ ଥଇଥାନ କରିଦେଲା। ସେବେଠାରୁ କମ୍ପାନୀ ସହିତ ବାବୁଙ୍କର ଗଭୀର ସମ୍ପର୍କ ରହିଛି। ପୂରା ହଟଲାଇନ୍ କାରବାର। ଏବେ ସେହି ସମ୍ପର୍କରୁ ବାବୁ ବିଦେଶ ଯାଇଛନ୍ତି। ହେଲେ ବାବୁଙ୍କ ବିଦେଶ ବୁଲାରୁ ଶକ୍ତି ସଂସ୍ଥା, ଶକ୍ତି ବିଭାଗ କିମ୍ବା ରାଜ୍ୟ ସରକାରଙ୍କୁ କି ଲାଭ ମିଳିବ ତାହାକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ କମ୍ପାନୀ କୁଆଡେ ବାବୁଙ୍କ ଜରିଆରେ ପୁଣି ଥରେ ଓଡ଼ିଶାରେ ପ୍ରବେଶ କରିବାରେ ବୋଲି ଆଲୋଚନା ହେଉଛି। ହେଲେ କମ୍ପାନୀ ଆସିଲେ ବାବୁ କୁଆଡେ ତାହାର ଆଜୀବନ ସଦସ୍ୟ ହୋଇଯିବେ ବୋଲି ବାବୁଙ୍କ ଦପ୍ତରର ସାନବାବୁମାନେ ଚର୍ଚ୍ଚା କରୁଛନ୍ତି।

## ପୁଲିସ୍ ବିଭାଗରେ ଗାଳି ମାସ



ପୁଲିସ୍ ବିଭାଗରେ ଏବେ ଗାଳି ମାସ ଚାଲିଛି। ବଡ ହାକିମ ମାନେ ସାନ ହାକିମଙ୍କୁ ଗାଳି ଦେଉଥିବାବେଳେ ସାନ ହାକିମମାନେ ତଳିଆ ବାବୁଙ୍କୁ ଗାଳି ଦେଉଛନ୍ତି। ଏହାର ପ୍ରଭାବ ଏବେ କିଛି ପୁଲିସ୍ ବାବୁଙ୍କ ଘରେ ଯାଇ ପହଞ୍ଚିଲାଣି। ଗାଳି ମାସ ଯଦି ଶୀଘ୍ର ନସରିବ ତେବେ ଅନେକ ଛୋଟ ବାବୁଙ୍କ ଘର ଭାଙ୍ଗିଯିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଗାଳି ମାସରେ ପୀଡିତ କିଛି ପୁଲିସ୍ ବାବୁଙ୍କ ଆଲୋଚନା ଅନୁଯାୟୀ ନିକଟରେ ବଡ ପୁଲିସ୍ ବାବୁମାନେ ରାଇଜ ମୁଖିଆଙ୍କ ଠାରୁ ଖାଇଥିବା ଭାଗବତ ଗାଳିକୁ ସହଜରେ ହଜମ କରିପାରୁ ନାହାନ୍ତି। ସେବେଠାରୁ ଯାହାକୁ ଦେଖୁଛନ୍ତି ଖାଲି ଫଁ ଫଁ ହେଉଛନ୍ତି। କାହାକୁ ଗାଳି ଦେବେ ସେହି ସୁଯୋଗରେ ରହୁଛନ୍ତି। ଏମିତି ବେଳକୁ ଖ୍ୟାତି ସମ୍ପନ୍ନ ଚୋରମାନେ ରାଜଧାନୀରେ ବଡ ବଡ ଲୋକଙ୍କ ଘରେ ହାତ ମାରିଦେଉଛନ୍ତି। ତାହାରି ସୁଯୋଗରେ ଏବେ ବଡ ହାକିମ ସାନ ହାକିମଙ୍କୁ ଡାକି ବହେ ଗାଳି ଦେଉଛନ୍ତି। ନିକଟରେ ଗୋଟିଏ ବୈଠକରେ ଉପର ହାକିମଙ୍କଠାରୁ ବହେ ଗାଳି ଖାଇଥିବା ଜଣେ ସର୍ବଭାରତୀୟ ବାବୁ ତଳିଆଙ୍କ ଉପରେ ରାଗ ଶୁଝାଉଛନ୍ତି। ଅନେକ ଖାକି ବାବୁ ଏବେ ଅଫିସରେ ଗାଳିଖାଇ ଘରେ ଯାଇ ସ୍ତ୍ରୀ ପିଲାଙ୍କ ଉପରେ ଶୁଝାଉଛନ୍ତି। ଜଣକ ଘରୁ ଖବରଟି ହ୍ୱାଟସ୍ ଜରିଆରେ ପଦାକୁ ଆସିବା ପରେ ଏ ଗାଳି ମାସ କେବେ ସରିବ ତାହାକୁ ନେଇ ଚର୍ଚ୍ଚା ଜୋରଦାର ଚାଲିଛି।

## ପଶ୍ଚିମ ପୋଷାକ ପ୍ରତିଯୋଗିତା



ବିଧାନସଭା ଅଧିବେଶନ ଚାଲିଥିବାବେଳେ ଏବେ ପଶ୍ଚିମଓଡ଼ିଶାରୁ ଅଧିକ ନେତା ଓ କର୍ମୀ ରାଜଧାନୀକୁ ଆସିବାରେ ଲାଗିଛନ୍ତି। ତେବେ ଏମାନଙ୍କ ଭିତରେ ଏବେ ସମ୍ବଲପୁରୀ ପୋଷାକ ପ୍ରତିଯୋଗିତା ଚାଲିଥିବା ଭଳି ଲକ୍ଷ୍ୟ କରାଯାଉଛି। ରଙ୍ଗ ବେରଙ୍ଗର ପୋଷାକଧାରୀଙ୍କୁ ଦେଖିଲେ ସେମାନେ ସହଜରେ ପଶ୍ଚିମଓଡ଼ିଶାର ବୋଲି ବାରିହୋଇ ଯାଉଛନ୍ତି। କିଛି ନେତାଙ୍କ ମଧରେ ଏଭଳି ପୋଷାକ ପାଇଁ ଏବେ ଏକ ପ୍ରକାର ପ୍ରତିଯୋଗିତା ଲାଗିଯାଇଛି। ନେତାମାନେ ସାଧାରଣତଃ ଧଳା ପୋଷାକ ପିନ୍ଧୁଥିବାବେଳେ ଏବେ ଏମାନେ ରଙ୍ଗ ବେରଙ୍ଗର ପୋଷାକ ପିନ୍ଧୁଛନ୍ତି। ଅନେକ ତ ପଶ୍ଚିମଓଡ଼ିଶାରୁ ଖାସ୍ ବରାଦ ଦେଇ ଏଭଳି ରଙ୍ଗୀନ ପୋଷାକ ଆଣିଛନ୍ତି ଯେ ତାହାକୁ ଦେଖିଲେ ଆଖି ଖୋସିହୋଇ ଯାଉଛି। ବିଧାନସଭା ବାହାରେ ଓ ବିଧାନସଭା ଭିତରେ ଏବେ ଏଭଳି ପୋଷାକୁ ନେଇ ଚର୍ଚ୍ଚା ଚାଲିଛି। ହେଲେ ପଶ୍ଚିମଓଡ଼ିଶାର ଜଣେ ବରିଷ୍ଠ ନେତା କିନ୍ତୁ ଏଭଳି ପୋଷାକକୁ ମୁହଁ ମୋଡି ସଫାରୀ ପ୍ରତି ବେଶୀ ଆଗ୍ରହ ହେଉଛନ୍ତି। ତେବେ ପଶ୍ଚିମା ପୋଷାକ ପ୍ରତିଯୋଗିତା ଦେଖି ଉପକୂଳର କିଛି ଟୋକା ବିଧାୟକ ଟାଣ ଖରାରେ ବି ହାଫ୍ ଜ୍ୟାକେଟ ପିନ୍ଧି ଆସୁଥିବା ଲକ୍ଷ୍ୟ କରାଯାଉଛି।

# ଶ୍ରୀମନ୍ଦିରରେ ଆଇପିଏଲ୍ ଟ୍ରଫି

## ମହାପ୍ରଭୁଙ୍କ ନିକଟରେ ହେଲା ପୂଜାର୍ଚ୍ଚନା



**ପୁରୀ,୧୬।୨(ସଂଚାର ବ୍ୟୁରୋ):** ଆସନ୍ତା ମାର୍ଚ୍ଚ ୨୨ ତାରିଖଠାରୁ ଆଇପିଏଲ୍ ଆରମ୍ଭ ହେଉଥିବା ବେଳେ ଆଜି ଟ୍ରଫି ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଆଇପିଏଲ୍ ଉଦ୍‌ଘାଟନ ପୂର୍ବରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆଇପିଏଲ ଟ୍ରଫିର ପୂଜାର୍ଚ୍ଚନା କରାଯାଇଛି। ଟ୍ରଫି ଟୁର୍ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରେ ଏହି ଟ୍ରଫି ପହଞ୍ଚୁଥିବା ବେଳେ ଏହି କ୍ରମରେ ଆଜି ମହାପ୍ରଭୁଙ୍କ ମନ୍ଦିର ନିକଟରେ ପହଞ୍ଚିଛି। ବିଶ୍ୱ କ୍ରିକେଟର ସବୁଠୁ ବିତ୍ତଶାଳୀ ଲିଗ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ପୂର୍ବରୁ ଆଇପିଏଲ ଟ୍ରଫିକୁ ଶ୍ରୀମନ୍ଦିର ଅଣାଯାଇ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ତିନି ଥରର ଚାମ୍ପିଅନ୍ କୋଲକତା ନାଇଟ ରାଇଡର୍ସ ଟିମର ସଦସ୍ୟମାନେ ଏହି ଟ୍ରଫିକୁ ଏଠାକୁ ଆଣି ପୂଜାର୍ଚ୍ଚନା କରିବା ସହ ନିଜେ ମଧ୍ୟ ଆଶୀର୍ବାଦ ନେଇଛନ୍ତି। ସେହିପରି ଏହି ଟ୍ରଫି ଦେଖିବା ସକାଶେ ବଡ଼ଦାଣ୍ଡରେ ପ୍ରବଳ କ୍ରିକେଟ୍‌ପ୍ରେମୀଙ୍କ ସମାଗମ ହୋଇଥିଲା। ତେବେ ଗତବର୍ଷ କୋଲକାତା ନାଇଟ ରାଇଡର୍ସ ଆଇପିଏଲ୍ ଟ୍ରଫି ହାତେଇଥିବା ବେଳେ ଚଳିତ ଆଇପିଏଲ ଟ୍ରଫି ପୁନର୍ବାର କିଭଳି ନିଜ କବଜାରେ ରଖିବ ସେନେଇ ସଦସ୍ୟମାନେ ଆଶାବାଦୀ ଅଛନ୍ତି। ଏ ଦିଗରେ ସେମାନେ ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ଆଇପିଏଲ୍ ଟ୍ରଫିକୁ ସିଂହଦ୍ୱାର ସମ୍ମୁଖରେ ରଖାଯାଇ ସେବାୟତଙ୍କ ଦ୍ୱାରା ପୂଜା କରାଯାଇଥିଲା।

ଆଇପିଏଲ୍ ଟ୍ରଫିକୁ ପୂଜା କରିଥିବା ଶ୍ରୀମନ୍ଦିର ସେବାୟତ ଚନ୍ଦ୍ରଶେଖର ଖୁଣ୍ଟିଆ କହିଛନ୍ତି ଯେ ଗତ ୨୦୨୪ ସଂସ୍କରଣରେ କେକେଆର ଟିମ୍ ଆଇପିଏଲରେ ଟ୍ରଫି ଜିତିଥିଲା। ଚଳିତ ବର୍ଷ ଏହି ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ମଧ୍ୟ ଦଳ ରହିଛି। ଏଣୁ କେକେଆର ଫ୍ରାଞ୍ଚାଇଜିର କେତେକ ସଦସ୍ୟ ଦେଶର ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ମନ୍ଦିରକୁ ଯାଇ ସେଠାରେ ଠାକୁରଙ୍କ ଆଶୀର୍ବାଦ ପାଇବା ସକାଶେ ଟ୍ରଫିକୁ ପୂଜା କରୁଛନ୍ତି। ଏହି କ୍ରମରେ ଆଜି ପୁରୀକୁ ଟ୍ରଫିକୁ ଅଣାଯାଇ ମହାପ୍ରଭୁଙ୍କ ନିକଟରେ ପୂଜା କରାଯାଇଛି ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି।

## 'ମୋ ସ୍କୁଲ୍' ଯୋଜନାରେ ମହାଦୁର୍ନୀତି

# ପ୍ରଧାନଶିକ୍ଷକଙ୍କ ତଞ୍ଚକତା, ଲୁଟିନେଲେ ଲକ୍ଷେ

**ବୌଦ୍ଧ,୧୬।୨(ସଂଚାର ବ୍ୟୁରୋ):** ମୋ ସ୍କୁଲ ଯୋଜନାରେ ଏବେ ଏକ ବଡ଼ ଧରଣର ଦୁର୍ନୀତି ସାମ୍ନାକୁ ଆସିଛି। ଏହି ଘୋଟାଲା ପଛର ମାଷ୍ଟରମାଇଣ୍ଡ ହେଉଛନ୍ତି ଜଣେ ପ୍ରଧାନଶିକ୍ଷକ। ଏଭଳି ଚିତ୍ର ସାମ୍ନାକୁ ଆସିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସଦର ମହକୁମା ଚାରିଛକସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ। ସ୍କୁଲର ପ୍ରଧାନଶିକ୍ଷକ ନିର୍ମଳ ରଣାଙ୍କ ନାଁରେ ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ୫ ହଜାର ଟଙ୍କାର ବ୍ୟାଙ୍କ ଡିପୋଜିଟର ସ୍ଲିପକୁ ତଞ୍ଚକତା କରି ପ୍ରଧାନଶିକ୍ଷକ ଜଣଙ୍କ ୫୦ ହଜାର ଟଙ୍କା ଦର୍ଶାଇ ୧ ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ବର୍ଷ ଫେବୃଆରୀ ୧୬ ତାରିଖରେ ଉକ୍ତ ଜମା ଖାତାରେ ଥରେ ୫ ହଜାର ଓ ଆଉ ଥରେ ୧୨ ହଜାର ଏହିଭଳି ମୋଟ ୧୭ ହଜାର ଟଙ୍କା ଜମା ହୋଇଥିଲା। କିନ୍ତୁ ଶ୍ରୀ ରଣା ୫ ହଜାର ଟଙ୍କାର ସ୍ଲିପକୁ ତଞ୍ଚକତା କରି ୫୦ ହଜାର ଟଙ୍କା ଦର୍ଶାଇ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ମୋ ସ୍କୁଲ ଯୋଜନାରେ ଏହାର ଦୁଇଗୁଣା ଅର୍ଥାତ ୧ ଲକ୍ଷ ଟଙ୍କାର ଅର୍ଥ ଅନୁମୋଦନ ପାଇଁ ପଠାଇଥିଲେ। ଜମାଖାତାକୁ ମୋ ସ୍କୁଲ ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କାର ଅନୁଦାନ ରାଶି ମଧ୍ୟ ଆସିଥିଲା। ହେଲେ ଏହି ଟଙ୍କାକୁ ଶ୍ରୀ ରଣା ସ୍କୁଲ ବ୍ୟାଙ୍କ ଜମାଖାତାରୁ ତାଙ୍କ ପତ୍ନୀ, ପୁଅ ଓ ସମ୍ପର୍କୀୟ ନାଁରେ ଚେକ ମାଧ୍ୟମରେ ୯ ଥରରେ ଉଠାଇନେଇଥିଲେ। ସେ କେବେ ୭ ହଜାର, ଆଉ କେବେ ୧୨ ହଜାର, ପୁଣି କେବେ ୨୫ ହଜାର ଓ ୪୪ ହଜାର ଟଙ୍କା ଉଠାଣ କରିଥିବା ଜଣାପଡ଼ିଛି। ଶ୍ରୀ ରଣାଙ୍କ ଏପରି କଳାକାରନାମା ପଦାରେ ପଡ଼ିବା ପରେ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି। କିନ୍ତୁ ଧରାପଡ଼ିଯିବା ଭୟରେ ଶ୍ରୀ ରଣା ଛୁଟିନେଇ ଛୁ' ମାରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରସାରଣ ପରେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

● ସହଦେବ ହତ୍ୟାକାଣ୍ଡ

## ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ



**ଭୁବନେଶ୍ୱର,୧୬।୨ (ସଂଚାର ବ୍ୟୁରୋ):** ରାଜଧାନୀରେ ଗତ ୮ ତାରିଖରେ ଘଟିଥିବା ବହୁଚର୍ଚ୍ଚିତ ସହଦେବ ନାୟକଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ରମା ନାୟକ ଆଜି ଥାନାରେ ଆତ୍ମସମର୍ପଣ କରିଛି। ଆତ୍ମସମର୍ପଣ ପରେ ପୁଲିସ ତାଙ୍କୁ ଗିରଫ କରିଛି। ଘଟଣା ଦିନ ସେ ସହଦେବଙ୍କୁ ବିଚ୍ ରାସ୍ତାରେ ଖଣ୍ଡାରେ ହାଣିଥିଲେ। ପରେ ରମା ମୁଖ୍ୟ ଅଭିଯୁକ୍ତ ବୋଲି ସହଦେବଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡ ପରଠାରୁ ରମା ଫେରାର ଥିଲା। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ତଥା ଘଟଣାର ମାଷ୍ଟରମାଇଣ୍ଡ୍ ଲିପିକା ନାୟକଙ୍କୁ ମଞ୍ଚେଶ୍ୱର ଥାନା ପୁଲିସ ଗିରଫ କରିସାରିଛି। ସ୍ୱାମୀ ଲକ୍ଷ୍ମୀଧର ନାୟକଙ୍କ ସହ ମିଶି ସେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଅଦ୍ୟାବଧି ଏହି ମାମଲାରେ ମୋଟ ୭ ଜଣ ଗିରଫ ହୋଇସାରିଛନ୍ତି।

● ୩୩ କେଭି ତାର ସଂସ୍ପର୍ଶରେ ଆସିଲା ଲେବଲ୍ ଷ୍ଟାଫ୍

## ଜଳିଗଲେ ଜଳସମ୍ପଦ କର୍ମଚାରୀ

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜନୈକ ଜଳସମ୍ପଦ କର୍ମଚାରୀ ଜଳିଯାଇଛନ୍ତି। ଏଥିରେ ତାଙ୍କ ଗୋଡ଼ଠାରୁ ଆରମ୍ଭ କରି ଅଣ୍ଟା ପର୍ଯ୍ୟନ୍ତ ଜଳିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧୀନସ୍ଥ ଚିତଳପୁରଠାରେ ଏପରି ଅଘଟଣର ଶିକାର ହୋଇଥିବା କର୍ମଚାରୀ ଜଣଙ୍କ ରବିନାରାୟଣ ନାୟକ ବୋଲି ଜଣାପଡ଼ିଛି। ଗୁରୁତର ଭାବେ ଆହତ ହେବା ପରେ ତାଙ୍କୁ ପ୍ରଥମେ ସ୍ଥାନୀୟ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସ୍ଥିତିରେ କୌଣସି ପ୍ରକାର ସୁଧାର ନ ଆସିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟୁତ୍ ତାର ନଦୀ ବନ୍ଧ ତଳେ ବେଶ୍ କମ୍ ଉଚ୍ଚତାରେ ଯାଇଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆହତ ରବିନାରାୟଣଙ୍କ ଘର ବଳଙ୍ଗା ନିକଟସ୍ଥ ରୂପଦେଇପୁର ଗ୍ରାମରେ ହୋଇଥିବା ବେଳେ ସେ ବଳଙ୍ଗା ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟରେ ଖଲାସୀ ଭାବେ କାର୍ଯ୍ୟ କରୁଛନ୍ତି। ମିଳିଥିବା ସୂଚନାନୁସାରେ ସେ ଗତକାଲି ଅପରାହ୍ଣରେ ଚିତଳପୁରଠାରେ ନଦୀବନ୍ଧର ଲେବଲ୍ ନେଉଥିଲେ। ତେବେ ଏହି ସମୟରେ ସେ ହାତରେ ଧରିଥିବା ଲେବଲ ଷ୍ଟାଣ୍ଡ୍‌ଟି ଅଚାନକ ସେହି ବାଟଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଏଥିରେ ରବିନାରାୟଣଙ୍କ ଶରୀରର ଅଧାରୁ ଅଧିକ ଅଂଶ ପୋଡ଼ିଯାଇଛି।

# ଖୋର୍ଦ୍ଧାର ଲେଡି ସିଙ୍ଘମ୍ ନିବେଦିତା

## ନାଁ ଶୁଣିଲେ ଲୁଚୁଛନ୍ତି ପଥର ମାଫିଆ

**ଖୋର୍ଦ୍ଧା,୧୬।୨(ସଂଚାର ବ୍ୟୁରୋ):** ଚୋରା ଖଣି ବେପାରୀଙ୍କ ସୁରକ୍ଷିତ ସ୍ଥାନ ଖୋର୍ଦ୍ଧା ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ ମୋରମ, ମାଙ୍କଡ଼ା, କଳା ମୁଗୁନି, ବାଲି ଆଦି ଜିଲ୍ଲା ପ୍ରଶାସନର ଛାତି ଉପରେ ରାତିରେ ହାଇୱା ଗାଡ଼ିରେ ବୁହା ହେଉଛି। ଚୋରା ଖଣିମାଫିଆ ସରକାରୀ ଜମି ଓ କାଜୁ ଜଙ୍ଗଲରୁ ମୋରମ ପଥର କାଟି ଅବାଧରେ ଚୋରା ଚାଲାଣ କରୁଛନ୍ତି। କିଛି ଦିନ ତଳେ କୁମାରବସ୍ତ ଗ୍ରାମରେ ବେଆଇନ ଖଣି ଉତ୍ତୋଳନ ନେଇ ଅଭିଯୋଗକାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହିପରି ଖୋର୍ଦ୍ଧା ସହର ଆଖପାଖ ଗାଁଗୁଡ଼ିକରେ ଥିବା ସରକାରୀ ଜମି, ଏପରିକି କେତେକ ସ୍ଥାନରେ ଖଣି ମାଫିଆମାନେ ଲୋକଙ୍କ ନିଜସ୍ୱ ଜମିରୁ ରାତାରାତି ମୋରମ ମାଙ୍କଡ଼ା କାଟି ଚାଲାଣ କରୁଥିବା ନଜିର ମଧ୍ୟ ରହିଛି। ଖଣିଜ ସମ୍ପଦ ଚୋରି ରୋକିବା ସମ୍ପର୍କରେ ଜିଲ୍ଲା ପ୍ରଶାସନ ନିକଟରେ ଅନେକ ଅଭିଯୋଗ ରହିଥିଲେ ମଧ୍ୟ ଅଦ୍ୟାବଧି ଏହି ଚୋରା ଚାଲାଣ ରୋକିବା ଦିଗରେ ପ୍ରଶାସନ ସଫଳ ହୋଇପାରିନାହିଁ। ଖୋର୍ଦ୍ଧା ତହସିଲଦାର ଭାବେ ଦାୟିତ୍ୱ ନେବା ପରେ ନିବେଦିତା ପରିଡ଼ାଙ୍କ



ନିର୍ଦ୍ଦେଶ କ୍ରମେ ଗତକାଲି ଅତିରିକ୍ତ ତହସିଲଦାର ଡି ଗୋପାଳ ରେଡ୍ଡୀ ଚୋରା ଚାଲାଣ ହେଉଥିବା ମାଙ୍କଡ଼ା ଓ ବାଲି ଗାଡ଼ି ଉପରେ ଚଢ଼ାଉ କରି ଗୁରୁଜଙ୍ଗ ନିକଟରୁ ୪ଟି ବାଲି ବୋଝେଇ ହାଇୱା ଜବତ କରି ଆଦର୍ଶ ଥାନାକୁ ହସ୍ତାନ୍ତର କରିଛନ୍ତି। ଉକ୍ତ ଜବତ ହାଇୱାଗୁଡ଼ିକର ନମ୍ବର ଓଡି୦୨ବିକେ ୯୫୯୬, ଓଡି୦୨ସିଆର୍ ୨୮୮୯, ଓଡି୦୨ବିୱାଇ ୯୫୮୬, ଓଡି୦୨ଡବ୍ଲ୍ୟୁ ୯୫୬୮ ବୋଲି ଜଣାପଡ଼ିଛି। ଚୋରା ଚାଲାଣ ରୋକିବା ସକାଶେ ଶ୍ରୀ ଆକ୍ସନ୍ ମୋଡ୍‌କୁ ଆସିଛନ୍ତି। ବିଶେଷକରି ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ପୂରା ଦମ୍‌ରେ ପଥର ମାଫିଆଙ୍କୁ ଦମନ କରିବା ଦିଗରେ ପଦକ୍ଷେପ ନେଉଛନ୍ତି ଶ୍ରୀ ରେଡ୍ଡୀ। ଏଥିସହ ବିଭିନ୍ନ ସ୍ଥାନରେ ହେଉଥିବା ଚୋରା ବାଲି, ମୋରମ, ମାଙ୍କଡ଼ା ପଥର ଉପରେ ମଧ୍ୟ ସେ ତୀକ୍ଷ୍ଣ ନଜର ରଖିଛନ୍ତି। ଆଗକୁ ଏହିପରି ଚଢ଼ାଉ ମଧ୍ୟ ଜାରି ରହିବ ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି। ଗତକାଲି ରାତିରେ ହୋଇଥିବା ଚଢ଼ାଉରେ ଖୋର୍ଦ୍ଧା ରାଜସ୍ୱ ଅଧିକାରୀଙ୍କ ସମେତ ତହସିଲ କର୍ମଚାରୀ ସହଯୋଗ କରିଥିଲେ। ପ୍ରଶାସନର ଏପରି ଚଢ଼ାଉ ପରେ ସ୍ଥାନୀୟ ଅଞ୍ଚଳରେ ନିବେଦିତାଙ୍କୁ ଲେଡି ସିଙ୍ଘମ୍ ବୋଲି କୁହାଯାଉଥିବା ବେଳେ ତାଙ୍କ ନାଁ ଶୁଣିଲେ ପଥର ମାଫିଆ ଲୁଚୁଥିବା ଚର୍ଚ୍ଚା ହେଉଛି।

# ଆନନ୍ଦପୁରରେ ବିଧାୟକଙ୍କ ଜନଶୁଣାଣି ଓ କୃତଜ୍ଞତା ସଭା

## ୩ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶିଳାନ୍ୟାସ

**ମାହାଙ୍ଗା,୧୬।୨(ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତରେ ଜନ ଶୁଣାଣି ଓ କୃତଜ୍ଞତା ସଭା ମହିଳା ନେତ୍ରୀ ଯାଜ୍ଞସେନୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ସମସ୍ତଙ୍କୁ ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଆବାସ ଯୋଜନା, ଭତ୍ତା, ରେସନ୍ କାର୍ଡ, ଶିକ୍ଷାର ବିକାଶ, ଆଦି ସୁବିଧା ଯୋଗାଇଦେବା ପାଇଁ ବିଧାୟକ ସଂକଳ୍ପ ନେଇଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ମଧୁପୁର ପଞ୍ଚାୟତରେ ମଧୁପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସାହାପୁର ପଞ୍ଚାୟତରେ ସାହାପୁର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଆନନ୍ଦପୁର ପଞ୍ଚାୟତରେ ଆନନ୍ଦପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଶିଳାନ୍ୟାସ ମଧ୍ୟ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥୀ, ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ଅଜୟ ନାୟକ, ପ୍ରଭାତ କୁମାର ନାୟକ, ୪୦ ନମ୍ବର ଜୋନ ସଭାନେତ୍ରୀ ସଂଯୁକ୍ତା ନାୟକ, ମଣ୍ଡଳ ସଭାପତି ଅରୁଣ କୁମାର ସେଠୀ, ମନୋରଞ୍ଜନ ବିଶ୍ୱାଳ,



ରଶ୍ମୀକାନ୍ତ ସ୍ୱାଇଁ, ଅମରେନ୍ଦ୍ର ସିଂ, ସୁରେଶ କୁମାର ବଳ, ପୂର୍ବତନ ସରପଞ୍ଚ ଅଭିନ୍ନ ଜେନା, ସମିତି ସଭ୍ୟ ସୁରେନ୍ଦ୍ର କୁମାର ମହାନ୍ତି, ସଭାପତି ମନୋଜ କୁମାର ନାଥ ପ୍ରମୁଖଙ୍କ ସହ ବହୁ କର୍ମୀ ଯୋଗ ଦେଇଥିଲେ। ଆସନ୍ତା ଏପ୍ରିଲରେ ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ମଧ୍ୟ ବିଧାୟକ ଶ୍ରୀ ପ୍ରଧାନ ଘୋଷଣା କରିଛନ୍ତି। ଶେଷରେ ପଞ୍ଚାୟତ ସଭାପତି କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଛନ୍ତି।

# ମହାକୁମ୍ଭରେ ସପରିବାର ବୁଡ଼ ପକାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

● 'ମହାକୁମ୍ଭ' ସନାତନ ସଭ୍ୟତା, ଶାଶ୍ୱତ ପରମ୍ପରାର ଜୀବନ୍ତ ପ୍ରତୀକ

● ୧୪୪ ବର୍ଷ ପରେ ମହାକୁମ୍ଭ ସମସ୍ତଙ୍କୁ ଦିବ୍ୟ ଅନୁଭୂତି ଦେଇଛି

**ପ୍ରୟାଗରାଜ,୧୬।୨(ସଂଚାର ବ୍ୟୁରୋ):** ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମ ଶାଶ୍ୱତ ପରମ୍ପରାର ଜୀବନ୍ତତାର ପ୍ରତୀକ ବୋଲି ରବିବାର ପ୍ରୟାଗରାଜଠାରେ ତ୍ରିବେଣୀ ସଙ୍ଗମରେ ସପରିବାର ବୁଡ଼ ପକେଇବା ସହ ସ୍ନାନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମା' ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ତ୍ରିବେଣୀ ସଙ୍ଗମରେ ବୁଡ଼ ପକେଇବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦୀର୍ଘ ୧୪୪ ବର୍ଷ ପରେ ମହାକୁମ୍ଭର ଅଲୌକିକ ସଙ୍ଗମର ଅବସର ଉପନୀତ ହୋଇଛି। ଏହି ସଙ୍ଗମରେ ପୂଜ୍ୟ ସାଧୁସନ୍ଥ ଓ ଭକ୍ତମାନେ ଏକାଠି ହୋଇଛନ୍ତି। ଏହା ହେଉଛି ଧର୍ମ ଓ ବିଶ୍ୱାସର ସବୁଠାରୁ ମହାନ ପର୍ବ। ଏହିଭଳି ଦିବ୍ୟ ଅବସରରେ ଏକତାର ମହାପର୍ବ 'ମହାକୁମ୍ଭ'ରେ ସପରିବାର ସ୍ନାନ କରିବା ମୋ ପାଇଁ ଦିବ୍ୟ ଅନୁଭୂତି ଓ ପରିବାର ପାଇଁ ସୌଭାଗ୍ୟର ବିଷୟ। ମହାକୁମ୍ଭ କେବଳ ଏକ ପର୍ବ ନୁହେଁ ବରଂ ଏହା ଭାରତର ହଜାର ହଜାର ବର୍ଷ ପୁରୁଣା ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଚେତନାର ଜୀବନ୍ତ ଜ୍ୟୋତି। ଏହି ଦିବ୍ୟ ଅବସରରେ ସମଗ୍ର ବିଶ୍ୱ ସନାତନ ସଂସ୍କୃତିର ଭବ୍ୟତା, ଶ୍ରଦ୍ଧା ଓ ଭକ୍ତିରେ ମୁଁ ଅଲୌକିକ ଶକ୍ତିକୁ ଅନୁଭବ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ କହିବା ସହ ମା' ଗଙ୍ଗାଙ୍କ ପାଖରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ମହାକୁମ୍ଭ ମେଳା ସୁବ୍ୟବସ୍ଥିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତ୍ତରପ୍ରଦେଶ ସରକାରଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି।



## ଜିମ୍ ଟ୍ରେନର୍‌ଙ୍କୁ ହତ୍ୟା ଉଦ୍ୟମ ମାମଲା

# ଘଟଣାସ୍ଥଳରୁ ଖୋକା ଜବତ, ୭ ସନ୍ଦିଗ୍ଧ ଅଟକ

**ରାଉରକେଲା,୧୬।୨(ସଂଚାର ବ୍ୟୁରୋ):** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ 'ସି' ସେକ୍ଟର ଅଞ୍ଚଳରେ ଜିମ୍ ଟ୍ରେନର୍ ଶ୍ୟାମଲ ସରକାରଙ୍କ ଉପରେ ଗତ ଶୁକ୍ରବାର ଆକ୍ରମଣ ହୋଇଥିଲା। ତାଙ୍କୁ ଜୀବନରୁ ମାରି ଦେବା ଉଦ୍ଦେଶ୍ୟରେ କେତେକ ଯୁବକ ଦୁଇ ରାଉଣ୍ଡ ଗୁଳି ଚଳାଇବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ମଧ୍ୟ କରିଥିଲେ। ଫଳରେ ଶ୍ୟାମଲଙ୍କ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସମୟରେ ଗୋଟିଏ ଖୋକା ଜବତ କରିଛି। ଏହାଛଡ଼ା ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୁଲିସ୍ ୭ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ବନ୍ଧମୁଣ୍ଡା 'ଡି' ସେକ୍ଟରରେ ରହୁଥିବା ଶ୍ୟାମଲ 'ସି' ସେକ୍ଟରଠାରେ ଥିବା ଜିମ୍‌ରେ ପିଲାଙ୍କୁ ପ୍ରଶିକ୍ଷଣ ଦେଇ ରାତି ପ୍ରାୟ ୭ଟା ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ହଠାତ ସେଠାରେ ପହଞ୍ଚି ଶ୍ୟାମଲଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। କିନ୍ତୁ ଗୁଳି ଲକ୍ଷ୍ୟଚ୍ୟୁତ ହେବା ପରେ ଶ୍ୟାମଲ ବଞ୍ଚିଯାଇଥିଲେ। କିନ୍ତୁ ଉକ୍ତ ଦୁର୍ବୃତ୍ତମାନେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ମରଣାତ୍ମକ ଆକ୍ରମଣ କରିବା ସହ ସେଠାରୁ ଚମ୍ପଟ୍ ମାରିଥିଲେ। ତେବେ ଶ୍ୟାମଲଙ୍କୁ କେଉଁ କାରଣ ନେଇ ଆକ୍ରମଣ କରାଯାଇଛି, ତାହା ଜାଣିବା ସକାଶେ ପୁଲିସ୍ ତନାଘନା ଚଳାଇଛି। ସନ୍ଦେହରେ ଅଟକ ଥିବା ୭ ଜଣଙ୍କଠାରୁ ସୂଚନା ହାସଲ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ନେଇ ପୁଲିସ୍ ଆଶାବାଦୀ ରହିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## କମିଲା ସୁନା ରେଟ୍


ସୁନାପ୍ରେମୀଙ୍କ ପାଇଁ ଖୁସି ଖବର। କମିଲା ସୁନାଦର। ଶୀଘ୍ର ଯାଇ ଆଜି କିଣି ନିଅନ୍ତୁ। ଗତକାଲି ଅପେକ୍ଷା ଆଜି ସୁନାଦରରେ ହୋଇଛି ବଡ଼ ପରିବର୍ତ୍ତନ। ଗତ କିଛି ଦିନ ହେଲା ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର । ଏହାକୁ ନେଇ ଚିନ୍ତାରେ ଗ୍ରାହକ। କିନ୍ତୁ ଆଜି ସୁନାଦର କମିଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୦୭୦ ଟଙ୍କା ହୋଇଛି । ଏହାସହ ୨୨ କ୍ୟାରେଟ ସୁନା ମୂଲ୍ୟ ୭୮ ହଜାର ୯୦୦ ଟଙ୍କା ଛୁଇଁଛି । ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୮ ହଜାର ୯୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ ସୁନାଦର ୮୬ ହଜାର ୦୭୦ ହୋଇଛି । ମୁମ୍ବାଇରେ ୨୨ କ୍ୟାରେଟ ଓ ୨୪ କ୍ୟାରେଟ ମୂଲ୍ୟ ୭୮,୯୦୦ ଟଙ୍କା ଓ ୮୬,୦୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୦୫୦ ଟଙ୍କା ଓ ୮୬, ୨୨୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୮,୯୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୦୭୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୮,୯୦୦ ଟଙ୍କା ଓ ୮୬,୦୭୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି ।

### ରାଜ୍ୟ କ୍ରେଡିଟ୍ ସେମିନାରରେ ଷ୍ଟେଟ୍ ଫୋକସ୍ ପେପର୍ ପ୍ରକାଶିତ

# ୨୦୨୫-୨୬ରେ ରାଜ୍ୟକୁ ମିଳିବ ୨.୫୨ ଲକ୍ଷ କୋଟି ଋଣ !

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ନାବାର୍ଡ ପକ୍ଷରୁ ଗତକାଲି ୨୦୨୫-୨୬ ବର୍ଷ ପାଇଁ ରାଜ୍ୟ କ୍ରେଡିଟ୍ ସେମିନାର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପାଇଁ ଷ୍ଟେଟ୍ ଫୋକସ୍ ପେପର୍ ପ୍ରକାଶ ପାଇଛି, ଯେଉଁଥିରେ ୨୦୨୫-୨୬ ବର୍ଷ ପାଇଁ ପ୍ରାଥମିକତା କ୍ଷେତ୍ରକୁ ସାମଗ୍ରିକ ଋଣ ସମ୍ଭାବନା ୨ ଲକ୍ଷ ୫୨ ହଜାର କୋଟି ଟଙ୍କା ରହିବ ବୋଲି ଦର୍ଶାଯାଇଛି। ଆଲୋଚନାଚକ୍ରକୁ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କମିଶନର ତଥା ଶାସନ ସଚିବ, ସମବାୟ ବିଭାଗ ରାଜେଶ ପ୍ରଭାକର ପାଟିଲ ଓ ଏସଏଲବିସିର ଆବାହକ ଗୌତମ ପାତ୍ର, ରାଜ୍ୟ ସରକାରଙ୍କ ବିଭାଗର ଅଧିକାରୀ, ଅଂଶୀଦାର, କୃଷକ ଓ ଏସ୍ଏଚଜି ସଦସ୍ୟ, ଓଡ଼ିଶାର ବିଭିନ୍ନ ଜିଲ୍ଲାର ନିୟନ୍ତ୍ରଣକାରୀ ବ୍ୟାଙ୍କ ମୁଖ୍ୟ, ହିତାଧିକାରୀ, କୃଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ ।

ବିଶେଷକରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ଗୁରୁତ୍ୱ ଦେଇ ପ୍ରାଥମିକତା କ୍ଷେତ୍ରକୁ ଋଣ ପ୍ରବାହ ବଢ଼ାଇବା ପାଇଁ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେକେ ମିଶ୍ର କହିବା ସହ ନାବାର୍ଡ ୨୦୨୫ -୨୬ ବର୍ଷ ପାଇଁ ୨ ଲକ୍ଷ ୫୨ ହଜାର କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଲକ୍ଷ୍ୟ ଧାର୍ଯ୍ୟ କରିଛି ବୋଲି ସେ ସୂଚନା ଦେଇଛନ୍ତି। ବ୍ୟବସାୟ ଓ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ଏକ ସୁଦୃଢ଼ ଇକୋସିଷ୍ଟମ ନିର୍ମାଣ ପାଇଁ ପ୍ୟାକ୍ସକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଗ୍ରାମୀଣ ଜନସାଧାରଣଙ୍କ ନିକଟରେ ଋଣ ପହଞ୍ଚାଇବା ଉପରେ ସେ ଆଲୋଚନା କରିବା ସହ ଗ୍ରାମୀଣ ଭିତ୍ତିଭୂମି ବିକାଶ, ଆଦିବାସୀ ବିକାଶ, ଜଳସେଚନ ବିକାଶ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ କ୍ଷୁଦ୍ର ଉଦ୍ୟୋଗ ବିକାଶ ଏବଂ ଗ୍ରାମୀଣ ଜୀବିକାର ଅଭିବୃଦ୍ଧି ଦିଗରେ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକଳାପ ଅଧୀନରେ ନାବାର୍ଡ ଓଡ଼ିଶା ରାଜ୍ୟ ପାଇଁ ସହଯୋଗ ବଢ଼ାଉଛି ବୋଲି କହିଛନ୍ତି।




ଆଲୋଚନାଚକ୍ରକୁ ଉଦଘାଟନ କରି ଉପମୁଖ୍ୟମନ୍ତ୍ରୀ ତଥା ମୁଖ୍ୟ ଅତିଥି କନକ ବର୍ଦ୍ଧନ ସିଂହଦେଓ ଋଣ ଯୋଜନା କାର୍ଯ୍ୟ ଠିକ୍ ସମୟରେ ଶେଷ କରିଥିବାରୁ ନାବାର୍ଡକୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶାରେ ଅଗ୍ରାଧିକାର କ୍ଷେତ୍ର ପାଇଁ ବ୍ୟାଙ୍କ ଋଣ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ସରକାର ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ସକ୍ରିୟ ଭାବେ ସହଯୋଗ କରୁଛନ୍ତି ଏବଂ ବ୍ୟାଙ୍କଗୁଡିକ ରାଜ୍ୟରେ ଘରୋଇ ପୁଞ୍ଜି ଗଠନ ପାଇଁ ଋଣ ପ୍ରବାହକୁ ଯଥେଷ୍ଟ ବୃଦ୍ଧି କରିବାର ସମୟ ଆସିଛି। କୃଷି କ୍ଷେତ୍ରରେ ପ୍ରଭାବଶାଳୀ ଅଭିବୃଦ୍ଧି ପାଇଁ ସରକାର ରାଜ୍ୟରେ ସକ୍ଷମ ଭିତ୍ତିଭୂମି ଓ ପୁଞ୍ଜିନିବେଶ ସୃଷ୍ଟି କରୁଛନ୍ତି, ଯେଉଁଥିରେ କୃଷକମାନଙ୍କୁ ଆର୍ଥିକ ଲାଭ ପାଇଁ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିବାକୁ ପଡ଼ିବ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ବିକାଶରେ ନାବାର୍ଡର ଭୂମିକା ଓ ଅନୁଦାନଭିତ୍ତିକ ଦକ୍ଷତା ଏବଂ ଉଦ୍ୟୋଗବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବତୀମାନଙ୍କୁ ଦକ୍ଷ କରିବାରେ ନିରନ୍ତର ସହାୟତାକୁ ସେ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେଉଛି ଏବଂ ବ୍ୟାଙ୍କଗୁଡ଼ିକୁ ଋଣର ଗୁଣବତ୍ତାରେ ଉନ୍ନତି ଆଣିବାକୁ ହେବ ବୋଲି କହିଛନ୍ତି। ଶ୍ରୀ ପାଟିଲ ଗ୍ରାମୀଣ ଭାରତର ଆଭ୍ୟନ୍ତରୀଣ ଅଞ୍ଚଳରେ ଏହାର ଟିଡିଏଫ, ୱାଡି ଏବଂ ଜେଏଲଜି ଆର୍ଥିକ ପ୍ରକଳ୍ପ ପାଇଁ ନାବାର୍ଡକୁ ପ୍ରଶଂସା କରିଛନ୍ତି। ବୈଠକରେ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ, କୃଷି ଉଦ୍ୟୋଗୀ, ସମବାୟସମିତିଏବଂ କୃଷକମାନଙ୍କୁ ଋଣ ସହାୟତା ପ୍ରଦାନ କରାଯାଇଥିବା ବେଳେ ନାବାର୍ଡର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ରିପୋର୍ଟ ଅତିଥିମାନେ ଉନ୍ମୋଚନ କରିଛନ୍ତି।




## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ । ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି । ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧ୍ୟମରେ ମଧ ଜାଣିପାରିବେ । ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ । ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ ।

## ଜିଓ ୟୁଜର୍ସଙ୍କୁ ବଡ଼ ଝଟ୍‌କା, ବଦଳିଗଲା ଦୁଇଟି ଶସ୍ତା ପ୍ଲାନ

**ନୂଆଦିଲ୍ଲୀ,୧୬।୨:** ରିଲାଏନ୍ସ ଜିଓ ଦୁଇଟି ଶସ୍ତା ରିଚାର୍ଜ ପ୍ଲାନର ବୈଧତା ପରିବର୍ତ୍ତନ କରି ପ୍ରିପେଡ ଉପଭୋକ୍ତାମାନଙ୍କୁ ପୁଣି ଥରେ ବଡ଼ ଝଟକା ଦେଇଛି। ଏହି ଜିଓ ପ୍ଲାନ୍ସଗୁଡ଼ିକର ମୂଲ୍ୟ ୬୯ ଏବଂ ୧୩୯ ଟଙ୍କା, ବୈଧତା ପରିବର୍ତ୍ତନ ପରେ ଏହା ଆପଣଙ୍କୁ ଲାଭ ହୋଇଛି କି କ୍ଷତି ହୋଇଛି ଆମେ ସୂଚନା ଦେବାକୁ ଯାଉଛୁ।




ରିଲାଏନ୍ସ ଜିଓ ରିଚାର୍ଜରେ ୬୯ ଟଙ୍କାର ପ୍ଲାନ ସହିତ, କମ୍ପାନୀ ୬ ଜିବି ହାଇ ସ୍ପିଡ ଡାଟା ପ୍ରଦାନ କରୁଛି। ପୂର୍ବରୁ ଏହି ପ୍ଲାନ ଆପଣଙ୍କୁ ଆପଣଙ୍କର ପୂର୍ବ ପ୍ଲାନ ପରି ସମାନ ବୈଧତା ଦେଉଥିଲା, କିନ୍ତୁ ଏବେ ଏହି ପ୍ଲାନ ସହିତ ଆପଣଙ୍କୁ କେବଳ ସାତ ଦିନର ବୈଧତା ମିଳିବ। ଏହି ରିଲାଏନ୍ସ ଜିଓର ୧୩୯ ଟଙ୍କାର ପ୍ଲାନରେ, ଆପଣଙ୍କୁ ୧୨ ଜିବି ହାଇ ସ୍ପିଡ ଡାଟାର ସୁବିଧା ମିଳିବ। ପୂର୍ବରୁ, ଏହି ପ୍ଲାନ ଆପଣଙ୍କ ମୂଳ ପ୍ଲାନର ବୈଧତା ସମାନ ଦିନ ପାଇଁ ସକ୍ରିୟ ରହୁଥିଲା, କିନ୍ତୁ ଏବେ ଏହି ପ୍ଲାନ ସହିତ, ଆପଣଙ୍କୁ ୬୯ ଟଙ୍କାର ପ୍ଲାନ ପରି କେବଳ ୭ ଦିନର ବୈଧତା ଦିଆଯିବ।

କିନ୍ତୁ ଏବେ ଆପଣଙ୍କ ମୁଖ୍ୟ ପ୍ଲାନର ବୈଧତା ୩୦ ଦିନ ହେଉ କି ୫୦ ଦିନ, ୬୯ ଟଙ୍କାର ପ୍ଲାନରେ ଆପଣଙ୍କୁ କେବଳ ୭ ଦିନର ବୈଧତା ଦିଆଯିବ, ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ଏହି ପରିବର୍ତ୍ତନ ଯୋଗୁଁ ଉପଭୋକ୍ତାମାନେ ଲାଭ ବଦଳରେ କ୍ଷତି ସହିଛନ୍ତି। ଧ୍ୟାନ ଦିଅନ୍ତୁ ଯେ ଏହି ୬୯ ଟଙ୍କା ଏବଂ ୧୩୯ ଟଙ୍କା ଡାଟା ପ୍ଲାନ କେବଳ ଦୁଇଟି ଥିଲା ଯାହା ଉପଭୋକ୍ତାଙ୍କ ମୂଳ ପ୍ଲାନ ପରି ସମାନ ବୈଧତା ପ୍ରଦାନ କରୁଥିଲା।

## କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୧୬।୨(ସଞ୍ଚାର ବ୍ୟୁରୋ) :** କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ପ୍ରତିଷ୍ଠା ଦିବସ ପାଳିତ । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ହୋମଯଜ୍ଞ ଓ ବେଦପାଠ କରାଯାଇଥିଲା । କିଟ୍ ଓ କିସ୍ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ହୋମଯଜ୍ଞରେ ପୂର୍ଣ୍ଣାହୁତି ଦେବା ସହ ଉପସ୍ଥିତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଟୋଲ ଟ୍ୟାକ୍ସ ମାଡ଼ରେ ଚେପା ସମ୍ବଲପୁର ଗାଡ଼ି ମାଲିକ

**ସମ୍ବଲପୁର,୧୬।୨(ସଞ୍ଚାର ବ୍ୟୁରୋ) :** ଟୋଲ ଟ୍ୟାକ୍ସ ମାଡ଼ରେ ଚେପା ସମ୍ବଲପୁର ସହର ବାସୀ। ସମ୍ବଲପୁର ସହରରୁ ଯେଉଁପଟେ ଗଲେ ପଡୁଛି ଟୋଲ ପ୍ଲାଜା। ସହରରୁ ୩୦ କିମି ଦୂରତାରେ ଚତୁଃପାର୍ଶ୍ୱରେ ଟୋଲ ପ୍ଲାଜା ପଡୁଥିବାରୁ ଏବେ ସାଧାରଣ ମଧ୍ୟବିତ୍ତ ଶ୍ରେଣୀର ଲୋକର ପକେଟ ଉପରେ ଏହାର ମାଡ଼ ପଡୁଛି । ସମ୍ବଲପୁରରୁ ଝାରସୁଗୁଡା, ସମ୍ବଲପୁରରୁ ଦେବଗଡ଼, ସମ୍ବଲପୁରରୁ କଟକ, ସମ୍ବଲପୁରରୁ ବରଗଡ଼ ଯେଉଁପଟେ ଗଲେ ଲୋକଙ୍କୁ ଟୋଲ ଟ୍ୟାକ୍ସ ଦେବାକୁ ପଡୁଛି ଯାହା ସାଧାରଣ ଲୋକଙ୍କ ପକେଟକୁ ବାଧୁଛି । ଏଥିପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ ଆଜି ସମ୍ବଲପୁର କଟକ ରାସ୍ତାର ହାତିବାରୀଠାରେ ନୂଆ ଟୋଲ ପ୍ଲାଜାରେ ସମ୍ବଲପୁର ସହର ତଥା ଜୁଜୁମୁରା ବ୍ଲକ୍‌ବାସୀଙ୍କୁ କେତେଟା କୋହଳ କରିବାକୁ ଦାବି କରି ଆଜି ସ୍ଥାନୀୟ ଲୋକେ ସମ୍ବଲପୁର ଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି । ଟୋଲ ପ୍ଲାଜା ଘେରରେ ସମ୍ବଲପୁର ସହର । ସହରର ଯେଉଁ ଦିଗକୁ ବାହାରିଲେ ୩୦ କିମି ଯାଉ ଯାଉ ୧୦୦ ଟଙ୍କା ଟୋଲ ଟ୍ୟାକ୍ସ ଦେବାକୁ ପଡୁଛି । ସମ୍ବଲପୁର ସହରରୁ ଝାରସୁଗୁଡା ରାସ୍ତା ବିଜୁ ଏକ୍ସପ୍ରେସ ୱେରେ ୧୬ କିମି ଦୂରତାରେ ଶାସନ ଠାରେ ରହିଛି ଏକ ଟୋଲ ପ୍ଲାଜା। ଏହା ପରେ ସମ୍ବଲପୁର ସହର ରୁ ଦେବଗଡ଼ ରାସ୍ତା ୧୮ କିମି ଦୂରତାରେ ନୀଲଡୁଙ୍ଗରି ଠାରେ ରହିଛି ଆଉ ଏକ ଟୋଲ ପ୍ଲାଜା । ପୁଣି ସମ୍ବଲପୁର ରୁ କଟକ ରାସ୍ତାର ୨୧ କିମି ଦୂରତାରେ ହାତିବାରୀ ଠାରେ ରହିଛି ଆଉ ଏକ ଟୋଲ ପ୍ଲାଜା । ଅନ୍ୟପଟେ ସମ୍ବଲପୁରରୁ ବରଗଡ଼ ରାସ୍ତାର ୩୯କିମି ଦୂରତା ରେ ବାରହାଗୁଡାଠାରେ ରହିଛି ଆଉ ଏକ ଟୋଲ ପ୍ଲାଜା। ମାନେ ଚାରି ଦିଗ ଯେଉଁପଟେ ପ୍ରାଇଭେଟ କାରରେ ଗଲେ ଦେବାକୁ ପଡୁଛି ଟୋଲ ଟ୍ୟାକ୍ସ । ଯିବା ଆସିବା ବାବଦକୁ ପାଖାପାଖି ୨୦୦ ଟଙ୍କା ପଡୁଛି । ଆଉ କମରସିଆଲ ଗାଡି ପାଇଁ ଅଧିକ ଟଙ୍କା ଦେବାକୁ ପଡୁଛି । ଏଭଳି ସ୍ଥିତି ରେ ଆଜି ସମ୍ବଲପୁର ଜୁଜୁମୁରା ଅଞ୍ଚଳର ଏନ.ଏଚ-୫୫ ସଂଗ୍ରାମ ସମିତିର ସଦସ୍ୟ ମାନେ ସ୍ଥାନୀୟ ଲୋକଙ୍କ ସହ ସମ୍ବଲପୁର ଜିଲ୍ଲାପାଳଙ୍କୁ ଭେଟି ହାତିବାରୀ ଟୋଲ ପ୍ଲାଜାରେ ସ୍ଥାନୀୟ ଗାଡି ମାନଙ୍କ ପ୍ରତି ଟୋଲ ଟ୍ୟାକ୍ସରେ କିପରି କୋହଳ ହୋଇ ପାରିବ ସେନେଇ ପଦକ୍ଷେପ ନେବାକୁ ଦାବି ପତ୍ର ଦେଇଛନ୍ତି ।

## ୬ ବର୍ଷରେ ୨ ଲକ୍ଷ କୋଟି ଟପିବ ଋଣ ଭାର !

**ଭୁବନେଶ୍ୱର,୧୬।୨:** ଓଡ଼ିଶାର ଋଣ ବୋଝ ଯେଭଳି ବଢ଼ି ବଢ଼ି ଚାଲିଛି ସେହି ଧାରା ଅବ୍ୟାହତ ରହିଲେ ଆସନ୍ତା ୬ ବର୍ଷ ଭିତରେ ରାଜ୍ୟର ଋଣ ଭାର ୨ ଲକ୍ଷ କୋଟି ଟଙ୍କାକୁ ଟପିଯାଇପାରେ ବୋଲି ଅର୍ଥନୀତି ବିଶାରଦମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାର ଋଣବୋଝ ୧,୨୫,୫୫୦ କୋଟି ଟଙ୍କା ହୋଇପାରେ ବୋଲି ସରକାର ନିଜେ ଆକଳନ କରିଛନ୍ତି। ଏହା ମଧ୍ୟରେ ଆଭ୍ୟନ୍ତରୀଣ ଓ ବୈଦେଶିକ ଋଣ ଅର୍ନ୍ତଭୁକ୍ତ। ୨୦୨୪ ଜୁଲାଇ ସୁଦ୍ଧା ଓଡ଼ିଶାର ଋଣବୋଝ ୯୬,୩୧୦ କୋଟି ଟଙ୍କା ଥିଲା । ଏଥି ମଧ୍ୟରୁ ଭାରତ ସରକାରଙ୍କ ଠାରୁ ଓଡ଼ିଶା ସରକାରଙ୍କ ଋଣ ପରିମାଣ ୨୧,୮୦୮ କୋଟି ଟଙ୍କା ଥିବାବେଳେ ଜିପିଏଫ୍‌ରୁ ୨୩,୫୧୭ କୋଟି, ନାବାର୍ଡରୁ ୧୯,୨୯୮ କୋଟି, ଖୋଲା ବଜାରରୁ ୧୬,୪୦୧ କୋଟି ଟଙ୍କା ଋଣ ଉଠାଯାଇଛି । ଏହାଛଡା ଜାତୀୟ ସ୍ୱଳ୍ପ ସଞ୍ଚୟ ଯୋଜନାରୁ ଓଡ଼ିଶା ସରକାର ୪୭୬୦ କୋଟି ଟଙ୍କାରୁ ଅଧିକ ଋଣ ନେଇଥିବାବେଳେ ଓମ୍ବାଡସି, କାମ୍ପା ଆଦିରୁ ୧୦,୫୦୦ କୋଟି ଟଙ୍କାରୁ ଅଧିକ ଋଣ ଉଠାଇଛନ୍ତି।



ସରକାରୀ ତଥ୍ୟ ମୁତାବକ, ୧୯୯୫-୯୬ ବର୍ଷ ଶେଷ ବେଳକୁ ଓଡ଼ିଶା ସରକାରଙ୍କ ଋଣ ପରିମାଣ ୯୨୧୮ କୋଟି ଟଙ୍କା ଥିବାବେଳେ ୨୦୦୦-୦୧ ବେଳକୁ ତାହା ୨୧,୦୦୧ କୋଟି ଟଙ୍କାରେ ପହଞ୍ଚିଥିଲା। ଏହା ବଢ଼ି ବଢ଼ି ୨୦୧୦-୧୧ ବେଳକୁ ୩୯,୧୩୬ କୋଟି ଟଙ୍କା ହୋଇଥିଲା। ୨୦୧୭-୧୮ରେ ଓଡ଼ିଶାର ଋଣଭାର ୭୩,୮୬୪ କୋଟି ଟଙ୍କା ରେକର୍ଡ କରାଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧ ଲକ୍ଷ ୨୫ ହଜାର କୋଟି ଟଙ୍କାକୁ ଟପିବାକୁ ଯାଉଛି। ମୋଟାମୋଟି ଭାବେ ୨୦୦୦ରୁ ଏଯାବତ୍ ୨୫ ବର୍ଷ ଭିତରେ ରାଜ୍ୟର ଋଣବୋଝ ଅନ୍ୟୂନ ୭ ଗୁଣ ବଢ଼ିଛି। ଏବେ ରାଜ୍ୟ ସରକାରଙ୍କ ଆୟର ଅନ୍ୟତମ ଉତ୍ସ ଋଣ ହୋଇଥିବାବେଳେ ବ୍ୟୟବରାଦ ଅଟକଳରେ ବି ଋଣ ଓ ସୁଧ ପରିଶୋଧକୁ ପ୍ରାଧାନ୍ୟ ଦିଆଯାଉଛି। ତେବେ ବିତ୍ତୀୟ ପରିଚାଳନା ପାଇଁ ରାଜ୍ୟ ସରକାର ଯେଉଁ ଆଇନ୍‌ଗତ ବ୍ୟବସ୍ଥା ରଖିଛନ୍ତି, ତଦନୁଯାୟୀ ଋଣର ପରିମାଣ ମୋଟ ଘରୋଇ ଉତ୍ପାଦ (ଜିଡ଼ିପି)ର ୨୫ ପ୍ରତିଶତ ଭିତରେ ରହିବା କଥା। ଅବଶ୍ୟ ଏଯାବତ୍ ରାଜ୍ୟ ସରକାର ଏହି ସୀମା ଭିତରେ ରହିଛନ୍ତି। ତେବେ କେନ୍ଦ୍ର ସରକାର ଏ କ୍ଷେତ୍ରରେ ଜିଡିପିର ଢେର ଅଧିକ ପରିମାଣର ଋଣ ଉଠାଉଛନ୍ତି। ଓଡ଼ିଶାର ବଜେଟ୍ ୨୦୨୪-୨୫ ବର୍ଷ ପାଇଁ ପ୍ରାୟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ଥିବାବେଳେ ଏହି ବର୍ଷ ଶେଷ ସୁଦ୍ଧା ଋଣ ପରିମାଣ ୧,୨୫,୫୫୦ କୋଟି ଟଙ୍କା ରହିବ ବୋଲି ବଜେଟ୍ ଅଟକଳରେ କୁହାଯାଇଥିଲା। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ବଜେଟ୍‌ର ପରିମାଣ ୫୦ ଲକ୍ଷ ୬୫ ହଜାର କୋଟି ଟଙ୍କା ହୋଇଥିବାବେଳେ ଋଣବୋଝ କିନ୍ତୁ ପ୍ରାୟ ୨୦୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା।

ଅର୍ଥନୀତି ଓ ଯୋଜନା ବିଶାରଦମାନେ କହୁଛନ୍ତି ଯେ ରାଜନୈତିକ ଦଳଗୁଡ଼ିକ ଭିତରେ ଲୋକଙ୍କୁ ମାଗଣା ଅର୍ଥ ଓ ସାମଗ୍ରୀ ବାଣ୍ଟିବା ପାଇଁ ଯେଉଁ ପ୍ରତିଯୋଗିତା ଚାଲୁଛି, ସେଥିଯୋଗୁଁ ରାଜକୋଷ ଉପରେ ଚାପ ବଢୁଥିବାରୁ ବିଭିନ୍ନ କିସମ ଟିକସ ବଢୁଛି। ଏହାଛଡା ସରକାରୀ କର୍ମଚାରୀମାନଙ୍କ ପେନ୍‌ସନ ଓ ଭତ୍ତା ସହ ରାଜନେତା ଓ ଅଧିକାରୀମାନଙ୍କ ବ୍ୟୟବହୁଳ ପ୍ରୋଟୋକଲ ପାଇଁ ବି ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡୁଛି। ଏହାଛଡ଼ା ରାଜ୍ୟର ଆବଶ୍ୟକତା ମେଣ୍ଟାଇବା ପାଇଁ ବଜେଟ୍‌ରେ ଯେଉଁ ବ୍ୟବସ୍ଥା ରହିଛି, ତାହା ନିଅଣ୍ଟ ପଡୁଥିବାରୁ ସରକାରଙ୍କୁ ଅଧିକରୁ ଅଧିକ ଋଣ ଉଠାଇବାକୁ ହେଉଛି। (ତଥ୍ୟ)

## ମାତ୍ର ୪୦ଟଙ୍କାରେ ମିଳିବ ୨ଲକ୍ଷ ଲାଭ

**ଭୁବନେଶ୍ୱର,୧୬।୨(ସଞ୍ଚାର ବ୍ୟୁରୋ) :** ସାଧାରଣ ଲୋକଙ୍କୁ ବିତ୍ତୀୟ ସୁରକ୍ଷା ପ୍ରଦାନ କରିବାକୁ ସରକାର ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି । କିନ୍ତୁ ଆମେ ଆପଣଙ୍କୁ ଏମିତି ଗୋଟିଏ ସ୍କିମ ବିଷୟରେ କହିବାକୁ ଯାଉଛୁ ଯେଉଁଥିରେ ମାତ୍ର ୪୦ଟଙ୍କା ନିବେଶ କଲେ ୨ଲକ୍ଷ ଟଙ୍କା ଲାଭ ମିଳିବ। ଏହି ଯୋଜନାରେ ପରିବାର ସଦସ୍ୟ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ପାଇ ପାରିବେ । ଏହି ଯୋଜନାରେ ସାମିଲ ହେବାକୁ ଜଣେ ବ୍ୟକ୍ତିଙ୍କ ବୟସ ୧୮ରୁ ୫୦ ବର୍ଷ ହେବା ଆବଶ୍ୟକ । ଏଭଳି ବୟସ ବର୍ଗର ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇ ପାରିବେ । ଏଥିପାଇଁ ଜଣେ ବ୍ୟକ୍ତିଙ୍କୁ ମାସିକ ୪୩୬ ଟଙ୍କା ପ୍ରିମିୟମ ଦେବାକୁ ହେବ । ଯାହାଫଳରେ ପରବର୍ତ୍ତୀ ସମୟରେ ପରିବାର୍ଗଙ୍କୁ ଲାଭ ମିଳିବ। ଯଦି ପଲିସି ଅବଧି ଶେଷ ହେବା ପର୍ଯ୍ୟନ୍ତ ବୀମାଧାରୀ ସୁରକ୍ଷିତ ଥାଆନ୍ତି, ତେବେ କୌଣସି ଲାଭ ମିଳିବ ନାହିଁ । ଏଲ୍‌ଆଇସି ଏହି ଯୋଜନାରେ ମାସିକ ୪୩୬ ଟଙ୍କା ଦେବାକୁ ହେବ । ଏହାର ଅର୍ଥ ଦିନକୁ ୪୦ ଟଙ୍କାରୁ ବି କମ ଦେବାକୁ ପଡ଼େ । ପ୍ରତି ମାସର ୨୫ରୁ ୩୦ ତାରିଖ ମଧରେ ଏହି ଟଙ୍କା ଆପଣଙ୍କ ଆକାଉଣ୍ଟରୁ କଟିବ । ବୀମାଧାରୀଙ୍କ ମୃତ୍ୟୁ ପରେ ବ୍ୟକ୍ତିଙ୍କ ନାମାଙ୍କିତ ଥିବା ବ୍ୟକ୍ତିଙ୍କୁ ବୀମା କମ୍ପାନୀରେ ମୃତ୍ୟୁର ପ୍ରମାଣ ପତ୍ର ଦାଖଲ କରିବାକୁ ହେବ । ଡିସଚାର୍ଜ ରସିଦ ସହ ଅନ୍ୟ ଜରୁରୀ ଦସ୍ତାବିଜ ବି ଦାଖଲ କରିବାକୁ ହେବ । ମୃତ୍ୟୁର ୩୦ ଦିନ ମଧରେ ସମସ୍ତ ଦସ୍ତାବିଜ ଦାଖଲ କରି ଟଙ୍କା ଦାବି କରି ପାରିବେ ପରିବାର। ଏହି ଯୋଜନା ଏଲ୍‌ଆଇସି ସହ ଅନ୍ୟ ଘରୋଇ ବୀମା କମ୍ପାନୀରେ ଜଣେ ବ୍ୟକ୍ତି ପଞ୍ଜୀକରଣ କରି ପାରିବେ । ଜଣେ ବ୍ୟକ୍ତି ଯେକୌଣସି ବ୍ୟାଙ୍କକୁ ଯାଇ ଏହି ଯୋଜନା ବାବଦରେ ଅଧିକ ସୂଚନା ପାଇ ପାରିବେ ।

# ୧ ୯ରେ ବଜାରକୁ ଆସିବ ଆଇଫୋନ୍ ଏସ୍‌ଇ ୪

**ନୂଆଦିଲ୍ଲୀ, ୧୬।୨:** ଫେବୃଆରୀ ୧୯ ତାରିଖରେ ଆପଲ ଏକ ନୂଆ ପ୍ରଡକ୍ଟ ଲଞ୍ଚ୍ କରିବାକୁ ଯାଉଛି। ଏନେଇ କମ୍ପାନୀର ସିଇଓ ଟିମ୍ କୁକ୍ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କୁକ୍‌ଙ୍କର ଏହି ପୋଷ୍ଟ ପରେଆଇଫୋନ୍ ଏସ୍‌ଇ୪କୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କୁକ୍ ଏକ୍ସ ପୋଷ୍ଟରେ ଆପଲ ଲଞ୍ଚ ହ୍ୟାସ୍‌ଟ୍ୟାଗ୍ ଦେଇ ଲେଖିଛନ୍ତି "ପରିବାରର ନୂଆ ସଦସ୍ୟଙ୍କୁ ଭେଟିବା ପାଇଁ ପ୍ରସ୍ତୁତ ରୁହନ୍ତୁ। ବୁଧବାର ଫେବୃଆରୀ ୧୯ ।" ଚଳିତ ବର୍ଷର ପ୍ରଥମ ପ୍ରଡକ୍ଟର ଲଞ୍ଚ କରିବ କମ୍ପାନୀ। ଏହି ଲଞ୍ଚ ଇଭେଣ୍ଟକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କରାଯିବ ବୋଲି ସୂଚନା ମିଳିଛି। ଗତବର୍ଷ ଆଇପ୍ୟାଡ ପ୍ରୋର ଘୋଷଣା ଠିକ୍ ଏମିତି ଭିଡିଓ କନଫରେନ୍ସିଂ ମାଧ୍ୟମରେ ହୋଇଥିଲା। ଲଞ୍ଚ୍ ଡେଟ୍ ପୂର୍ବରୁଆଇଫୋନ୍ ଏସ୍‌ଇ୪ ଲଞ୍ଚ ଡେଟ୍ ସହିତ ମେଳ ଖାଉଛି। ବ୍ଲୁମ୍‌ବର୍ଗର ମାର୍କ ଗୁରମନ ମଧ ଏକ୍ସରେ ପୋଷ୍ଟ କରିଆଇଫୋନ୍ ଏସ୍‌ଇ୪ କଥା କହିଛନ୍ତି। ଆଇଫୋନ୍ ଏସ୍‌ଇ୪ ଡିଜାଇନ୍ ଚତୁର୍ଥ ପିଢ଼ିର ଆଇଫୋନ୍ ଏସ୍‌ଇ ସମ୍ପୂର୍ଣ୍ଣ ନୂଆ ଡିଜାଇନ୍ ସହିତ ଲଞ୍ଚ ହେବ। ଆଇଫୋନ୍ ୮ ଶୈଳୀରେ ଏଥିରେ ହୋମ୍ ବଟନ୍ ହଟାଇ ଏହାକୁ ଆଧୁନିକ ଲୁକ୍ ଦିଆଯାଇପାରେ। ଏଥିରେ ଆଇଫୋନ୍ ୧୪ ଏକ ଫ୍ଲାଟ-ଫ୍ରେମ୍ ଡିଜାଇନ୍ ଏବଂ ଏକ ଗ୍ଲସି ଗ୍ଲାସ୍ ବ୍ୟାକ୍ ଦେଖିବାକୁ ମିଳିପାରେ। ସାମ୍ନାରେ ୬.୦୬-ଇଞ୍ଚ ଓଏଲ୍‌ଇଡି ଡିସପ୍ଲେ ଦିଆଯିବ। ଏଥିରେ ଥିବା ନଚ୍ ଫେସ୍ ଆଇଡି ସେନ୍ସରକୁ ହୋଷ୍ଟ କରିବ। ଏହି ସ୍କ୍ରିନ୍ ୨୫୩୨x୧୧୭୦ ରିଜୋଲ୍ୟୁସନ୍, ୮୦୦ ନିଟ୍ ବ୍ରାଇଟ୍‌ନେସ ଏବଂ ୬୦ ଏଚଜେଡ୍ ରିଫ୍ରେସ୍ ରେଟ୍ ସହିତ ଆସିପାରେ। ଆଇଫୋନ୍ ୧୬ରେ ଡିସ୍‌ପ୍ଲେରେ ମଧ ଏହି ସମାନ ସୁବିଧା




ରହିଛି। ଏଥିରେ ବଡ଼ ଅପଡେଟ୍ ଦେଖିବାକୁ ମିଳିପାରେ। କାରଣ ଏଥିରେ ଆଇଫୋନ୍ ୧୬ ଏବଂ ୧୬ ପ୍ଲସରେ ବ୍ୟବହୃତ ହୋଇଥିବା ଏ୧୮ ଚିପସେଟ ଦିଆଯାଇପାରେ। ସେହିପରି ଆଇଫୋନ୍ ୧୬ ସିରିଜ ପରି ଏହି ଡିଭାଇସଟି ୮ ଜିବି ରାମ ସହିତ ଲଞ୍ଚ ହୋଇପାରେ। ଏହି ଅପଗ୍ରେଡ୍ ଯୋଗୁଁ, ଏହି ମଡେଲରେ ଆପଲ୍ ଇଣ୍ଟେଲିଜେନ୍ସ ମଧ ସପୋର୍ଟ କରିବ। ଏହା ଆପଲର ଏକ ବଜେଟ ସ୍ମାର୍ଟଫୋନ୍ ହେବ ବୋଲି ଆଶା କରାଯାଉଛି। ଏହି ସ୍ମାର୍ଟଫୋନ୍ ଷ୍ଟୋରେଜ୍ ୧୨୮ଜିବିରୁ ଆରମ୍ଭ ହେବ ବୋଲି କୁହାଯାଉଛି। ଏହାର ପୂର୍ବ ମଡେଲର ୬୪ ଜିବି ଷ୍ଟୋରେଜ୍‌ରୁ ଆରମ୍ଭ ହୋଇଥିଲା।

ଡିସପ୍ଲେ: ୬.୦୬-ଇଞ୍ଚ ଓଲେଡ, ୨୫୩୨×୧୧୭୦ ରିଜୋଲ୍ୟୁସନ୍, ୮୦୦ ନିଟ୍ସ ବ୍ରାଇଟନେସ, ୬୦ ହର୍ଟ୍‌ଜ ରିଫ୍ରେସ୍ ରେଟ, ସେରାମିକ୍ ସିଲ୍ଡ ପ୍ରୋଟେକ୍ସନ। ପ୍ରୋସେସରଃ ଏ୧୮ ବାୟୋନିକ ଚିପ୍‌ସେଟ୍, ରାମ୍ଃ ୮ଜିବି, ଷ୍ଟୋରେଜ୍ଃ ୧୨୮ଜିବି, ରିୟର କ୍ୟାମେରାଃ ୪୮ ମେଗାପିକ୍ସେଲ, ଫ୍ରଣ୍ଟ କ୍ୟାମେରାଃ ୧୨ ମେଗାପିକ୍ସେଲ, ବ୍ୟାଟେରୀଃ ୩,୨୭୯ ଏମଏଚ୍, ଚାର୍ଜିଂଃ ୟୁଏସବି-ସି (ୱାୟର୍ଡ), କ୍ୟୁଆଇ୨ ୱାୟରଲେସ୍, ୱାୟରଲେସ୍ କନେକ୍ଟିଭିଟିଃ ୫ଜି, ୱାଇ-ଫାଇ ୬, ବ୍ଲୁଟୁଥ୍ ୫.୩।ଆଇଫୋନ୍ ଏସ୍‌ଇ୪ ଦାମ ୫୨ ରୁ ୬୦ ହଜାର ଭିତରେ ରହିପାରେ ବୋଲି କୁହାଯାଉଛି।

## ଚୀନଠାରୁ ଦୂରେଇ ଭାରତରେ ସୁଯୋଗ ଖୋଜୁଛନ୍ତି ଜାପାନ କମ୍ପାନୀ

**ନୂଆଦିଲ୍ଲୀ, ୧୬।୨:** କୋଭିଡ୍ ମହାମାରୀ ପରେ ବିଭିନ୍ନ ଦେଶର କମ୍ପାନୀମାନେ ଆଉ ଚୀନ ଉପରେ ନିର୍ଭରଶୀଳ ହେବାକୁ ଚାହୁଁ ନାହାନ୍ତି। ଏଥିପାଇଁ କମ୍ପାନୀମାନେ ବର୍ତ୍ତମାନ ଚୀନ ପ୍ଲସ୍ ୱାନ୍ ରଣନୀତି ଉପରେ ଗୁରୁତ୍ୱ ଦେଉଛନ୍ତି। ଅର୍ଥାତ୍ ଚୀନ ସହିତ ଅନ୍ୟ ଏକ ଦେଶରେ ନିଜ ବ୍ୟବସାୟର ହବ୍ କରିବାକୁ ଲକ୍ଷ୍ୟ ରଖୁଛନ୍ତି। ଠିକ୍ ଯେମିତି ଜାପାନୀ କମ୍ପାନୀ। ଜାପାନର କମ୍ପାନୀଗୁଡ଼ିକ ମଧ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସେମାନଙ୍କର ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳାରେ ବିବିଧତା ଆଣିବାକୁ 'ଚୀନ ପ୍ଲସ୍ ୱାନ୍' ରଣନୀତି ଉପରେ କାମ କରୁଛନ୍ତି। ଏବଂ ସେମାନଙ୍କ ଆଖି ବର୍ତ୍ତମାନ ଭାରତ ଉପରେ ରହିଛି। ଭାରତ ହିଁ ଚୀନର ବିକଳ୍ପ ହୋଇପାରିବ ବୋଲି ଜାପାନ କମ୍ପାନୀମାନେ ଚିନ୍ତା କରୁଥିବା ସଫ୍ଟୱେର କମ୍ପାନୀ ଡେଲୋଇଟ୍‌ର ଏକ୍ସପର୍ଟ କହିଛନ୍ତି। ଏନେଇ ଇକୋନୋମିକ୍ସ ଟାଇମ୍ସରେ ଖବର ପ୍ରକାଶ ପାଇଛି। ଡେଲୋଇଟ୍ ଜାପାନର ସିଇଓ କେନିଚି କିମୁରା କହିଛନ୍ତି "କୋଭିଡ୍ ପରେ, ଜାପାନୀ କମ୍ପାନୀଗୁଡ଼ିକ ବଡ଼ ସକ୍ରିୟ ଭାବରେ ଚୀନ୍ ପ୍ଲସ୍ ସପ୍ଲାଏ ଚେନ୍ ରଣନୀତିର ସନ୍ଧାନରେ ଲାଗି ପଡ଼ିଛନ୍ତି। ଆଉ ଏପଟେ ଭାରତ ଏକ ପ୍ରମୁଖ ଆକର୍ଷଣୀୟ ସ୍ଥଳ ଭାବେ ଉଭା ହୋଇଛି। କିଛି କମ୍ପାନୀ ଚୀନରୁ ଜାପାନକୁ ଫେରି ଯାଇଥିବା ବେଳେ, ଅନ୍ୟମାନେ ଭାରତକୁ କେବଳ ଏକ ଉତ୍ପାଦନ କେନ୍ଦ୍ର ଭାବରେ ନୁହେଁ, ବରଂ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ଭଳି ହାଇ ଗ୍ରୋଥ୍ ମାର୍କେଟ୍‌ର ପ୍ରବେଶ ଦ୍ୱାର ଭାବରେ ଦେଖୁଛନ୍ତି।"

## ରାଜ୍ୟ କ୍ରେଡିଟ ସେମିନାରରେ ସମ୍ବର୍ଦ୍ଧିତ ହେଲା
# ପ୍ରାକୃତିକ ବାଲିଶଙ୍କରା କୃଷକ ଉତ୍ପାଦକ ସଂଗଠନ

**ସୁନ୍ଦରଗଡ,୧୬।୨ (ସଂଚାର ବ୍ୟୁରୋ):** ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ ବା ନାବାର୍ଡର ବହୁ ପ୍ରତିକ୍ଷୀତ କାର୍ଯ୍ୟକ୍ରମ ତଥା ଷ୍ଟେଟ କ୍ରେଡିଟ ସେମିନାର ୨୦୨୫ ଭୁବନେଶ୍ୱର ସ୍ଥିତ ହୋଟେଲ ମେଫେୟାରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ



ବର୍ଦ୍ଧନ ସିଂହଦେଓ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଏଲବିସି କନଭେନର ଗୌତମ ପାତ୍ର, ମୁଖ୍ୟ ସେକ୍ରେଟାରୀ ମନୋଜ ଆହୁଜା, ନାବାର୍ଡ ଚିପ ଜେନେରାଲ ମ୍ୟାନେଜର ସୁଧାଂଶୁ କେ କେ ମିଶ୍ର ପ୍ରମୁଖଙ୍କ ସମେତ ଓଡ଼ିଶା ସରକାରଙ୍କ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିଲେ। ସୁନ୍ଦରଗଡ଼ ପ୍ରାକୃତିକ ବାଲିଶଙ୍କରା କୃଷକ ଉତ୍ପାଦକ ସଂଗଠନ ଗତ ୨୦୨୧ରେ ଆରମ୍ଭ ହୋଇଥିଲା, ଚାଷୀ ମାନଙ୍କୁ ଧାନ, ବିହନ, ସାର, ପନିପରିବା ବିହନ, କୁକୁଡ଼ା ଚିଆଁ, ଦାନା ଯୋଗାଇବା ସହ ତାର ବ୍ୟବସାୟୀକରଣ ବ୍ୟବସ୍ଥା କରିଥାଏ ଯାହା ଦ୍ୱାରା ଚାଷୀମାନଙ୍କୁ ସ୍ୱାବଲମ୍ବୀ କରାଇବା ସହ ମୁଖ୍ୟ ସ୍ରୋତରେ ସାମିଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଏହି ସଂଗଠନ। ଅନ୍ୟ ପଟେ ଗ୍ରାମୀଣ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସହ ଋଣ ପହଞ୍ଚାଇବାକୁ ଗୁରୁତ୍ୱ ଦେଇଥାଏ। ନାବାର୍ଡ ଅଂଶୀଦାରରେ ଏହି ପ୍ରାକୃତିକ ବାଲିଶଙ୍କରା କୃଷକ ଉତ୍ପାଦକ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳର ଚାଷୀ ମାନଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠିଗତ ଭାବରେ ସ୍ୱାବଲମ୍ବୀ କରାଇବା ସହ ସେମାନଙ୍କ ଅଭିବୃଦ୍ଧି ପାଇଁ ବେଶ୍ ସହାୟକ ହୋଇଛି।


ଏହି ଅବସରରେ ଭୁବନେଶ୍ୱରର ହୋଟେଲ ମେ ଫେୟାରରେ ଆୟୋଜିତ ଷ୍ଟେଟ କ୍ରେଡିଟ ସେମିନାର କାର୍ଯ୍ୟକ୍ରମରେ ସେବକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ପ୍ରାକୃତିକ ବାଲିଶଙ୍କରା କୃଷକ ଉତ୍ପାଦକ ସଂଗଠନକୁ ସଫଳ ଉଦ୍ୟୋଗୀ ଭାବେ ସମ୍ମାନିତ କରାଯାଇଥିଲା। ଏହି ପ୍ରାକୃତିକ ବାଲିଶଙ୍କରା କୃଷକ ଉତ୍ପାଦକର ସିଇଓ ସୁରଜ ପ୍ରସାଦ ସିଂଙ୍କୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମ୍ମାନିତ କରିଥିଲେ।

**ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ**

# ବଢୁଛି ଯନ୍ତ୍ରଣା, ଶୁଣୁଛି କିଏ ?

**ସାମାନ୍ୟ ରୋଗୀଙ୍କୁ ବ୍ରହ୍ମପୁର ରେଫର୍**

**୪ ବିଶେଷଜ୍ଞ , ୬ ଡାକ୍ତର ପଦ ଖାଲି**



**ହିଞ୍ଜିଳିକାଟୁ,୧୬।୨ (ସଂଚାର ବ୍ୟୁରୋ):** ବାହାର ଚକାଚକ୍, ହେଲେ ଭିତରେ ପମ୍ପା। ବାହାରୁ ଦେଖିଲେ କୌଣସି ପାର୍କଠାରୁ କମ୍ ଲାଗିବ ନାହିଁ, ହେଲେ ଭିତରକୁ ଯିବା ପରେ ଅସଲ ସ୍ଥିତି ଜଣାପଡୁଛି। ଏହି ଦୃଶ୍ୟ ହେଉଛି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର । ବିସ୍ତୀର୍ଣ୍ଣ ମରୁଭୂମିରେ ମୁଣ୍ଡ ଟେକି ଠିଆ ହୋଇ ରହିଛି ଏହି ଡ଼ାକ୍ତରଖାନା । ନା ଅଛନ୍ତି ଆବଶ୍ୟକ ଡ଼ାକ୍ତର ନା ଅଛନ୍ତି ଆବଶ୍ୟକ କର୍ମଚାରୀ। ଆଜି ବି ଛୋଟମୋଟ ଓ ସାଧାରଣ ରୋଗର ଚିକିତ୍ସାପାଇଁ ରୋଗୀଙ୍କୁ ବ୍ରହ୍ମପୁର ବଡ଼ଡ଼ାକ୍ତରଖାନାକୁ ରେଫର କରାଯାଉଥିବା ବେଳେ ରାତିରେ ଗୋଟିଏ ଡାକ୍ତର ଓ ଗୋଟିଏ ନର୍ସରେ ଚାଲେ ଏହି ଉପଖଣ୍ଡ ଚିକିତ୍ସାଳୟ ।

ସୂଚନା ପ୍ରକାରେ, ହିଂଜିଳି ଓ ନିକଟବର୍ତ୍ତୀ ୪୦ରୁ ଅଧିକ ଗ୍ରାମର ଲୋକଙ୍କ ସାହାଭରସା ଏହି ଉପଖଣ୍ଡ ଚିକିତ୍ସାଳୟ । ୨୦୧୮ ମସିହାରେ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପାଇଥିଲା। ଏହାମଧ୍ୟରେ ହିଞ୍ଜିଳିକାଟୁ ଆରଏମସି ପରିସରରେ ୩୩ କୋଟି ଟଙ୍କା ବ୍ୟୟରେ ୮୦ ଶଯ୍ୟାବିଶିଷ୍ଟ ନୂତନ କୋଠାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। କିନ୍ତୁ କେବଳ ଡାକ୍ତରଖାନା ପରିସର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦେଉଥିବା ବେଳେ ଭିତ୍ତିଭୂମି ବିକାଶ କଥା ଯେମିତି ଭୁଲି ଯାଇଥିଲେ ।

ବର୍ତ୍ତମାନ ଏହି ଡ଼ାକ୍ତରଖାନାରେ ଆବଶ୍ୟକ ୨୨ଡ଼ାକ୍ତରଙ୍କ ବଦଳରେ ଅଧିକ୍ଷକଙ୍କୁ ମିଶାଇ ୧୬ ଜଣ ଡ଼ାକ୍ତର ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଡାକ୍ତରଙ୍କୁ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଡେପୁଟେସନରେ ପଠାଇ ଦିଆଯାଇଛି । ୪ ଜଣ ବିଶେଷଜ୍ଞ ଓ ୬ ଡାକ୍ତର ପଦବି ଖାଲି ପଡିଛି । ଭେଷଜ, ଶିଶୁ ବିଭାଗ, ଚର୍ମ ରୋଗ ଓ ଯୌନ ରୋଗ ବିଶେଷଜ୍ଞ ପଦବିରେ କେହି ନାହାନ୍ତି । ସେଇପରି ୨୧ଜଣଙ୍କ ନର୍ସଙ୍କ ସ୍ଥାନରେ ୫ ଜଣ, ୪ଜଣ ଫାର୍ମାସିଷ୍ଟଙ୍କ ବଦଳରେ ୨ ଜଣ, ୪ ଆଟେଣ୍ଡାଣ୍ଟଙ୍କ ବଦଳରେ ୨ଜଣ ଅଛନ୍ତି । ଏହା ଫଳରେ ଆଜି ପର୍ଯ୍ୟନ୍ତ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁଁ ଅଞ୍ଚଳର ଲୋକେ ଉତ୍ତମ ଚିକିତ୍ସା ପାଇପାରୁନାହାନ୍ତି । ଅନ୍ୟପକ୍ଷେ ପୂର୍ବ ଅପେକ୍ଷା ରୋଗୀ ସଂଖ୍ୟା ବଢ଼ିଥିବାବେଳେ ସ୍ଥିତିରେ କୌଣସି ସୁଧାର ଆସିନାହିଁ। ବିଶେଷକରି ଦିନରେ ଧାଡ଼ି ଯନ୍ତ୍ରଣାରେ ରୋଗୀ ଓ ସମ୍ପର୍କୀୟ ଛଟପଟ ହେଉଥିବାବେଳେ ରାତିରେ ବି ଅସୁବିଧା ଭୋଗ କରୁଛନ୍ତି ।

ଅନ୍ୟପଟେ ମେଡିକାଲରେ ଦୁଇଟି ଲିଫ୍ଟ ଥିବା ବେଳେ ଗୋଟିଏ ଲିଫ୍ଟ ତିନି ମାସ ହେଲା ବନ୍ଦ ହେଇଯାଇଛି । ଗୋଟିଏ ପଟେ ସରକାର ହସ୍ପିଟାଲରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚକା ଚକ କୋଠା ନିର୍ମାଣ କରୁଥିବା ବେଳେ ହସ୍ପିଟାଲରେ ଡାକ୍ତର ନିଯୁକ୍ତ ନକରିବା ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଟ୍ରାକ୍ଟରକୁ ଧକ୍କା ଦେଲା ମାଲବାହୀ ଟ୍ରେନ



**କଳାହାଣ୍ଡି,୧୬।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଜୋଡାବନ୍ଧ ନିକଟସ୍ଥ ବେଦାନ୍ତ ରେଳ ଫାଟକରେ ଏକ ଟ୍ରାକ୍ଟରକୁ ମାଲବାହୀ ଟ୍ରେନ ଧକ୍କା ଦେଇଥିବା ବେଳେ ଟ୍ରାକ୍ଟରରେ ବସିଥିବା ଶ୍ୟାମସୁନ୍ଦର ପଧାନ ଗୁରୁତର ହୋଇଥିଲେ। ଲାଞ୍ଜିଗଡ ଥାନା ଅନ୍ତର୍ଗତ ଯୋଡ଼ାବନ୍ଧରୁ ଗୋପୀନାଥପୁରକୁ ସଂଯୋଗ କରୁଥିବା ରେଲୱେ କ୍ରସିଂଙ୍ଗରେ ଶୁକ୍ରବାର ସକାଳୁ ଗୋପୀନାଥପୁର ଗାଁର କ୍ଷେତ୍ର ପ୍ରଧାନୀଙ୍କ ଟ୍ରାକ୍ଟର ଧାନ ଆଣିବା ପାଇଁ ଚମ୍ପାଦେଇପୁରକୁ ଆସୁଥିବା ସମୟରେ ରେଲୱେ କ୍ରସିଂଙ୍ଗରେ ହଠାତ ବେଦାନ୍ତ କମ୍ପାନୀର ମାଲବାହୀ ଟ୍ରେନ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଟ୍ରେନ ଧକ୍କାରେ ଗାଡ଼ିରେ ବସିଥିବା ଶ୍ୟାମସୁନ୍ଦର ପଧାନ ଛିଟିକି ପଡ଼ିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଲୋକଙ୍କ ଉତ୍ତେଜନା ଯୋଗୁଁ ଘଟଣାସ୍ଥଳକୁ ଲାଞ୍ଜିଗଡ ପୋଲିସ ଏବଂ ରେଲୱେ ପୋଲିସ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

## ୱେଲ୍ଡିଂ ବେଳେ ଜଳିଗଲା ସ୍କୁଲ ଭ୍ୟାନ୍

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠସ୍ଥ ବାରଙ୍ଗ ଥାନା ନିକଟ ଆନନ୍ଦ ବଜାରଠାରେ ଥିବା ଏକ ୱେଲ୍ଡିଂ ଦୋକାନରେ ଆଜି ଅଘଟଣ ଘଟିଛି। ୱେଲ୍ଡିଂ ଚାଲିଥିବା ସମୟରେ ଏକ ସ୍କୁଲ ଭ୍ୟାନ୍‌ରେ ଅଗ୍ନିକାଣ୍ଡ ଘଟିବା ଫଳରେ ଏହା ପୂରାପୂରି ଜଳିଯାଇଛି। ସ୍କୁଲ ଭ୍ୟାନଟି ଚନ୍ଦକା ଅଞ୍ଚଳର ଏକ ଘରୋଇ ସ୍କୁଲର ବୋଲି ସୂଚନା ମିଳିଛି। ଭ୍ୟାନଟି ମରାମତି ପାଇଁ ଆସିଥିବା ସମୟରେ ଆଜି ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ଏପରି ଅଘଟଣ ଘଟିଛି। ତେବେ ନିଆଁ ଲାଗିବା ପରେ ଏହା ସମଗ୍ର ଗାଡ଼ିକୁ ସଙ୍ଗେ ସଙ୍ଗେ ବ୍ୟାପିଯାଇଥିଲା। ହୁତୁ ହୁତୁ ହୋଇ ଗାଡ଼ିଟି ଜଳିବାକୁ ଲାଗିଥିଲା। ତେବେ ସେତେବେଳେ ଦୋକାନୀ ଜଣଙ୍କ ଗାଡ଼ି ତଳେ ଥିଲେ ହେଁ ତୁରନ୍ତ ବାହାରକୁ ଆସି ବର୍ତ୍ତିଯାଇଛନ୍ତି। ଏନେଇ ଖବର ପାଇ ବାରଙ୍ଗ ଥାନା ପୁଲିସ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି।

## ସଦର ଥାନାରେ ଆମ ପୋଲିସ ସମିତି ବୈଠକ



**ସୁନ୍ଦରଗଡ,୧୬।୨ (ସଂଚାର ବ୍ୟୁରୋ):** ରବିବାର ଦିନ ସଦର ଥାନା ପରିସରରେ ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ଆମ ପୋଲିସ ବୈଠକ ଆରମ୍ଭ କରିଛି। ଆଜି ପୂର୍ବାହ୍ନ ୧୦ଟାରୁ ଏହି ବୈଠକ ଆରମ୍ଭ ହୋଇ ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଚାଲିଥିଲା। ସଦର ଥାନାରେ ଶିକ୍ଷାନୁବିତ ଆଇପିଏସ ଅଫିସର ଅନନ୍ୟା ଆଓ୍ୱାସ୍ଥି ସଦର ଥାନା ଅଧିକାରୀ ଭାବେ ଯୋଗଦେବା ପରେ ପୁଣି ଥରେ ଏହି ସଂସ୍କାର ଆଣିଛନ୍ତି। ଆମ ପୋଲିସ ବୈଠକରେ ସ୍ଥାନୀୟ ଲୋକଙ୍କ ସହ ଭାଗିତା ସେ ଲୋଡିଛନ୍ତି । ଏହି ବୈଠକକୁ ଅଧିକ ଫଳପ୍ରସୂ କରିବା ନେଇ ସେ ୟୁନିସେଫର ସଦସ୍ୟା ଡକ୍ଟର ନେହା ସିଂଙ୍କ ଦ୍ୱାରା 'ପୋଲିସ ଓ ଆପଣଙ୍କ ଅଧିକାର' ବିଷୟରେ ଅତି ସରଳ ଭାବରେ ଉପସ୍ଥିତ ଜନତାଙ୍କୁ ବୁଝାଇ ଥିଲେ। ଅନ ଲାଇନ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକାର ଠକେଇକୁ ଡିଜିଟାଲ ସୁରକ୍ଷା ପାଇଁ ସଚେତନ କରାଇଥିଲେ। ଏହି ଅବସରରେ ଆଇପିଏସ ଅନନ୍ୟା ଆଓ୍ୱସ୍ଥି ଉପସ୍ଥିତ ଅଞ୍ଚଳବାସୀଙ୍କର ଥିବା ସମସ୍ୟା ଶୁଣିବା ସହ ତାର ସମାଧାନର ବାଟ ବାହାର କରିଥଲେ। ଏହାସହ ପୋଲିସ ଓ କମ୍ୟୁନିଟି ବା ପୋଲିସ ଓ ଜନତାଙ୍କ ମଧ୍ୟରେ ଯେପରି ବଳିଷ୍ଠ ସମ୍ପର୍କ ହେବ ସେ ନେଇ ଆଲୋଚନା କରିଥଲେ। ଉକ୍ତ କାର୍ଯ୍ୟକ୍ରମରେ ସଦର ଥାନା ଅଧିନରେ ଥିବା ୧୪ ଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହିତ ବିଭିନ୍ନ ଗ୍ରାମର ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

# ଅର୍ଜୁନପୁର-ବୁରଡ଼ା ରାସ୍ତା ମରଣଯନ୍ତା

**● ପ୍ରତିଦିନ ଘଟୁଛି ଦୁର୍ଘଟଣା ● ମରାମତି ପାଇଁ ଦାବି**

**ସୋନପୁର,୧୬।୨ (ସଂଚାର ବ୍ୟୁରୋ):** ସୋନପୁର ସଦର ବ୍ଲକ ଅର୍ଜୁନପୁର-ବୁର୍ଡା ରାସ୍ତାର ଅର୍ଜୁନପୁର ଛକଠାରୁ ମାତ୍ର ୧ କିଲୋମିଟର ଦୂରରେ ଜାମପାଲି ଛକ ନିକଟ ମାଁ ବନଦୁର୍ଗାଙ୍କ ପଥେଇ ପାଖରେ ଥିବା କଲଭର୍ଟ ଉପରେ ପିଚୁ ଦବିଯାଇ ବିପଜ୍ଜନକ ଭାବେ ଖାଲ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ଅର୍ଜୁନପୁର-ବୁର୍ଡା ରାସ୍ତା ଏକ ବ୍ୟସ୍ତ ବହୁଳ ରାସ୍ତା ଅଟେ। ଯେକୌଣସି ସମୟରେ ବଡ଼ ଅଘଟଣ ଘଟିବା ଆଶଙ୍କା ରହିଛି।



ସେହିପରି ସର୍ଗୁଣାମୁଣ୍ଡା ଢାବା ନିକଟବର୍ତ୍ତୀ ଗଡାଣିଆ ଠାରେ ଥିବା କଲର୍ଭଟ ମଧ୍ୟ ଦବି ଖାଲ ସୃଷ୍ଟି ହୋଇଛି। ଏହା ପୂର୍ତ୍ତ ବିଭାଗ ରାସ୍ତା ହୋଇଥିବା ବେଳେ ଏହାର ମରାମତି ପାଇଁ ସ୍ଥାନୀୟ ଲୋକେ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ବୃଦ୍ଧି ହୋଇ ରାସ୍ତା ସଙ୍କୁଚିତ ହୋଇଛି। ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ପିଚୁ ଠାରୁ ମାଟି ଖସି ଗର୍ତ୍ତ ମାନ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗର କାର୍ଯ୍ୟରତ ଜେଇଙ୍କ ଅବହେଳା ଯୋଗୁଁ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ଏହି କର୍ଲଭଟ ରାସ୍ତା ମରାମତି କରି ରାସ୍ତା କଡ଼ର ଅନାବନା ଗଛ ସଫାକରି ମାଟି ପକାଇବା ପାଇଁ ସାମାଜିକ କର୍ମୀ ସର୍ଜନ କୁମାର ପାଣ୍ଡେ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ନିବେଦନ

**ନୀଳଗିରି,୧୬।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଲୋକସଭା କ୍ଷେତ୍ରରେ ଥିବା ସମସ୍ତ ବ୍ଲକର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓଡିଶାର ପର୍ଯ୍ୟଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଦୁଇଦିନ ତଳେ ପୁଣି ସାକ୍ଷାତ କରି ତୁରନ୍ତ ଅନୁଧ୍ୟାନ କରି ଟଙ୍କା ମଂଜୁର କରିବାକୁ ଅନୁରୋଧ କରିଛନ୍ତି। ପର୍ଯ୍ୟଟନ ସ୍ଥଳୀ ମାନଙ୍କ ମଧ୍ୟରେ ନୀଳଗିରି ଓପଖଣ୍ଡ ଅଧିନ ପଞ୍ଚଲିଙ୍ଗେଶ୍ୱର ମନ୍ଦିର, କୁଳଡିହା ପ୍ରକୃତି ଶିବିର, ସଜାନଗଡ ଭୁଧାରଚଣ୍ଡି ମନ୍ଦିର, ଅଯୋଧ୍ୟା ମାରିଚି ମନ୍ଦିର ଏବଂ ସଂଗ୍ରହାଳୟ ବିଶ୍ୱେଶ୍ୱର ମହାଦେବ ମନ୍ଦିର, ଔପଦା ବ୍ଲକର ପାଣ୍ଡଭଘେରା, ନୀଳଗିରି ଜଗନ୍ନାଥ ମନ୍ଦିର, ଖନ୍ତାପଡା ଦାଣ୍ଡକାଳି ମନ୍ଦିର, ପଦ୍ମତୋଳା ହ୍ରଦ, ଖୁମକୁଟ ଡ୍ୟାମ୍, ବାବନ୍ଧ କୁମ୍ଭ ଖେତ୍ର, ଗରଡିହି ଜି.ପି. ଜଗନ୍ନାଥ ମନ୍ଦିର ରହିଛି।



ସେହିପରି ଭୋଗରାଇ ବ୍ଲକର ଚନ୍ଦନଶ୍ୱର ମନ୍ଦିର ଭୂସଣ୍ଡେଶ୍ୱର ଶୈବ ପିଠ,ମା ବାସୁଳି ପିଠ, ତାଳସାରୀ ବିଚ୍, ଉଦୟପୁର ବେଳାଭୂମି, ଇକୋ ପର୍ଯ୍ୟଟନ ପ୍ରକଳ୍ପ, ବିଚିତ୍ରପୁର, ଜଳେଶ୍ୱର ବ୍ଲକର ରାଜଘାଟ, ବାରିଣୀ ପାଡିଆ, ରାଇବଣିଆ ଦୁର୍ଗା (ଦୁର୍ଗ)ଛ ମଉଜା ଜଗନ୍ନାଥ ମନ୍ଦିର, ଗୋପୀମୋହନପୁର ଜି.ପି. ମୁଣ୍ଟୁନିଆ କବି ଦିନକୃଷ୍ଣ ପିଠ, କେ.ଏମ୍ ସାହି ବେଲି ମା ଦାରବୁଢ଼ୀ ଠାକୁରାଣୀ ପିଠ, ବସ୍ତା ଏବଂ ବାଲିଆପାଳ ବ୍ଲକ୍ର ଲଙ୍ଗଳେଶ୍ୱର ମନ୍ଦିର, ଡଗରା ବେଳାଭୂମି, ଚଉମୁଖ ବିଚ, ଚାଉଲାଟି ବିଚ୍, ଜମ୍ବିରାଇ ଜି.ପି. ନିଖିରେଶ୍ୱର ମହାଦେବ ମନ୍ଦିର, ବାଲେଶ୍ୱର ସଦର ବ୍ଲକର ଚାନ୍ଦିପୁର ସାଗର ବେଳାଭୂମି, ବନେଶ୍ୱର ମନ୍ଦିର, ପୁରଣା ବାଲେଶ୍ୱର କସାଫଳ ବେଳାଭୂମି ଦୁବୁଲାଗଡି ବିଚ୍, ଝାଡେଶ୍ୱର ମନ୍ଦିର, ଲୁଣିୟା ଯୋଡି ବ୍ରିଜ୍, ରେମୁଣା ବ୍ଲକର ଖିରଚୋରା ଗୋପୀନାଥ ମନ୍ଦିର ରାମେଶ୍ୱର ମନ୍ଦିର, କନକ ଦୁର୍ଗା ଏବଂ କୁଟ ପୋଖରୀ, ଦୁର୍ଗାଦେବୀ ମା ପିଠ, ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର, ମହମ୍ମଦାବାଦ ଜଗନ୍ନାଥ ଏବଂ ଶିବ ମନ୍ଦିର, ଶ୍ରୀଜୋଙ୍ଗ ଜି.ପି. ମଣିନାଗେଶ୍ୱର ମନ୍ଦିର, ବରଧନପୁର ଜି.ପି. ୭ ବାଡସାହି ବ୍ଲକ (ମୟୂରଭଞ୍ଜ ଜିଲ୍ଲା)ର ମା ହିଙ୍ଗୁଳା ମନ୍ଦିର, ସୁହାଗପୁରା ଜି.ପି. ବାବା କଖାରୁଆ ବୈଦ୍ୟନାଥ ଶିବ ମନ୍ଦିର, ମାଣତ୍ରୀ ହରିପୁରଗଡ, ପ୍ରତାପପୁର ଜି.ପି. ପାଉଁଶିଆ ବନ୍ଧ, ପାଉଁଶିଆ ଜି.ପି. କଣ୍ଟି ମଠ, କଳମା ଜିପି, ବେତନୋଟି ବ୍ଲକ ରହିଛି।

## ଆଦିବାସୀଙ୍କ ପ୍ରତୀକ ପୋଢ଼ମରା ପର୍ବ



**ଭବାନୀପାଟଣା,୧୬।୨ (ସଂଚାର ବ୍ୟୁରୋ):** ପୁରାତନ କାଳରୁ ଆଦିବାସୀମାନେ ନିଜର ପରମ୍ପରା ଅନୁସାରେ ଧରାଣୀପେନୁ ବା ଧରଣୀ ଦେବିଙ୍କୁ ପୂଜା କରିଆସୁଛନ୍ତି । ସେମାନେ ପ୍ରକୃତ ପୂଜା ଉପରେ ବିଶ୍ୱାସ କରୁ ଥିବାବେଳେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ଏଥିରୁ ଅନ୍ୟତମ ହେଉଛି ଆଦିବାସୀଙ୍କ ନିଆରା ପରମ୍ପରା ଚୋକିମରା ପର୍ବ ବା ପୋଢମରା ପର୍ବ। ଏହି ପର୍ବ ପୌଷ ମାସରେ ହିଁ ପାଳନ କରିଥାନ୍ତି ଆଦିବାସୀ ସମ୍ପ୍ରଦାୟ ଲୋକେ। ସେହି ଭଳି ଆଜି ହାରାହାରି ୨୪ ବର୍ଷ ପରେ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୁଷିତ ବଣପାହାଣ ଘେରା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ସ୍ଥିତ ମାଳପଡ଼ା ଗାଁରେ। ଏନେଇ ମାଳପଡ଼ା ଗାଁ ଉତ୍ସବ ମୁଖର ହୋଇଥିବା ବେଳେ ରବିବାର ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି। ଏହି ଅବସରରେ ଗାଁର ଧରଣୀପେନୁ ବା ଧରଣି ଦେବିଙ୍କ ନିକଟରେ ପୋଢ଼ ବଳି ଦେଇଥିବା ବେଳେ ଗାଁର ସମସ୍ତ ଦେବାଦେବୀଙ୍କ ଶକ୍ତି ପୀଠ ଗୁଡ଼ିକରେ ରିତିନୀତି ଅନୁଯାୟୀ ପୂଜାପାଠ କରାଯାଇଛି। ଏଥିରେ ଅନେକ ଗୃହପାଳିତ ପଶୁ ପକ୍ଷୀଙ୍କୁ ବଳି ଦିଆଯାଇଥିଲା। ଲୋକଙ୍କ ବିଶ୍ୱାସ ଯେ ପଶୁ ପକ୍ଷୀ ବଳି ଦେବା ଦ୍ୱାରା ଗାଁର ରୋଗଶୋକ ଦୂର ହେବା ସହ ପୋଡୁ ଚାଷ ତଥା କ୍ଷେତରେ ଭଲ ଫସଲ ଅମଳ ହୁଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି। ଏ ନେଇ ସୁରଯାନୀ ଦାସାନା ମାଝୀ, ପଣ୍ଡା ମାଝୀ,ପାଠଯାନୀ ଲାଲୁ ମାଝୀ,ସନା ମାଝୀ ରିତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ସହିତ ଆଦିବାସୀ ମନ୍ତ୍ର ପାଠରେ ଅଞ୍ଚଳଟି ପ୍ରକମ୍ପିତ ହେଉଥିବା ବେଳେ ଆଦିବାସୀଙ୍କ ଡାପ ନିଶାନ ବିରବାଦ୍ୟରେ ଗାଁଟି ଗୁଞ୍ଜରିତ ହୋଇଥିଲା ।



## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗରେ ବୃତ୍ତିଗତ କର୍ମଶାଳା

**ଖଲ୍ଲିକୋଟ,୧୬।୨ (ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ନୃତତ୍ତ୍ୱ ଡିଗ୍ରୀ ଶିକ୍ଷା ସମାପ୍ତି ପରେ ନିଯୁକ୍ତିର ସମ୍ଭାବନା ଦିଗରେ ସଚେତନ କରିବା ପାଇଁ ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ତଥା ବିଭାଗର ମୁଖ୍ୟ ଶ୍ରୀମତୀ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୃତ୍ତିଗତ କର୍ମଶାଳାରେ ଆଇ.ସି.ଏମ.ଆରର ବୈଜ୍ଞାନିକ ଡ. ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ଉଚ୍ଚ ଶିକ୍ଷା ବିଭାଗର ଉପାଧ୍ୟକ୍ଷା ତଥା ବକ୍ସିଜଗବନ୍ଧୁ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସମ୍ପ୍ରିତି ପଣ୍ଡା, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ. ମମତା ଜେନା ଯୋଗ ଦେଇ ନୃତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଭିନ୍ନ ବୃତ୍ତିଗତ ସମ୍ଭାବନା ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ବିଭାଗର ମୁଖ୍ୟ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ଅତିମାନଙ୍କୁ ସ୍ୱାଗତ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ଡ. ମଧୁସ୍ମିତା ସାହୁ, ମଞ୍ଚ ସଞ୍ଚାଳନ କରିଥିଲେ ଅଧ୍ୟାପିକା ଡ. ରଶ୍ମିରେଖା ଦାଶ ଶେଷରେ ଅଧ୍ୟାପକ ନୀତୁରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଭଳି କର୍ମଶାଳାରେ ବିଭାଗର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବେଶ ଉତ୍ସାହିତ ଜଣାପଡୁଥିଲେ।

## ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବୈଶିଙ୍ଗା,୧୬।୨ (ସଂଚାର ବ୍ୟୁରୋ):** ଅବିଭକ୍ତ ବୈଶିଙ୍ଗା ଗ୍ରାମ ପଞ୍ଚାୟତ ପରବର୍ତ୍ତୀ ସମୟରେ କେନ୍ଦୁଆ ପଞ୍ଚାୟତ ଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସନ୍ଧ୍ୟା ସମୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବି.ଇ.ଓ. ବିପ୍ଳବ କୁମାର କର ଯୋଗ ଦେଇ ଏହି ଅବସରରେ ପୁର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଏଥି ସହିତ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ ସାଙ୍ଗକୁ ଶାରୀରିକ ବିକାଶ ପାଇଁ କ୍ରୀଡାର ଆବଶ୍ୟକତାକୁ ଗୁରୁତ୍ୱାରୋପ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ, ବକ୍ତୃତା, ଗଣିତ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କୁମାର କର ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଏହି ବିଦ୍ୟାଳୟରେ ପୂର୍ବତନ ଛାତ୍ର ଅନ୍ତର୍ଯ୍ୟାମୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଛାତ୍ର ତଥା ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ଶିକ୍ଷା ବିଭାଗର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୀନକେତନ ସ୍ୱାଇଁ, ପରିଚାଳନା କମିଟିର ସଭାପତି ରଘୁନାଥ ସିଂ ଯୋଗଦେଇଥିଲେ।



# ଦୁର୍ବଳ ହେଉଛି ବିଜେଡି ସଂଗଠନ

**କରଛଡା ଦେଉଛନ୍ତି ନେତା ଓ କର୍ମୀ**

**କାକଟପୁର/ଅସ୍ତରଙ୍ଗ,୧୬।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି ବିଜେଡି। ବିଗତ କିଛି ବର୍ଷ ହେବ କାକଟପୁର ନିର୍ବାଚନ ମଣ୍ଡଳୀ ବିଜେଡି କବଜାରେ ରହିଛି। କିନ୍ତୁ ଗତ ସାଧାରଣ ନିର୍ବାଚନରେ ବିଧାନସଭା ପ୍ରାଥୀ ବିଜୟୀ ହୋଇଥିବା ବେଳେ ଲୋକସଭା ଆସନ ବିଜେପି ଦଖଲ କରିବା ପରେ ବିଜେଡି ଶିବିରରେ ନୈରାଶ୍ୟ ଭାବ ଦେଖାଦେଇଥିଲା। ଏହା ପରଠୁ ଆଉ ନେତା କି କର୍ମୀଙ୍କ ମଧ୍ୟରେ ଆଉ ଆଗଭଳି ଉତ୍ସାହ ଦେଖିବାକୁ ମିଳୁନି। ସାଧାରଣ ନିର୍ବାଚନ ପରେ କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗରେ ଦଳୀୟ କାର୍ଯ୍ୟକ୍ରମ ସେତେଟା ଆଖିଦୃଶିଆ ହେଉନଥିବା ବେଳେ ତୃଣମୂଳସ୍ତରରେ ନେତା ଓ କର୍ମୀମାନେ କରଛଡା ଦେଉଛନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ କିଛି କର୍ମୀ କ୍ରମଶଃ ବିଜେପି ଶିବିରକୁ ଡିଆଁ ମାରୁଥିବା ବେଳେ ଏକାଧିକ ନେତା ବିଜେପି ଶିବିରକୁ ଡିଆଁ ମାରିବାକୁ ସୁଯୋଗ ଅପେକ୍ଷାରେ ରହିଛନ୍ତି।

ଗତ ସାଧାରଣ ନିର୍ବାଚନରେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ବିଧାୟକ ତୁଷାରକାନ୍ତି ବେହେରା ବିଜୟୀ ହୋଇଥିବା ବେଳେ ସରକାର କିନ୍ତୁ ରାଜ୍ୟରେ ପରିବର୍ତ୍ତନ ହୋଇଛି। ଏହାପରେ ଆଖିଦୃଶିଆ କାର୍ଯ୍ୟକ୍ରମ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଦେଖିବାକୁ ମିଳୁନାହିଁ। ଯେପରିକି ବିଜେଡି ପଦଯାତ୍ରା ସହ ଅନେକ କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ।

ଅନ୍ୟ ପଟେ ଜଗତସିଂହପୁର ଲୋକସଭା ଆସନରୁ ବିଜେପି ନେତା ବିଭୁପ୍ରସାଦ ତରାଇ ବିଜୟୀ ହେବା ପରେ ଅସ୍ତରଙ୍ଗରେ କ୍ରମଶଃ ସୁଦୃଢ ହେଉଛି ବିଜେପି। କିନ୍ତୁ ନୂଆ ସରକାର ଆସିବାକୁ ୮ମାସ ବିତିସାରିଥିବା ବେଳେ ଏ ପର୍ଯ୍ୟନ୍ତ ଅସ୍ତରଙ୍ଗରେ ସାଂସଦଙ୍କ ପ୍ରତିନିଧିଙ୍କ ନାମ ଘୋଷଣା ହୋଇନାହିଁ। ଅନ୍ୟ ପଟେ କାକଟପୁର ନିର୍ବାଚନ ମଣ୍ଡଳୀରେ ଯାହା ଚର୍ଚ୍ଚା ହେଉଛି ବିଜେପି ଗୋଷ୍ଠୀ କନ୍ଦଳ ଯୋଗୁଁ ବିଜେପି ୨ ଭାଗ ଯାହାକି ସାଧାରଣ ଆଲୋଚନା ପ୍ରସଙ୍ଗ ହୋଇଛି। ଅନେକ ସ୍ଥାନରେ ହେଉ ଅବା ବିଭିନ୍ନ କାର୍ଯ୍ୟକ୍ରମରେ ବିଜେପି ଦଳୀୟ ନେତାଙ୍କ ଅଲଗା ଅଲଗା ହୋଡିଂ ଲାଗୁଛି।

ସାଧାରଣ ନିର୍ବାଚନ କିଛି ମାସ ବିତିଯାଇଛି ସତ ସ୍ଥାନୀୟ ଅଞ୍ଚଳରେ ବିଜୁ ଜନତା ଦଳର ପ୍ରାଥୀ ବିଜୟୀ ହୋଇଛନ୍ତି କିନ୍ତୁ ରାଜ୍ୟରେ ସରକାର ପରିବର୍ତ୍ତନ ହେତୁ ନୈରାଶ୍ୟ ଭାବ ଏବେ ବି ମନରୁ ଯାଇନି।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଉଥିବା ବେଳେ କାକଟପୁର ନିର୍ବାଚନ ମଣ୍ଡଳୀରେ ତାହା କାହିଁ ସେତେ ମାତ୍ରାରେ ଦେଖାଯାଉନାହିଁ । ଅନେକ ଦଳୀୟ ନେତା ଓ ଜନପ୍ରତିନିଧି ବିଜେପି ଶିବିରରେ ଯୋଗଦେବାକୁ ସଜବାଜ ହେଉଛନ୍ତି। ଅସ୍ତରଙ୍ଗ ବ୍ଲକର ୪୦ପ୍ରତିଶତରୁ ଉର୍ଦ୍ଧ୍ୱ ପଂଚାୟତରେ ବିଜେଡି ସମର୍ଥିତ ଜନପ୍ରତିନିଧି ରହିଥିବା ବେଳେ ସେମାନଙ୍କୁ ଅନେକ ସମୟରେ ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନି। କିଛି ଦିନ ପୂର୍ବେ ଦଳର ପ୍ରତିଷ୍ଠା ଦିବସ ମଧ୍ୟ ହାତଗଣତି କର୍ମୀଙ୍କୁ ନେଇ ପାଳନ ହୋଇଥିଲା। ଗୋଟେ ପରେ ଅସ୍ତରଙ୍ଗ ବ୍ଲକରେ ବିଜେପିର ଗୋଷ୍ଠି କନ୍ଦଳ ଥିବା ବେଳେ ବିଜେଡି ଏବେ ଠାରୁ ଗାଁ ଗାଁରେ ଲୋକଙ୍କୁ ଏକତ୍ରିତ କରିବା ସହ ସଂଗଠନ ନ ସଜାଡ଼ିଲେ ଆସନ୍ତା ପଂଚାୟତ ନିର୍ବାଚନ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି।

## କେନ୍ଦୁଝର ଜିଲ୍ଲା ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘର କାର୍ଯ୍ୟକାରିଣୀ ବୈଠକ



**କେନ୍ଦୁଝର,୧୬।୨ (ସଂଚାର ବ୍ୟୁରୋ):** କେନ୍ଦୁଝର-ଯୋଡ଼ା-ଓଡିଶା ଏନପିଏସ ପ୍ରାଥମିକ ଶିକ୍ଷକ ସଙ୍ଘ ତରଫରୁ ଆଜି ନରଣପୁର ସ୍ଥିତ ହଳଦିଆ ଟାଙ୍ଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସର୍ବ ପ୍ରଥମେ କେନ୍ଦୁଝରର ଆରାଧ୍ୟ ଦେବୀ ମା ତାରିଣୀଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିବା ସହିତ ଧୂପ ପ୍ରଜ୍ୱଳନ କରାଯିବା ପରେ କେନ୍ଦୁଝର ଜିଲ୍ଲା ଓଡିଶା ପ୍ରାଥମିକ ସଙ୍ଘର ସ୍ଥାୟୀ ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ସଭାପତିତ୍ୱରେ ଆଜିର ବୈଠକ ଆରମ୍ଭ କରାଯାଇଥିଲା। ତେର ଗୋଟି ବ୍ଲକରୁ ଆସିଥିବା ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ମାନଙ୍କୁ ସଭାପତି ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇବା ପରେ ଆଗାମୀ କାର୍ଯ୍ୟପନ୍ଥା ଓ ଦାବୀ ହାସଲ ନିମନ୍ତେ ସଙ୍ଘ ତରଫରୁ ନେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘର ରାଜ୍ୟ ଉପସଭାପତି ମନୋଜ କୁମାର ମହନ୍ତ ଓ ଯୁଗ୍ମ ସମ୍ପାଦକ ମାୟାଧର ମଲ୍ଲିକ, କେନ୍ଦୁଝର ସଦର ବ୍ଲକର ସମ୍ପାଦକ ଉମା ଶଙ୍କର ମିଶ୍ର ଓ ବରିଷ୍ଠ ଶିକ୍ଷକ କଳାକାର ସାର ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘର ଅତୀତ ଦିନର ସଫଳତା ବଳରେ କିପରି ଓଡିଶାର ସମସ୍ତ ବର୍ଗର ଶିକ୍ଷକମାନେ ସଫଳତା ହାସଲ କରିଛନ୍ତି ସେ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।